# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୭/୨୦୨୦ (୧୩ ପୃଷ୍ଠା) | Bhubaneswar, Friday, August 7/2020 | ★★★★★★

୪୬ଶ ଭାଗ ୨୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପ୍ରେମରେ ନ ଥାଏ ବାଛବିଚାର**

ଅଭିନେତ୍ରୀ ଦୀପିକା କକ୍କର ସ୍ୱାମୀ ସୋଏବ୍‌ଙ୍କ ସହ ନିଜ ଜନ୍ମଦିନ ପାଳିଛନ୍ତି। ଦୁହିଁଙ୍କ ଧର୍ମ ଅଲଗା ହୋଇଥିଲେ ହେଁ ସେମାନଙ୍କ ପ୍ରେମ ପବିତ୍ର ବୋଲି ଦୀପିକା କହିଛନ୍ତି।

୧୦

୦୯

**ମାସୁଦଙ୍କ ଶତକ**

ମାଞ୍ଚେଷ୍ଟରଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ପାକିସ୍ତାନ ଓପନର ଶାନ ମାସୁଦ।






# ଲକ୍ଷ୍ମୀ: ନାଁକୁ କାମ, ମିଳୁନି ସୁବିଧା

**କଟକ ଅଫିସ,୬।୮**




କରୋନା କଟକଣା ଯୋଗୁ ବିଭିନ୍ନ ରାଜ୍ୟରେ ନିଯୁକ୍ତି ହରାଇ ପ୍ରବାସୀମାନେ ନିଜ ଘରକୁ ଫେରିଲେ। ଲୋକଙ୍କ ଜୀବନଜୀବିକାକୁ ଗୁରୁତ୍ୱ ଦେଇ ଜିଲା ପ୍ରଶାସନ ସେମାନଙ୍କୁ ସ୍ଥାନୀୟ ଅଞ୍ଚଳରେ କାମ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଲେ। ଫଳରେ ପ୍ରବାସୀଙ୍କ ମନରେ ନୂଆ କର୍ମସଂସ୍ଥାନର ଆଶା ସଞ୍ଚାର ହୋଇଥିଲା। ଏଥିପାଇଁ କଟକ ଜିଲାର ବିଭିନ୍ନ ସ୍ଥାନରେ ଶିବିରମାନ ଆୟୋଜନ କରାଯାଇ ଦକ୍ଷତା ଅନୁସାରେ କାମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଗଲା। ଇତିମଧ୍ୟରେ ଦେଢ଼ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କାହାରିକୁ ଠିକ୍‌ଭାବେ କାମ ମିଳିଲା ନାହିଁ। ଆଉ ଯେଉଁ କେତେଜଣ ହାତଗଣତିଙ୍କୁ କାମ ମିଳିଲା ସେମାନେ ଉପଯୁକ୍ତ ପରିବେଶ ନ ପାଇବାରୁ ଘରକୁ ଫେରିବାକୁ ବାଧ୍ୟ ହୋଇଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ କୌଣସି କାମଧନ୍ଦା ନ ପାଇ ଅନେକ ପ୍ରବାସୀ ଏବେ ନିଜ ପୂର୍ବ କର୍ମସ୍ଥଳକୁ ଫେରିଯିବାକୁ ପ୍ରସ୍ତୁତ ହେଲେଣି। ଅପରପକ୍ଷରେ ଜିଲା ପ୍ରଶାସନ ଏବେ କରୋନା ସଂକ୍ରମଣ ବୃଦ୍ଧିକୁ ଆଳକରି କାମ ଯୋଗାଇବା ପରିବର୍ତ୍ତେ ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦେଉଛି।

ଗତ ମାର୍ଚ୍ଚଠାରୁ ଇତିମଧ୍ୟରେ କଟକ ଜିଲାର ପ୍ରାୟ ୨୫ହଜାର ପ୍ରବାସୀ ପର୍ଯ୍ୟାୟକ୍ରମେ ନିଜ ଘରକୁ ଫେରିଲେଣି। ଏବେ ବି ଅନେକେ ଫେରିବାରେ ଲାଗିଛନ୍ତି। ସେମାନଙ୍କ ଜୀବନଜୀବିକାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କଟକ ଜିଲା ପ୍ରଶାସନ ତରଫରୁ ଲାଇଭ୍‌ଲିହୁଡ୍ ଆଡଭାନ୍ସମେଣ୍ଟ ଥ୍ରୁ ନଲେଜ୍, ସେଲ୍‌ଫ୍ ହେଲ୍‌ପ ଆଣ୍ଡ ମଡର୍ନ ଇନିସିଏଟିଭ୍(ଲକ୍ଷ୍ମୀ) ନାମରେ ଏକ ସ୍ୱତନ୍ତ୍ର ଯୋଜନା ଗତ ଜୁନ୍ ୨୨ତାରିଖରେ ଆରମ୍ଭ କରାଯାଇଥିଲା। ଦକ୍ଷତା ଭିତ୍ତିରେ ପ୍ରବାସୀଙ୍କୁ କାମ ଯୋଗାଇ ଦେବା ପାଇଁ ଏଭଳି ଏକ ଯୋଜନା କାର୍ଯ୍ୟକାରୀ କରିବାରେ କଟକ ଜିଲା ରାଜ୍ୟରେ ପ୍ରଥମ ବୋଲି ସେତେବେଳେ କୁହାଯାଇଥିଲା। ଏହିକ୍ରମରେ ଯେଉଁ ପ୍ରବାସୀମାନେ ଜିଲାକୁ ଫେରିଛନ୍ତି, ଜିଲା କର୍ମନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଇଥିଲା। ଏଥିରେ ସେମାନେ ପୂର୍ବରୁ କେଉଁଠାରେ କାମ କରୁଥିଲେ, କିଏ କେଉଁଥିରେ କୁଶଳୀ, ସେହି ଅନୁସାରେ ସେମାନଙ୍କ ଦକ୍ଷତା ଅନୁଯାୟୀ ବର୍ଗୀକରଣ କରାଯାଇଥିଲା। ସ୍ୱତନ୍ତ୍ର କ୍ୟାମ୍ପ ଜରିଆରେ ବିଭିନ୍ନ କମ୍ପାନୀଗୁଡ଼ିକ ଜିଲାର ପ୍ରବାସୀଙ୍କୁ ନିଜ ସଂସ୍ଥାରେ ନିଯୁକ୍ତି ଦେବେ ବୋଲି କୁହାଯାଇଥିଲା। ଜିଲାର ପ୍ରାୟ ୨୫ ହଜାର ପ୍ରବାସୀଙ୍କୁ ଦକ୍ଷତା ଅନୁଯାୟୀ ନିଯୁକ୍ତି ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ଭବାନୀ ଶଙ୍କର ଚଇନୀ ସେତେବେଳେ କହିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଜୁନ୍ ୨୨ରେ ବାଙ୍କୀ ଏବଂ ଡମପଡ଼ାଠାରେ ଲକ୍ଷ୍ମୀ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ପ୍ରାୟ ୩୦୦ ପ୍ରବାସୀ ଭାଗନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୪୪ଜଣଙ୍କୁ ବିଭିନ୍ନ ଟ୍ରେଡ୍‌ରେ ପଞ୍ଜୀକୃତ ☞ପୃଷ୍ଠା-୪

**ହସ୍ପିଟାଲରେ ଅଗ୍ନିକାଣ୍ଡ**

# ୮ କରୋନା ରୋଗୀଙ୍କ ମୃତ୍ୟୁ

## ୩ ଜଣଙ୍କୁ ଉଦ୍ଧାର କଲେ ଆଟେଣ୍ଡାଣ୍ଟ

**ଅହମଦାବାଦ, ୬।୮(ପି.ଟି.)**

ଗୁଜରାଟର ଅହମଦାବାଦ ସହରରେ ଥିବା ଏକ ଘରୋଇ କୋଭିଡ୍ ହସ୍ପିଟାଲର ଆଇସିୟୁ ୱାର୍ଡରେ ଗୁରୁବାର ଭୋର ସମୟରେ ନିଆଁ ଲାଗିଯିବାରୁ ୮ ଜଣ କରୋନା ରୋଗୀଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ହସ୍ପିଟାଲର କେତେଜଣ କର୍ମଚାରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ପୁରୁଷ ଓ ୩ ଜଣ ମହିଳା ଅଛନ୍ତି। କେନ୍ଦ୍ର ଓ ଗୁଜରାଟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି।

ଅଧିକାରୀଙ୍କ କହିବା ଅନୁଯାୟୀ କୋଭିଡ୍ ରୋଗୀଙ୍କ ଚିକିତ୍ସା କରାଯାଉଥିବା ନବରଙ୍ଗପୁରା ଅଞ୍ଚଳର ଏହି ୪ ମହଲା ବିଶିଷ୍ଟ ଶ୍ରେୟ ହସ୍ପିଟାଲ୍‌ର ଉପର ମହଲାରେ ଭୋର ୩ଟା ୩୦ ମିନିଟରେ ନିଆଁ ଲାଗିଯାଇଥିଲା। ସେହି ସମୟରେ ଚତୁର୍ଥ ମହଲାରେ ଥିବା ☞ପୃଷ୍ଠା-୪

# ଗିରୀଶ ମୁର୍ମୁ ସିଏଜି ନିଯୁକ୍ତ

## ମନୋଜ ସିହ୍ନା ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ହେଲେ



ଗିରୀଶ ଚନ୍ଦ୍ର ମୁର୍ମୁ



ମନୋଜ ସିହ୍ନା

**ନୂଆଦିଲ୍ଲୀ,୬।୮**

ଜମ୍ମୁ-କଶ୍ମୀର ଉପରାଜ୍ୟପାଳ (ଏଲ୍‌ଜି) ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ଭାରତର ନୂଆ ସମୀକ୍ଷକ ଓ ମହାଲେଖା ପରୀକ୍ଷକ (ସିଏଜି) ଭାବେ ନିଯୁକ୍ତ କରାଯାଇଛି। ସେ ବୁଧବାର ରାତିରେ ଉପରାଜ୍ୟପାଳ ପଦରୁ ଇସ୍ତଫା ଦେବା ପରେ ଗୁରୁବାର ତାଙ୍କୁ ଏହି ନିଯୁକ୍ତି ମିଳିଛି। ସିଏଜି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବାରେ ମୁର୍ମୁ ହେଉଛନ୍ତି ପ୍ରଥମ ଓଡ଼ିଆ। ତାଙ୍କ ସ୍ଥାନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଉତ୍ତରପ୍ରଦେଶର ଭାଜପା ନେତା ମନୋଜ ସିହ୍ନାଙ୍କୁ କଶ୍ମୀରର ନୂଆ ଉପରାଜ୍ୟପାଳ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନକୁ ବର୍ଷେ ପୂରିଥିବାବେଳେ ଏଲ୍‌ଜି ପଦରୁ ଇସ୍ତଫା ଦେଇଥିବା ମନୋଜଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିଏଜି ପଦରେ ନିଯୁକ୍ତ କରିଥିବା ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଗିରୀଶ ମୁର୍ମୁଙ୍କ ଘର ଓଡ଼ିଶାର ମୟୂରଭଞ୍ଜ ଜିଲା ବେତନଟୀରେ। ୧୯୫୯ ନଭେମ୍ବର ୨୧ରେ ଏକ ସାନ୍ତାଳ ପରିବାରରେ ଜନ୍ମିତ ମୁର୍ମୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପରେ ସେ ବୀରଭୂମ ୟୁନିଭର୍ସିଟିରେ ଏମ୍‌ବିଏ ପାଠ ପଢ଼ିଥିଲେ। ୨ ଭଉଣୀ ଓ ୬ ଭାଇଙ୍କ ମଧ୍ୟରେ ମୁର୍ମୁ ସବୁଠୁ ବଡ଼। ତାଙ୍କର ଜଣେ ସାନଭାଇ ବର୍ତ୍ତମାନ ଭାରତୀୟ ☞ପୃଷ୍ଠା-୪

# ରେପୋ ରେଟ୍ ଅପରିବର୍ତ୍ତିତ

- ଏନ୍‌ଏଚ୍‌ବି, ନାବାର୍ଡକୁ ମିଳିବ ୧୦ ହଜାର କୋଟି
- ସୁନା ଋଣ ସୀମା ୯୦%କୁ ବଢ଼ିଲା
- କର୍ପୋରେଟ, ବ୍ୟକ୍ତିଗତ ଋଣ ପୁନର୍ଗଠନ ଲାଗି ଆସିବ ୱିଣ୍ଡୋ
- ଏମ୍‌ଏସ୍‌ଏମ୍‌ଇ ଋଣ କ୍ଷେତ୍ରରେ ଆଶ୍ୱସ୍ତି ମିଳିବ
- ସଂକ୍ରମଣ ବୃଦ୍ଧି ଯୋଗୁ ଅଭିବୃଦ୍ଧି କ୍ଷତିଗ୍ରସ୍ତ

**ମୁମ୍ବାଇ,୬।୮**

କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଏଭଳି ସ୍ଥିତିରେ ବଜାରକୁ ଧ୍ୟାନରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗୁରୁବାର ଶେଷ ହୋଇଥିବା ଏହାର ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଛି। କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଥର ରେପୋ ରେଟ୍( ଯେଉଁ ସୁଧ ହାରରେ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଋଣ ଦିଏ) ୪%ରେ ଅପରିବର୍ତ୍ତିତ ରହିଛି। ସେହିଭଳି ରିଭର୍ସ ରେପୋ ୩.୩୫%( ବାଣିଜ୍ୟିକ ବ୍ୟାଙ୍କଗୁଡିକଠାରୁ ଯେଉଁ ସୁଧ ହାରରେ ଆର୍‌ବିଆଇ ଋଣ ନେଇଥାଏ)ରେ ମଧ୍ୟ କୌଣସି ପରିବର୍ତ୍ତନ କରିନାହିଁ। ଘରୋଇ ବଜାରକୁ ଟ୍ରାକ୍‌କୁ ଫେରାଇ ଆଣିବା ଦିଗରେ ବିଭିନ୍ନ ପଦକ୍ଷେପ ନେବାକୁ କେନ୍ଦ୍ରୀୟ ବ୍ୟାଙ୍କ ପଥ ଉନ୍ମୁକ୍ତ ରଖିଥିବା ସୂଚନା ଦେଇଛି।

ଏହି ଅବସରରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ନଗଦ ସୁବିଧାକୁ ତ୍ୱରାନ୍ୱିତ କରିବା ଲାଗି ନ୍ୟାଶନାଲ ହାଉସିଂ ବ୍ୟାଙ୍କ(ଏନ୍‌ଏଚ୍‌ବି) ଏବଂ ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ(ନାବାର୍ଡ)କୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମାନ୍ଦାବସ୍ଥାରେ ମଧ୍ୟ ଚମକୁଛି**

# ଓଡ଼ିଶାର ସୁନାମି ପ୍ରସ୍ତୁତିକୁ ୟୁନେସ୍କୋ ସ୍ୱୀକୃତି

**ଭୁବନେଶ୍ୱର,୬।୮(ବ୍ୟୁରୋ)**



- ୫୦ ଦେଶରୁ ପ୍ରଥମ ରାଜ୍ୟ ଭାବେ ଗୌରବ ଲାଭ
- ନୋଳିଆସାହି, ଭେଙ୍କଟରାୟପୁର ସୁନାମି ରେଡି ଗାଁ
- ରାଜ୍ୟର ୬ ଜିଲାର ୩୨୨ ଗ୍ରାମ ସୁନାମି ପ୍ରବଣ
- ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ଆଜି ମିଳିବ ପ୍ରମାଣପତ୍ର

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାକୁ ମିଳିଛି ଅନ୍ତର୍ଜାତୀୟ ସ୍ୱୀକୃତି। ୟୁନେସ୍କୋର ଇଣ୍ଟରଗଭର୍ନମେଣ୍ଟାଲ ଓସେନୋଗ୍ରାଫିକ କମିଶନ(ଆଇଓସି) ଓଡ଼ିଶାର ଜଗତ୍‌ସିଂହପୁର ଜିଲା ନୋଳିଆ ସାହି ଏବଂ ଗଞ୍ଜାମ ଜିଲା ଭେଙ୍କଟରାୟପୁର ଗ୍ରାମକୁ ଦେଶରେ ପ୍ରଥମ କରି ସୁନାମି ପ୍ରସ୍ତୁତ (ସୁନାମି ରେଡି) ଗ୍ରାମ ଭାବେ ଘୋଷଣା କରିଛି। ସାମୁଦ୍ରିକ ବିପର୍ଯ୍ୟୟ ସୁନାମି କବଳରୁ ଉପକୂଳ ଲୋକମାନଙ୍କୁ କିପରି ବଞ୍ଚାଇ ହେବ ସେ ନେଇ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ)ଙ୍କ ଦ୍ୱାରା ଜଗତ୍‌ସିଂହପୁର ଜିଲାର ନୋଳିଆସାହି ଏବଂ ଗଞ୍ଜାମ ଜିଲାର ଭେଙ୍କଟରାୟପୁର ଗ୍ରାମକୁ ସୁନାମି ପ୍ରସ୍ତୁତ(ସୁନାମି ରେଡୀ) ଗ୍ରାମ ☞ପୃଷ୍ଠା-୪




**୧୭ ସ୍ଥାନରେ ଇଡିର ଚଢାଉ**

୧୭୭ କୋଟି ଜମ୍ମୁ-କଶ୍ମୀର ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଦେଶର ୧୭ଟି ସ୍ଥାନରେ ଚଢାଉ କରାଯାଇଛି। ପଞ୍ଜାବର ଲୁଧିଆନା, ଦିଲ୍ଲୀ, ଜମ୍ମୁ-କଶ୍ମୀରରେ ଚଢାଉ ଚାଲିଛି। ଜମ୍ମୁ-କଶ୍ମୀରର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ନ୍ୟାଶନାଲ କନ୍‌ଫରେନ୍ସ ନେତା ଅବ୍‌ଦୁଲ ରହିମ ରାଥରଙ୍କ ପୁଅ ହିଲାଲ୍ ଅମହମଦ ରାଥରଙ୍କ ବାସଭବନ ଉପରେ ମଧ ଚଢାଉ କରାଯାଇଛି।



# ପ୍ରତିରକ୍ଷା ତଥ୍ୟ ଗାଏବ

## ମନ୍ତ୍ରଣାଳୟର ୱେବ୍‌ସାଇଟରେ ଥିଲା ଚାଇନା ସୈନ୍ୟଙ୍କ ଅନୁପ୍ରବେଶ ସୂଚନା




ନୂଆଦିଲ୍ଲୀ, ୬।୮

ଚାଇନା ସୈନ୍ୟ ମେ’ ପ୍ରଥମ ଭାଗରେ ପୂର୍ବ ଲଦାଖର ଭାରତୀୟ ଅଞ୍ଚଳ ମଧ୍ୟରେ ଅନୁପ୍ରବେଶ କରିଥିଲେ। ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରଣାଳୟ ୱେବ୍‌ସାଇଟର ଖବର ବିଭାଗରେ ଥିବା ଏକ ଦସ୍ତାବିଜ୍‌ରେ ଏହାକୁ ସ୍ୱୀକାର କରାଯାଇଥିଲା। ଦୁଇଦିନ ପରେ ୱେବ୍‌ସାଇଟରୁ ଉକ୍ତ ପୃଷ୍ଠା ଗାଏବ ହୋଇଯାଇଛି।

ଚଳିତ ବର୍ଷ ମେ’ ୫ରୁ ଚାଇନା ସୈନ୍ୟ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅତିକ୍ରମ କରି ଭାରତୀୟ ଅଞ୍ଚଳ ମଧ୍ୟରେ ପ୍ରବେଶ କରିଥିଲେ। ବିଶେଷକରି ଗଲୱାନ ଉପତ୍ୟକାରେ ସେମାନଙ୍କ ଉପସ୍ଥିତି ବଢ଼ିଥିଲା। ଏହାବ୍ୟତୀତ ମେ’ ୧୭-୧୮ରେ ସେମାନେ କୁଙ୍ଗରାଙ୍ଗ ନାଲା, ଗୋଗ୍ରା ଓ ପଙ୍ଗଓଙ୍ଗ ସୋର ଉତ୍ତର ପାର୍ଶ୍ୱରେ ସେମାନେ ଅନୁପ୍ରବେଶ କରିଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ଦସ୍ତାବିଜ୍‌ରେ ସ୍ୱୀକାର କରାଯାଇଛି। ୱେବ୍‌ସାଇଟର ‘ହ୍ୱାଟ୍ ଇଜ୍ ନ୍ୟୁ’ ବିଭାଗରେ ଥିବା ‘ଚାଇନିଜ୍ ଆଗ୍ରେଶନ ଅନ୍ ଏଲ୍‌ଏସି’ରେ ଏହା ଦର୍ଶାଯାଇଥିଲା। ଏଥିରେ କୁହାଯାଇଛି, ପରିସ୍ଥିତିକୁ ଶାନ୍ତ କରାଇବା ପାଇଁ ତଳସ୍ତରରେ ଉଭୟ ପକ୍ଷର ସୈନ୍ୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଜୁନ୍ ୬ରେ କର୍ପସ କମାଣ୍ଡର ସ୍ତରୀୟ ଫ୍ଲାଗ୍ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ତେବେ ଜୁନ୍ ୧୫ରେ ଗଲୱାନ୍ ଉପତ୍ୟକାରେ ଦୁଇପକ୍ଷ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା ବୋଲି ଦସ୍ତାବିଜ୍‌ରେ ଉଲ୍ଲେଖ ଥିଲା। ଏଥିରେ ଆହୁରି କୁହାଯାଇଛି, ଜୁନ୍ ୨୨ରେ ଦ୍ୱିତୀୟ ପର୍ଯ୍ୟାୟ କମାଣ୍ଡର ସ୍ତରୀୟ ବୈଠକରେ ଉତ୍ତେଜନା ହ୍ରାସ ପାଇଁ ଆଲୋଚନା ହୋଇଥିଲା।

ଗୁରୁବାର ସକାଳେ ୱେବ୍‌ସଇଟରୁ ଉକ୍ତ ଦସ୍ତାବିଜ୍‌କୁ ହଟାଇଦିଆଯାଇଛି। ଏହାର ଲିଙ୍କ୍ କାମ କରୁନାହିଁ। ଦସ୍ତାବିଜ୍ ତାଙ୍କ ମାଧମରେ ଯାଇ ନ ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି। ମେ’ ମାସରୁ ଏଲ୍‌ଏସି ନିକଟରେ ଉତ୍ତେଜନା ଲାଗି ରହିଥିବାବେଳେ ଚାଇନା ସୈନ୍ୟ ଭାରତୀୟ ଅଞ୍ଚଳ ମଧ୍ୟରେ ପ୍ରବେଶ କରିବା ସମ୍ପର୍କରେ ପ୍ରଥମ ଥର ପାଇଁ ସରକାରୀ ଭାବେ ସୂଚନା ଦିଆଯାଇଥିଲା।

### ଡକ୍ୟୁମେଣ୍ଟ ହଟାଇଦେଲେ ତଥ୍ୟ ବଦଳିଯିବ ନାହିଁ: କଂଗ୍ରେସ

ନୂଆଦିଲ୍ଲୀ, ୬।୮: ଲଦାଖରେ ଚାଇନା ସୈନ୍ୟଙ୍କ ପ୍ରବେଶ ରିପୋର୍ଟକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର ୱେବ୍‌ସାଇଟରୁ ହଟାଇଦେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାର ବିରୋଧୀ ଦଳ ଦ୍ୱାରା ସମାଲୋଚିତ ହୋଇଛନ୍ତି। ଦସ୍ତାବିଜ୍ ହଟାଇଦେଲେ ତଥ୍ୟ ବଦଳିଯିବ ନାହିଁ ବୋଲି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କହିଛି। ଚାଇନା ସୈନ୍ୟ ଭାରତୀୟ ଅଞ୍ଚଳ ମଧ୍ୟରେ ପ୍ରବେଶ କରିନାହାନ୍ତି ବୋଲି ଜୁନ୍‌ରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୋଦି କହିଥିଲେ। ପ୍ରଧାନମନ୍ତ୍ରୀ କାହିଁକି ମିଛ କହିଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ୱେବ୍‌ସାଇଟ ରିପୋର୍ଟକୁ ଦର୍ଶାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଟୁଇଟ୍ କରିଛନ୍ତି। ଚାଇନା ନାଁ ନେବାକୁ ପ୍ରଧାନମନ୍ତ୍ରୀଙ୍କର ସାହସ ନାହିଁ ବୋଲି ରାହୁଲ କହିଛନ୍ତି। ଦସ୍ତାବିଜ୍ ହଟାଇଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କୁ ସୁରକ୍ଷାଦେବାକୁ ଉଦ୍ୟମ କରୁଛି କି ବୋଲି କଂଗ୍ରେସ ମୁଖପାତ୍ର ଅଜୟ ମାକେନ୍ ପ୍ରଶ୍ନ କରିଛନ୍ତି।



ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ଟେକ୍ନିସିଆନ୍‌ମାନେ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

## ୨୦ ଲକ୍ଷ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ନୂଆଦିଲ୍ଲୀ, ୬।୮: ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଗୁରୁବାର ୨୦ ଲକ୍ଷ ଅତିକ୍ରମ କରିଛି। ଦେଶରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୨୦,୦୬,୭୬୦ରେ ପହଞ୍ଚିଛି। ଦ୍ୱିତୀୟ ସ୍ଥାନରେ ଥିବା ବ୍ରାଜିଲରେ ସଂକ୍ରମିତଙ୍କ ସଂଖ୍ୟା ୨୮ ଲକ୍ଷ ଟପିଥିବାବେଳେ ଆମେରିକାରେ ୫୦ ଲକ୍ଷ ପାଖାପାଖି ହୋଇଛି। ଜୁଲାଇ ୨୮ରେ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୧୫ ଲକ୍ଷ ଥିଲାବେଳେ ଗତ ୯ ଦିନରେ ଆଉ ୫ ଲକ୍ଷ ସଂକ୍ରମିତ ହୋଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଗୁରୁବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୫୬ ହଜାର ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୩.୨୮ ଲକ୍ଷ କରୋନା ରୋଗୀ ସୁସ୍ଥ ହୋଇଥିବାବେଳେ ୪୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ନାଟକ, ତାମିଲନାଡୁ ଓ ଉତ୍ତରପ୍ରଦେଶରେ ସର୍ବାଧିକ ସଂକ୍ରମିତ ହୋଇଛନ୍ତି। ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୪.୬ ଲକ୍ଷରୁ ଅଧିକ ରହିଛି।



ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା ମନକୋଟରେ ପାକିସ୍ତାନୀ ସେନା ପକ୍ଷରୁ ମାଡ଼ କରାଯାଇଥିବା ଏକ ମୋର୍ଟାର ଶେଲ୍‌କୁ ଦେଖାଉଛନ୍ତି ଜଣେ ଗ୍ରାମବାସୀ।

## ‘କୋଭିଡ୍ ମୃତ୍ୟୁ କମାଇପାରିବନି ପ୍ଲାଜ୍‌ମା ଥେରାପି’

ନୂଆଦିଲ୍ଲୀ, ୬।୮(ପି.ଟି.)

କରୋନା ଜନିତ ମୃତ୍ୟୁହାର କମାଇବାରେ ପ୍ଲାଜ୍‌ମା ଥେରାପିରୁ କୌଣସି ସୁଫଳ ମିଳୁ ନ ଥିବା ଏକ ପରୀକ୍ଷାରୁ ଜଣାପଡିଛି। ଏମ୍ସ ପକ୍ଷରୁ କରାଯାଇଥିବା ଅନିୟମିତ ନିୟନ୍ତ୍ରିତ ପରୀକ୍ଷାର ଅନ୍ତରୀଣ ବିଶ୍ଳେଷଣରୁ ଏହା ଜଣାଯାଇଛି। ପ୍ଲାଜ୍‌ମା ଚିକିତ୍ସାରେ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ରକ୍ତରୁ ଆଣ୍ଟିବଡ଼ି ନିଆଯାଇ ଏହାକୁ ସକ୍ରିୟ ରୋଗୀଙ୍କୁ ଦିଆଯାଇଥାଏ। ଫଳରେ ଏହା ଆକ୍ରାନ୍ତଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

## ରିଆଙ୍କୁ ଅଭିଯୁକ୍ତ ଦର୍ଶାଇ ମାମଲା ରୁଜୁକଲା ସିବିଆଇ

- ମୁମ୍ବାଇରୁ ଫେରିଲା ବିହାର ପୋଲିସ
- ଆଜି ଇଡିରେ ହାଜର ହୋଇପାରନ୍ତି ରିଆ



ପାଟନା,୬।୮

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ସିବିଆଇ ପକ୍ଷରୁ ଗୁରୁବାର ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇ ମାମଲା ରୁଜୁ କରାଯାଇଛି। ପାଟନାରେ ବିହାର ପୋଲିସ ରିଆ ଓ ତାଙ୍କ ପରିବାର ବିରୋଧରେ ମାମଲା ରୁଜୁ କରିଥିଲା। ବିହାର ପୋଲିସ ସହ ସମ୍ପର୍କ ରଖି ସିବିଆଇ ତଦନ୍ତ ଚଳାଇଛି। ସିବିଆଇର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ସୁଶାନ୍ତ ମୃତ୍ୟୁର ରହସ୍ୟ ଖୋଲିବେ ବୋଲି ଜଣାପଡ଼ିଛି। ମନିଲଣ୍ଡରିଂ ମାମଲା ସହ ବିଭିନ୍ନ ଷଡ଼ଯନ୍ତ୍ରକୁ ନେଇ ପରୀକ୍ଷା ନିରୀକ୍ଷା କରାଯିବ ବୋଲି ସିବିଆଇର ଜଣେ ଅଧିକାରୀ କହିଛନ୍ତି। ରିଆ ସନ୍ଦେହ ବଳୟରେ ରହିଥିବାବେଳେ ତାଙ୍କୁ ଅଧିକ ଜେରା କରାଯିବ ବୋଲି ଜଣାପଡ଼ିଛି।

ସେପଟେ ତଦନ୍ତ ଲାଗି ଜୁଲାଇ ୨୭ରେ ମୁମ୍ବାଇ ଯାଇଥିବା ପାଟନା ପୋଲିସ ସେଠାରୁ ଗୁରୁବାର ଫେରିଆସିଛି। ଏହି ୪ ଜଣିଆ ବିହାର ପୋଲିସ ଟିମ୍ ପାଟନା ଏସ୍‌ପିଙ୍କୁ ସେଠାର ତଦନ୍ତ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ପାଟନା ଏୟାର୍‌ପୋର୍ଟରେ ଗୁରୁବାର ପହଞ୍ଚିବା ପରେ ପୋଲିସ ଟିମ୍ ମିଡିଆକୁ କିଛି ତଥ୍ୟ ଦେଇ ନ ଥିଲେ। ପାଟନା ସିଟି ଏସ୍‌ପି ବିନୟ ତିୱାରୀ ମୁମ୍ବାଇରେ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ସେ ପଛରେ ପାଟନା ଫେରିବେ ବୋଲି ଜଣାପଡ଼ିଛି। ସୁଶାନ୍ତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ସମନ୍ ଜାରି କରାଯାଇଥିବାବେଳେ ଶୁକ୍ରବାର ତାଙ୍କୁ ସୁଶାନ୍ତ ମୃତ୍ୟୁ ମାମଲାରେ ଜେରା କରାଯିବାର କାର୍ଯ୍ୟକ୍ରମ ରହିଛି। ରିଆ ଓ ତାଙ୍କ ପରିବାର ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିବାବେଳେ ୧୫ କୋଟି ଟଙ୍କା ହେର୍‌ଫେର କରାଯାଇଥିବା ସୁଶାନ୍ତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

## ଅଭିନେତା ସମୀର ଶର୍ମାଙ୍କ ମୃତଦେହ ଉଦ୍ଧାର



ମୁମ୍ବାଇ,୬।୮: ବାଲାଜୀ ଟେଲିଫିଲ୍ମର ଲୋକପ୍ରିୟ ଟିଭି ସିରିୟଲ ‘କ୍ୟୁଁକି ସାସ୍ ଭି କଭି ବୋହୂ ଥି’ ଏବଂ ‘ କାହାନୀ ଘର୍ ଘର୍ କି’ରେ ନିଖୁଣ ଅଭିନୟର ପରାକାଷ୍ଠା ଦେଖାଇ ଘରେ ଘରେ ପରିଚିତ ହୋଇଥିବା ଅଭିନେତା ସମୀର ଶର୍ମା(୪୪)ଙ୍କ ମୃତଦେହ ମୁମ୍ବାଇର ମଲାଡ୍‌ସ୍ଥିତ ତାଙ୍କ ରୋଷେଇଘରୁ ଗୁରୁବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ସୁଇସାଇଡ୍ ନୋଟ୍ ପାଇ ନ ଥିବାବେଳେ ହତ୍ୟାକାଣ୍ଡ ସମ୍ପର୍କରେ କୌଣସି ସୁରାକ୍ ମଧ ପାଇ ନ ଥିବା କହିଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇ ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି। ସମୀର ଛୋଟ ସ୍କ୍ରିନ୍‌ରୁ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୯ରେ ବଲିଉଡ୍ ଫିଲ୍ମ ‘ହସି ତୋ ଫସି’ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏହାଛଡ଼ା ଟିଭି ଶୋ’ ‘ଦିଲ୍ କ୍ୟା ଚାହତା ହୈ’, ଗୀତ୍-ହୁଇ ସବ୍‌ସେ ପ୍ୟାରି’ ଏବଂ ଲେଫ୍ଟ ରାଇଟ୍ ଲେଫ୍ଟ’ରେ ମଧ ସେ ଅଭିନୟ କରିଥିଲେ। ତାଙ୍କ ମୃତ୍ୟୁଖବର ଆସିବା ପରେ ସୋସିଆଲ ମିଡିଆରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ହାଇକୋର୍ଟ ଦେଲେନାହିଁ ସ୍ଥଗିତାଦେଶ

**କଂଗ୍ରେସରେ ୬ ବିଏସ୍‌ପି ବିଧାୟକ ଯୋଗଦେବା ଘଟଣା**

**ଗେହଲଟ ସରକାରଙ୍କୁ ଆଶ୍ୱସ୍ତି**

ଜୟପୁର, ୬।୮(ପି.ଟି.)

ରାଜସ୍ଥାନ ବିଧାନସଭାର ୬ ବିଏସ୍‌ପି ବିଧାୟକ କଂଗ୍ରେସ ବିଧାୟକ ଭାବେ କାର୍ଯ୍ୟ କରୁଥିବାରୁ ଏହା ଉପରେ ସ୍ଥଗିତାଦେଶ ଜାରି ପାଇଁ ଜଣିକିଆ ଖଣ୍ଡପୀଠ ମନା କରିଦେଇଥିଲେ। ଭାଜପାର ଜଣେ ବିଧାୟକ ଏବଂ ବହୁଜନ ସମାଜ ପାର୍ଟି ପକ୍ଷରୁ ଏହା ବିରୋଧରେ କରାଯାଇଥିବା ଆବେଦନକୁ ରାଜସ୍ଥାନ ହାଇକୋର୍ଟ ଖଣ୍ଡପୀଠ ଗୁରୁବାର ଖାରଜ କରିଦେଇଛନ୍ତି। ଜଣିକିଆ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି କରିବେ। ସ୍ଥଗିତାଦେଶ ଆବେଦନ ଖାରଜ ହୋଇଥିବାରୁ ଅଶୋକ ଗେହଲଟ ସରକାରଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି। କାରଣ ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ଏହି ୬ ବିଧାୟକଙ୍କ ଭୋଟ ଗୁରୁତ୍ୱପୂର୍ଣ୍ଣ। ଜଣିକିଆ ଖଣ୍ଡପୀଠଙ୍କ ରାୟ ବିରୋଧରେ ଭାଜପା ବିଧାୟକ ମଦନ ଦିଲୱାର ଏବଂ ବିଏସ୍‌ପି ରାଷ୍ଟ୍ରୀୟ ସମ୍ପାଦକ ସତୀଶ ମିଶ୍ରା ମଙ୍ଗଳବାର ଡିଭିଜନ୍ ବେଞ୍ଚରେ ଆବେଦନ କରିଥିଲେ। କଂଗ୍ରେସରେ ୬ ବିଏସ୍‌ପି ବିଧାୟକଙ୍କ ମିଶ୍ରଣକୁ ୨୦୧୯ ସେପ୍ଟେମ୍ବରରେ ରାଜସ୍ଥାନ ବିଧାନସଭା ବାଚସ୍ପତି ସି.ପି. ଜୋଷୀ ଅନୁମତି ଦେଇଥିଲେ। ଉଭୟ ଦଳ ପୂର୍ବରୁ ବାଚସ୍ପତିଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ରିଟ୍ ପିଟିଶନ ଦାଏର କରିଥିଲେ।

## ୟୁଏନ୍‌ଏସ୍‌ସିରେ କଶ୍ମୀର ପ୍ରସଙ୍ଗ ଉଠାଇବାକୁ ଚାଇନାର ଉଦ୍ୟମ

**ଭାରତର କଡ଼ା ଚେତାବନୀ**

ନୂଆଦିଲ୍ଲୀ, ୬।୮(ପି.ଟି./ଆଇଏନ୍‌ଏସ୍)

କଶ୍ମୀର ପ୍ରସଙ୍ଗକୁ ଚାଇନା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଉଠାଇବାକୁ ଉଦ୍ୟମ କରୁଥିବାବେଳେ ଭାରତ ଏହାର ସମାଲୋଚନା କରିବା ସହ ବେଜିଂକୁ କଡ଼ା ଚେତାବନୀ ଦେଇଛି। ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ନ ଖେଳାଇବା ଲାଗି ଗୁରୁବାର ବେଜିଂକୁ ନୂଆଦିଲ୍ଲୀ କହିଛି। ଜାତିସଂଘ ସୁରକ୍ଷା ପରିଷଦରେ କଶ୍ମୀର ପ୍ରସଙ୍ଗ ଉଠାଇବା ପାଇଁ ପାକିସ୍ତାନ ଉଦ୍ୟମ ଚଳାଇଥିବାବେଳେ ଚାଇନା ଏହାକୁ ସମର୍ଥନ କରିଆସୁଛି। ବୁଧବାର ଜମ୍ମୁ-କଶ୍ମୀର ପୁନର୍ଗଠନର ପ୍ରଥମ ବାର୍ଷିକୀ ପାଳନ ଅବସରରେ ଉକ୍ତ ପ୍ରସଙ୍ଗ ୟୁଏନ୍‌ଏସ୍‌ସିରେ ଆଲୋଚନା ଲାଗି ଇସ୍‌ଲାମାବାଦ ଉଠାଇଥିବାବେଳେ ବେଜିଂ ଏହାକୁ ସମର୍ଥନ କରିଥିଲା। ତେବେ ଏହା ସଫଳ ହୋଇପାରି ନାହିଁ।

ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଚାଇନା ପୂର୍ବରୁ କେତେଥର ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଉଦ୍ୟମ କରିଥିଲା। ତେବେ ଏହାକୁ ଅନ୍ତର୍ଜାତୀୟ ସମୁଦାୟ ସମର୍ଥନ ଦେଇ ନ ଥିଲେ। ଏଥର ମଧ ଚାଇନା ଏଭଳି ଉଦ୍ୟମରୁ ଦୂରେଇ ରହିବା ପାଇଁ ଭାରତ ଆହ୍ୱାନ ଦେଇଛି। ପୂର୍ବ ଲଦାଖରେ ଭାରତ ଓ ଚାଇନା ମଧ୍ୟରେ ସୀମାବିବାଦ ଜଟିଳ ହୋଇଥିବାବେଳେ କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟକରଣ କରିବା ପାଇଁ ବେଜିଂ ଉଦ୍ୟମ କରୁଛି। ଗତବର୍ଷ ଅଗଷ୍ଟ ୫ରେ ଭାରତ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲା। ଭାରତର ଏଭଳି ନିଷ୍ପତ୍ତିକୁ ସେତେବେଳେ ଚାଇନା ସମାଲୋଚନା କରିଥିଲା।

## ମହେଶ ଭଟ୍ଟଙ୍କୁ ନୋଟିସ

**ମଡେଲିଂ ଫାର୍ମରେ ଯୁବତୀଙ୍କୁ ଶୋଷଣ**



ନୂଆଦିଲ୍ଲୀ,୬।୮: ବଲିଉଡ୍‌ର କଳା କାରନାମା ସମ୍ପର୍କରେ କାହାକୁ ଅଛପା ନାହିଁ। କେତେବେଳେ ‘ମି ଟୁ’କୁ ନେଇ ବିବାଦ ଉପୁଜିଲାଣି ତ ପୁଣି ଅଭିନୟ ଦେବା ବାହାନାରେ ଦେହ ବେପାରକୁ ଖୋଲା ବଜାରରେ ନିଲାମ କରିବା ଭଳି ପରିସ୍ଥିତି ଉପୁଜୁଛି। ମଡେଲିଂ ଫାର୍ମରେ ଯୁବତୀମାନଙ୍କୁ ଯୌନଶୋଷଣ କରାଯାଉଥିବା ଅଭିଯୋଗ ହେବା ପରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏଥିରେ ହସ୍ତକ୍ଷେପ କରିଛି। ଏନ୍‌ସିଡବ୍ଲ୍ୟୁ ଅଧକ୍ଷା ରେଖା ଶର୍ମା ଏହି ଘଟଣାରେ ଫିଲ୍ମନିର୍ମାତା ମହେଶ ଭଟ୍ଟ, ଅଭିନେତ୍ରୀ ମୌନୀ ରାୟ, ଉର୍ବଶୀ ରୌଟେଲା, ରଣବିଜୟ ସିଂ ଏବଂ ପ୍ରିନ୍ସ ନରୁଲା ପ୍ରମୁଖ ୬ ଜଣଙ୍କୁ ନୋଟିସ ଜାରି କରିଛନ୍ତି। ମଡେଲିଂ ପ୍ରମୋଟ କରିବା ଲାଗି ନବାଗତାଙ୍କୁ ଏଠାକୁ ଡକାଯାଇ ନିର୍ଯାତନା ଓ ଶୋଷଣ କରାଯାଇଥାଏ। ଏ ସମ୍ପର୍କରେ ସାମାଜିକ କର୍ମୀ ଯୋଗିତା ଭାୟାନା ଅଭିଯୋଗ କରିବା ସହ ଏକ ଭିଡିଓ ପୋଷ୍ଟ କରିଥିଲେ। ସନି ବର୍ମା ନାମକ ଜଣେ ଯୁବକ କିପରି ଯୁବତୀଙ୍କୁ ଶୋଷଣ କରୁଛନ୍ତି, ଏଥିରେ ସେ ଦର୍ଶାଇଥିଲେ।

# ଟ୍ରମ୍ପଙ୍କୁ ଫେସ୍‌ବୁକ୍, ଟୁଇଟର୍ ଛାଟ

ୱାଶିଂଟନ,୬।୮

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଲାଗିଛି ଫେସ୍‌ବୁକ୍ ଓ ଟୁଇଟର ଛାଟ। ଟ୍ରମ୍ପ ଓ ତାଙ୍କ କ୍ୟାମ୍ପେନ୍‌ର ସମସ୍ତ ପୋଷ୍ଟ ଉପରେ ଏହି ଦୁଇ ସୋସିଆଲ ମିଡିଆ ପ୍ଲାଟଫର୍ମ ପକ୍ଷରୁ କଟକଣା ଜାରି କରାଯାଇଛି। ଆମେରିକାର ପିଲାମାନେ କୋଭିଡ୍-୧୯ରୁ ମୁକ୍ତ ହୋଇଥିବା ଦର୍ଶାଇ ରାଷ୍ଟ୍ରପତି ଟ୍ରମ୍ପ ଦେଶବ୍ୟାପୀ ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ପରାମର୍ଶ ଦେଇଥିବାରୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଫେସ୍‌ବୁକ୍ ଓ ଟୁଇଟର ପକ୍ଷରୁ କୁହାଯାଇଛି।

ଟ୍ରମ୍ପ ଫୋକ୍ସ ନ୍ୟୁଜ୍‌କୁ ଦେଇଥିବା ସାକ୍ଷାତ୍‌କାରର ଏକ ଭିଡିଓ କ୍ଲିପ୍ ପୋଷ୍ଟକୁ ଫେସ୍‌ବୁକ ‘କୋଭିଡ୍ ସମ୍ପର୍କିତ କ୍ଷତିକାରକ ଭୁଲ୍ ସୂଚନା’ ଭାବେ ଅଭିହିତ କରି ତା’କୁ ଡିଲିଟ୍ କରିଦେଇଛି। ଫେସ୍‌ବୁକ୍‌ର ଜଣେ ମୁଖପାତ୍ର କହିଛନ୍ତି, ଟ୍ରମ୍ପଙ୍କ ପୋଷ୍ଟରେ ଥିବା ଭିଡିଓରେ ଛୋଟ ପିଲାଙ୍କୁ କୋଭିଡ୍ ମୁକ୍ତ ବୋଲି ଦାବି କରାଯିବା ଆମ ନୀତିଗୁଡ଼ିକର ଉଲ୍ଲଂଘନ। ଏହା ପୂର୍ବରୁ ଟ୍ରମ୍ପଙ୍କ ବିରୋଧରେ ଫେସ୍‌ବୁକ ଅନ୍ୟ ପୋଷ୍ଟଗୁଡ଼ିକୁ ନେଇ କାର୍ଯ୍ୟାନୁଷ୍ଠାନ ନେଇଥିଲା। ତେବେ କରୋନା ଭାଇରସ୍ ସଂକ୍ରମଣ ବଢ଼ିଚାଲିଥିବାବେଳେ ଏସମ୍ପର୍କିତ ଭୁଲ୍ ତଥ୍ୟ ପାଇଁ ପ୍ରଥମଥର ଲାଗି ଟ୍ରମ୍ପ ଦଣ୍ଡିତ ହୋଇଛନ୍ତି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

ସେହିପରି ଟ୍ରମ୍ପଙ୍କ ଏକ ପ୍ରଚାର ଆକାଉଣ୍ଟରୁ ଉକ୍ତ କ୍ଲିପ୍‌କୁ ନ ହଟାଇବା ପର୍ଯ୍ୟନ୍ତ ତାକୁ ବନ୍ଦ କରିଦେଇଛି ଟୁଇଟର। ଏହି ପ୍ଲାଟଫର୍ମର ଜଣେ ମୁଖପାତ୍ର କହିଛନ୍ତି, ଟ୍ରମ୍ପ ନିଜ ଆକାଉଣ୍ଟରେ ଯେଉଁ ସାକ୍ଷାତ୍‌କାରର ଅଂଶକୁ ପୋଷ୍ଟ କରିଥିଲେ ତାକୁ ଟିମ୍ ଟ୍ରମ୍ପ ଆକାଉଣ୍ଟ ପୁଣିଥରେ ପୋଷ୍ଟ କରିଥିଲା। କୋଭିଡ୍-୧୯ ଭୁଲ ତଥ୍ୟ ନେଇ ଟୁଇଟର ନିୟମକୁ ଏଥିରେ ଉଲ୍ଲଂଘନ କରାଯାଇଛି। ଉକ୍ତ ହ୍ୟାଣ୍ଡଲରେ ଆଉ ଥରେ କିଛି ଟୁଇଟ୍ କରିବା ପୂର୍ବରୁ ସେହି ଟୁଇଟ୍‌କୁ ହଟାଇବାକୁ ପଡ଼ିବ ବୋଲି ଟୁଇଟର ପକ୍ଷରୁ କୁହାଯାଇଛି। ପରେ ତାକୁ ହଟାଇଦିଆଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ବୟସ୍କଙ୍କ ଭଳି ପିଲାମାନେ ମଧ କରୋନା ସଂକ୍ରମିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ସୁଦ୍ଧା କରାଯାଇଥିବା ସବୁଠୁ ବଡ଼ ଅଧ୍ୟୟନରେ ୫୫,୦୦୦ରୁ ଅଧିକ ରୋଗୀଙ୍କୁ ସାମିଲ କରାଯାଇଥିଲା। ସେଥିରୁ ଜଣାପଡ଼ିଥିଲା ଯେ, ମାତ୍ର ୦.୮% ରୋଗୀଙ୍କ ବୟସ ୧୯ ବର୍ଷ। ଆମେରିକାର ଆଉ ଏକ ଅଧ୍ୟୟନରେ ୨୬ ଦେଶର ୭,୭୮୦ ପିଲାଙ୍କୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରତି ୫ ଜଣଙ୍କ ମଧ୍ୟରୁ ଜଣଙ୍କଠାରେ କୋଭିଡ୍ ଲକ୍ଷଣ ଦେଖିବାକୁ ମିଳି ନ ଥିଲା।



### କ’ଣ କହିଥିଲେ ଟ୍ରମ୍ପ୍

ଆମେରିକାର ଫୋକ୍ସ ଓ ଫ୍ରେଣ୍ଡସ ଚ୍ୟାନେଲକୁ ବୁଧବାର ଟ୍ରମ୍ପ ଟେଲିଫୋନରେ ଇଣ୍ଟରଭ୍ୟୁ ଦେଇ ଦେଶବ୍ୟାପୀ ସ୍କୁଲ ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ଟ୍ରମ୍ପ କହିଥିଲେ, ପିଲାଙ୍କ କଥା ଦେଖିଲେ ସେମାନେ ପ୍ରାୟତଃ କରୋନା ରୋଗରୁ ମୁକ୍ତ। ସେମାନଙ୍କର ରୋଗ ପ୍ରତିରୋଧୀ କ୍ଷମତା ଆମମାନଙ୍କଠାରୁ ଅଧିକ। ସେମାନଙ୍କ କୌଣସି ଅସୁବିଧା ନାହିଁ। କରୋନା ଭାଇରସ୍ ଅନ୍ୟ ସମସ୍ତ ସମସ୍ୟା ଭଳି ଚାଲିଯିବ। ଏହା ରହିବ ନାହିଁ ବୋଲି ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ପୁନଃ ନିର୍ବାଚିତ ହେବା ପାଇଁ ଲଢୁଥିବା ଟ୍ରମ୍ପ କହିଥିଲେ।

# ଦିଲ୍ଲୀରେ ନାବାଳିକାଙ୍କୁ ବଳାତ୍କାର

## ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

### ଏମ୍ସ ଯାଇ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୬।୮

ଦିଲ୍ଲୀର ପୀରଗଢ଼ି ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ୧୨ ବର୍ଷର ଝିଅଙ୍କୁ ତାଙ୍କ ଫ୍ଲାଟ୍‌ରେ ବଳାତ୍କାର କରାଯାଇ ଗୁରୁତର ଅବସ୍ଥାରେ ଛାଡ଼ିଦିଆଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୀଡ଼ିତାଙ୍କୁ ପାଇ ପଡୋଶୀମାନେ ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ଏମ୍ସର ଟ୍ରମା ସେଣ୍ଟରକୁ ନିଆଯାଇଥିଲା। ପୋଲିସ ପୀଡ଼ିତାଙ୍କ ଘରୁ ରକ୍ତ ଲାଗିଥିବା କଇଞ୍ଚି ପାଇଛି। ନାବାଳିକାଙ୍କ ମୁଣ୍ଡ ଫାଟିଥିବାବେଳେ ଅନ୍ତନାଡ଼ି ଛିଡ଼ିଯାଇଛି। ବୁଧବାର ତାଙ୍କର ଦୁଇଥର ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କୁ ଏବେ ଭେଣ୍ଟିଲେଟରରେ ରଖାଯାଇଛି। ନାବାଳିକାର ମାଆବାପା ଓ ବଡ଼ ଭଉଣୀ ନିକଟସ୍ଥ ଏକ ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଇଥିବାବେଳେ ସେ ଘରେ ଏକୁଟିଆ ଥିଲେ। ତାଙ୍କୁ ଧାରୁଆ ଅସ୍ତ୍ରରେ ୫ ଥର ଆକ୍ରମଣ କରାଯାଇଥିଲା। ଫଳରେ ତାଙ୍କ ମୁହଁ, ପିଠି ଓ ପେଟରେ ଏକାଧିକ କ୍ଷତଚିହ୍ନ ରହିଛି। ପୀଡ଼ିତାଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡୋଶୀମାନେ ବାଲ୍‌କୋନିରୁ ଉଦ୍ଧାର କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଆଇପିସିର ଧାରା ୩୦୭ ଏବଂ ପୋକ୍ସୋ ଆଇନରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ତାଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ରହିଛି। ଏହା ଅତ୍ୟନ୍ତ ବର୍ବରତାପୂର୍ଣ୍ଣ ଅପରାଧ। ମାମଲା ଲଢ଼ିବା ପାଇଁ ସବୁଠୁ ଭଲ ଓକିଲ ଦିଆଯିବା ସହ ଅପରାଧୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଲାଗି ଭାଜପା ଏମ୍‌ପି ଗୌତମ ଗମ୍ଭୀର ଦାବି କରିଛନ୍ତି। ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ମିଳିବା ଉଚିତ ବୋଲି ସେ ଟୁଇଟ୍ କରିଛନ୍ତି।

# ଧର୍ମଶାଳା ଅଞ୍ଚଳରୁ ମିଳିଲା ପ୍ରାଚୀନ ସ୍ୱର୍ଣ୍ଣମୁଦ୍ରା

ଯାଜପୁର ଅଫିସ୍, ୬।୮

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ରାଧାନଗର ଗ୍ରାମ ନିକଟରୁ ଏକ ପ୍ରାଚୀନ ସ୍ୱର୍ଣ୍ଣମୁଦ୍ରା ମିଳିଛି। ପ୍ରାୟ ଏକ ସପ୍ତାହ ତଳେ ସେହି ଗ୍ରାମର ବେଣୁଧର ନାୟକ ତାଙ୍କ ଚାଷ ଜମିରେ ଚାଷ କରୁଥିବା ବେଳେ ଏହି ସ୍ୱର୍ଣ୍ଣମୁଦ୍ରା ପାଇଥିବା ସୂଚନା ମିଳିଛି। ତେବେ ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଲାଗି ରହିଛି। ସ୍ୱର୍ଣ୍ଣ ମୁଦ୍ରାର ଓଜନ ପ୍ରାୟ ୭ ଗ୍ରାମ ହେବ ବୋଲି କୁହାଯାଉଛି। ମୁଦ୍ରାର ଗୋଟିଏ ପାର୍ଶ୍ୱରେ ମଶାଲ ଧରିଥିବା ଜଣେ ରାଜାଙ୍କ ମୂର୍ତ୍ତି





ଖୋଦିତ ହୋଇଛି। ଅନ୍ୟପାର୍ଶ୍ୱରେ ଖୋଦିତ ମୂର୍ତ୍ତି ସ୍ପଷ୍ଟ ଜଣା ପଡୁନାହିଁ। ଏହାସହ ମୁଦ୍ରାରେ ଚୀନ ଦେଶର କୌଣସି ରାଜାଙ୍କ ମୂର୍ତ୍ତି ଖୋଦେଇ ହୋଇଥିବା ସନ୍ଦେହ କରାଯାଉଛି। ଏହି ମୁଦ୍ରା ପ୍ରାୟ ୭୦୦ ଖ୍ରୀଷ୍ଟାବ୍ଦ ମଧ୍ୟର ବୋଲି ଆକଳନ କରାଯାଉଛି। ସୂଚନାଯୋଗ୍ୟ ଯେ, ଧର୍ମଶାଳା, ଉଦୟଗିରି, ରତ୍ନଗିରି, ଓଲାଶୁଣୀ ଇତ୍ୟାଦି ଅଞ୍ଚଳରୁ ବହୁ ବୌଦ୍ଧ କୀର୍ତ୍ତିରାଜି ଉଦ୍ଧାର ହୋଇଛି। ସେତେବେଳେ ଅର୍ଥାତ୍ ସମ୍ରାଟ ହର୍ଷବର୍ଦ୍ଧନଙ୍କ ସମୟରେ ଚୀନ ପରିବ୍ରାଜକ ହୁଏନ୍‌ଶାଂ ଏହି ଅଞ୍ଚଳ ଗସ୍ତ କରିଥିଲେ ବୋଲି ଐତିହାସିକମାନେ ମତପ୍ରକାଶ କରିଛନ୍ତି। ତେଣୁ ଏହି ସ୍ୱର୍ଣ୍ଣମୁଦ୍ରା ସେହି ସମୟର ବୋଲି ଆକଳନ କରାଯାଉଛି।

## କରୋନା ସଂକ୍ରମଣ ସ୍ଥିତି

ଗୁରୁବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୯୧,୦୫,୯୯୫ | ୭,୧୩,୭୭୩ | ୧,୨୨,୫୭,୮୧୪ |
| ଭାରତ | ୨୦,୨୧,୪୦୭ | ୪୧,୬୨୭ | ୧୩,୭୪,୪୨୦ |
| ଓଡ଼ିଶା | ୪୦,୭୧୭ | ୨୩୫(+୪୫) | ୨୬,୮୮୮ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆକ୍ରାନ୍ତ ୪୦ ହଜାର ପାର୍, ୨୩୫ ମୃତ

**୧୬୯୯ ନୂଆ ପଜିଟିଭ୍, ୧୧ଜଣ ଆଖି ବୁଜିଲେ**

- ଗଞ୍ଜାମରେ ୧୨୦୮୦ ଆକ୍ରାନ୍ତ, ୧୨୦ ମୃତ
- ରାଜ୍ୟରେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୪୫ ଛୁଇଁଲା
- ନବରଙ୍ଗପୁରରେ ପ୍ରଥମ କରୋନା ମୃତ୍ୟୁ

**ଭୁବନେଶ୍ୱର, ୬।୮(ବ୍ୟୁରୋ):** ଅଗଷ୍ଟରେ ସଂକ୍ରମଣ ଶିଖର ଛୁଇଁବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଶେଷ ୨୪ ଘଣ୍ଟାରେ ୧୬୯୯ ନୂଆ ପଜିଟିଭ୍ ଚିହ୍ନଟ ହେବା ପରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୪୦ହଜାର ପାର୍ କରିଛି। ସେହିଭଳି ଆଉ ୧୧ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ କରୋନାରେ ୧୦ଜଣ ଓ ଜଣେ ଅନ୍ୟ ରୋଗରେ ଆଖି ବୁଜିଛନ୍ତି। କରୋନା ମୃତକଙ୍କ ମଧ୍ୟରୁ ଗଞ୍ଜାମରୁ ୩ଜଣ ଓ ସୁନ୍ଦରଗଡ଼ରୁ ୨ଜଣ ରହିଥିବାବେଳେ କେନ୍ଦୁଝର, ଭଦ୍ରକ, ନୟାଗଡ଼, କନ୍ଧମାଳ, ଓ ନବରଙ୍ଗପୁରରୁ ଜଣେ ଲେଖାଏ ରହିଛନ୍ତି। ତେବେ ନବରଙ୍ଗପୁରରେ ଏହା ହେଉଛି ପ୍ରଥମ କରୋନା ମୃତ୍ୟୁ। ଏହାକୁ ମିଶାଇ ଏବେ ୨୨ ଜିଲାରୁ ୨୩୫ଜଣଙ୍କ କରୋନାଜନିତ ମୃତ୍ୟୁ ହୋଇଛି। ଗଞ୍ଜାମ ଜିଲାରୁ ସର୍ବାଧିକ ୧୨୦ଜଣ ରହିଛନ୍ତି। ସେହିପରି ଖୋର୍ଦ୍ଧା ୩୧, ଗଜପତି ୧୪, ସୁନ୍ଦରଗଡ଼ ୧୩, କଟକ ୧୧, ରାୟଗଡ଼ା ୧୦, ପୁରୀ ଓ ନୟାଗଡ଼ରୁ ୪ଜଣ ଲେଖାଏ ରହିଥିବାବେଳେ ଏହା ତଳକୁ ଅନ୍ୟ ଜିଲା ରହିଛି। ଅନ୍ୟପକ୍ଷରେ ଗଞ୍ଜାମର ଜଣେ ୪୫ବର୍ଷୀୟ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ହେବାପରେ ଅଣକୋଭିଡ୍ ମୃତ୍ୟୁ ୪୫ରେ ପହଞ୍ଚିଛି।

ସେପଟେ ୨୯ ଜିଲାରୁ ଚିହ୍ନଟ ନୂଆ ୧,୬୯୯ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମରୁ ସର୍ବାଧିକ ୨୬୮ଜଣ ଥିବାବେଳେ ଖୋର୍ଦ୍ଧା ୨୨୦, ସୁନ୍ଦରଗଡ଼ ୧୭୮, କଟକ ୧୦୫, ସମ୍ବଲପୁର ୧୦୧, ବରଗଡ଼ ୮୧, କନ୍ଧମାଳ ୭୪, ମାଲକାନଗିରି ୭୨, ପୁରୀ ୬୭, ଭଦ୍ରକ ୬୬, ଗଜପତି ୫୯, କେନ୍ଦୁଝର ୫୬, ଯାଜପୁର ଓ କୋରାପୁଟରୁ ୪୧ ଲେଖାଏ, କଳାହାଣ୍ଡି ୩୦, ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରୁ ୨୭ ଲେଖାଏ, ନୟାଗଡ଼ ୨୫, ମୟୂରଭଞ୍ଜ ୨୪, ବଲାଙ୍ଗୀର ୨୧, ରାୟଗଡ଼ା ୧୯, ଅନୁଗୋଳ ଓ ବାଲେଶ୍ୱରରୁ ୧୭ ଲେଖାଏ, ଜଗତ୍‌ସିଂହପୁର ଓ ନବରଙ୍ଗପୁରରୁ ୧୬ ଲେଖାଏ, ଝାରସୁଗୁଡ଼ା ଓ ସୋନପୁରରୁ ୧୦ଜଣ ଲେଖାଏ, ବୌଦ୍ଧ ୮ ଓ ନୂଆପଡ଼ାରୁ ୩ଜଣ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୪୦,୭୧୭କୁ ବୃଦ୍ଧି ପାଇଥିବାବେଳେ ଗଞ୍ଜାମରେ ସର୍ବାଧିକ ୧୨,୦୮୦ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ରାଜ୍ୟରେ ଆଉ ୧,୧୫୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ ଆରୋଗ୍ୟ ସଂଖ୍ୟା ୨୬,୮୮୭ରେ ପହଞ୍ଚିଛି।

## ଖୋର୍ଦ୍ଧା ଏସ୍‌ପି କରୋନା ସଂକ୍ରମିତ

**ଖୋର୍ଦ୍ଧା ଅଫିସ,୬।୮:** ଖୋର୍ଦ୍ଧା ଏସ୍‌ପି ଅଜୟ୍ ପ୍ରତାପ ସ୍ୱାଇଁ ଗୁରୁବାର କରୋନାରେ ସଂକ୍ରମିତ ହୋଇଛନ୍ତି। କୋଭିଡ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିବା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ହୋମ୍ ଆଇସୋଲେଶନରେ ରହିଛନ୍ତି। ତାଙ୍କର କୌଣସି ଲକ୍ଷଣ ନ ଥିଲା ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ୧୫ କର୍ମଚାରୀଙ୍କୁ ସ୍ୱାବ୍ ପରୀକ୍ଷା କରାଇ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଅପରାହ୍ନରେ ଅଗ୍ନିଶମ ବିଭାଗ ପକ୍ଷରୁ ଏସ୍‌ପି ଅଫିସକୁ ସାନିଟାଇଜ୍ କରାଯାଇଛି। ସୂଚନାଥାଉ କି, କିଛି ଦିନ ପୂର୍ବେ ଏସ୍‌ପି ଅଫିସର ୪କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସଂକ୍ରମିତ କର୍ମଚାରୀଙ୍କ ସଂସ୍ପର୍ଶରେ ଏସ୍‌ପି ସ୍ୱାଇଁ ଆସିଥିଲେ। ଏହା ପରେ ସମସ୍ତଙ୍କ ସ୍ୱାବ୍ ପରୀକ୍ଷା କରାଯିବା ପରେ ଏସ୍‌ପିଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଅନ୍ୟପଟେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦିବଙ୍ଗତ କରୋନା ଯୋଦ୍ଧାଙ୍କ ସମ୍ମାନାର୍ଥେ ଏସ୍‌ପି କାର୍ଯ୍ୟାଳୟ ଆଗରେ ନୀରବ ପ୍ରାର୍ଥନା ଓ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସ୍‌ପିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲାପାଳଙ୍କ ସମେତ ପୋଲିସ ବିଭାଗର ଅଧିକାରୀମାନେ ଏସ୍‌ପିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବୈତରଣୀରେ ପ୍ରଥମ ବନ୍ୟାଜଳ

ଭଣ୍ଡାରିପୋଖରୀ, ୬।୮(ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଆସିଛି। ଆଖୁଆପଦା ଆନିକଟଠାରେ ଏହି ନଦୀର ଜଳସ୍ତର ବୃଦ୍ଧି ପାଇଛି। ତେବେ ଆନିକଟଠାରେ ବନ୍ୟାଜଳ ଗୁରୁବାର ସକାଳ ୭ଟାରୁ ୧୭.୩୫ ମିଟରରୁ ବଢ଼ିବା ଆରମ୍ଭ କରି ମଧ୍ୟାହ୍ନ ୧୨ଟାରେ ୧୭.୩୬ରେ ପହଞ୍ଚି ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍ଥିର ଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୧ ମିଟର କମି ୧୭.୩୫ରେ ରହିଛି। ନଦୀର ଉପରମୁଣ୍ଡ ଆଖୁଆପଦାଠାରେ ୨୪.୮ ମିମି, ଆନନ୍ଦପୁର ୩୦.୨ ମିମି, ସୋମପାଟଣା ୪୯.୪ ମିମି, କେନ୍ଦୁଝର ୧୭.୮ ମିମି, ଠାକୁରପାଟଣା ୨୯.୦ ମିମି, ଚମ୍ପୁଆ ୬୯.୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ନଦୀ ଶୁଖିଲା ଥିବାରୁ ପାଣି କେତେ ଆସିବ ତାହା ଆକଳନ କରାଯାଇ ପାରୁନାହିଁ। ବନ୍ୟାଜଳ କ୍ରମଶଃ ବୃଦ୍ଧି ପାଇ ବିପଦ ସଙ୍କେତ(୧୭.୮୩ ମିଟର) ପାଖାପାଖି ଯାଇପାରେ ବୋଲି ଆଖୁଆପଦା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା କହିଛନ୍ତି।



ଆଖୁଆପଦା ଆନିକଟଠାରେ ପ୍ରଥମ ବନ୍ୟା ଜଳ ପ୍ରବାହିତ।

## ତେଲ ନଦୀରେ ୩ ଶିଶୁଙ୍କ ସଲିଳ ସମାଧି

ନବରଙ୍ଗପୁର,୬।୮(ବି.ପ୍ର.)

ଏକାଠି ଗାଧୋଇବାକୁ ଯାଇଥିଲେ ୩ଜଣ ଶିଶୁ। କିନ୍ତୁ ସେମାନେ ଆଉ ଫେରି ନ ଥିଲେ। ଘରକୁ ଆସିଲା ତାଙ୍କର ମୃତଦେହ। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତ କୋଟାଲଡିଗି ଗାଁରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି। ମୃତ ୩ଜଣ ଶିଶୁଙ୍କ ମଧ୍ୟରେ ଜଣେ ପୁଅ ଓ ଦୁଇଜଣ ଝିଅ ରହିଛନ୍ତି। ଗାଁର ଅମି ସାନ୍ତାଙ୍କ ଝିଅ ରଶ୍ମିତା(୬), ରଘୁରାମ ସାନ୍ତାଙ୍କ ଝିଅ ଶାନ୍ତି(୫) ଓ ବୁଧୁ ସାନ୍ତାଙ୍କ ପୁଅ ଦଶରଥ(୪) ଗୁରୁବାର ସକାଳୁ ତେଲ ନଦୀକୁ ସାଙ୍ଗ ହୋଇ ଗାଧୋଇବାକୁ ବାହାରିଥିଲେ। ଗଭୀର ପାଣିରେ ପଶି ଗାଧୋଇବା ବେଳେ ସେମାନେ ଭାସିଯାଇଥିଲେ। ଅନେକ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ସେମାନଙ୍କୁ ଖୋଜାଖୋଜି କରିଥିଲେ। ପିଲାମାନେ ନଦୀରେ ଗାଧୋଉଥିବା ସ୍ଥାନୀୟ ଲୋକେ କହିବା ପରେ ପରିବାର ପକ୍ଷରୁ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ଓ ଗ୍ରାମବାସୀ ତେଲ ନଦୀରେ ଖୋଜାଖୋଜି କରିଥିଲେ। ପାଣି ଭିତରୁ ୩ ଶିଶୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାରକରି ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମହାପ୍ରାୟଣ ଗାଡିରେ ମୃତଦେହକୁ ଗାଁକୁ ପଠାଯାଇଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।




## ଭିଆର୍‌ଏସ୍ ନେଇପାରନ୍ତି ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୬।୮(ବ୍ୟୁରୋ):** ଆଇଏଏସ ସ୍ତରରେ ଏକ ବଡ ଧରଣର ଅଦଳ ବଦଳ ହେବାର ସମ୍ଭାବନା ରହିଛି। ଏନେଇ ଖୁବ୍ ଜୋର୍‌ରେ ଲୋକସେବା ଭବନ କର୍ମଚାରୀଙ୍କ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଅଦଳବଦଳ ପ୍ରକ୍ରିୟାରେ ମୁଖ୍ୟ ଶାସନ ସଚିବ ବଦଳି ପାରନ୍ତି ବୋଲି କୁହାଯାଉଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ଆସନ୍ତା ସେପ୍ଟେମ୍ବର ମାସରେ ଭିଆର୍‌ଏସ ନେଇପାରିନ୍ତି। ଏନେଇ ଏକ ପ୍ରକାର ଚୁଡାନ୍ତ ହୋଇସାରିଥିବା ବେଳେ କେବଳ ତାଙ୍କର ଆବେଦନକୁ ଅପେକ୍ଷା ରହିଛି। ବଲାଙ୍ଗୀର ଜିଲା ଟିଟଲାଗଡରେ ଜନ୍ମଗ୍ରହଣ କରିଥିବା ଅସୀତ ୧୯୮୬ ବ୍ୟାଚର ଆଇଏଏସ ଅଫିସର। ତାଙ୍କ କାର୍ଯ୍ୟକାଳ ସମୟ ଡିସେମ୍ବର ମାସରେ ସରିଥାଆନ୍ତା। ହେଲେ ଏହା ପୂର୍ବରୁ ଭିଆରଏସ ନେବେ। ଏହା ଆନୁଷ୍ଠାନିକ ଭାବେ ଜଣାପଡିନାହିଁ। ହେଲେ ଏନେଇ ଚର୍ଚ୍ଚା କରାଯିବା ସହିତ ସେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇପାରନ୍ତି ବୋଲି କୁହାଯାଉଛି। ଭାଜପାରୁ ଆସି ବିଜେଡିରେ ଯୋଗ ଦେଇଥିବା ସୁବାସ ଚୌହ୍ୱାନ ଏହି ପଦବୀରେ ରହିଥିଲେ। ମାତ୍ର ନିକଟରେ ତାଙ୍କର ଦେହାନ୍ତ ହେବାପରେ ଏହି କ୍ୟାବିନେଟ୍ ପଦବୀ ଖାଲି ରହିଛି। ଏହାସହ ଆଉ କିଛି ପଦବୀରେ ମଧ୍ୟ ତାଙ୍କୁ ଅବସ୍ଥାପିତ କରାଯାଇପାରେ ବୋଲି ଶୁଣିବାକୁ ମିଳୁଛି। ବର୍ତ୍ତମାନ ଉନ୍ନୟନ କମିଶନର ଥିବା ସୁରେଶ ମହାପାତ୍ରଙ୍କୁ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ମିଳିବା ସହିତ ନିକଟରେ ଏପିସି ଭାବେ ନିଯୁକ୍ତି ପାଇଥିବା ଆର୍‌କେ ଶର୍ମାଙ୍କୁ ତାଙ୍କ ସ୍ଥାନରେ ଦାୟିତ୍ୱ ମିଳିବାର ସମ୍ଭାବନା ରହିଛି।

# ଓଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

**ଭୁବନେଶ୍ୱର,୬।୮(ବ୍ୟୁରୋ):** ରାଜ୍ୟ ସରକାର ଗୁରୁବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ବାଲେଶ୍ୱର ଡିଆର୍‌ଡିଏ ପିଡି ରାମଚନ୍ଦ୍ର ଜେନାଙ୍କୁ ଦେବଗଡ ଡିଆର୍‌ଡିଏ ପିଡି, ରବୀନ୍ଦ୍ର କୁମାର ସାହୁଙ୍କୁ ବାଲେଶ୍ୱର ଡିଆର୍‌ଡିଏ ପିଡି, ରାଜେନ୍ଦ୍ର କୁମାର ରଞ୍ଜିତଙ୍କୁ ଗଜପତି ଅତିରିକ୍ତ(ରାଜସ୍ୱ)ଙ୍କୁ ବଦଳି ସହ ମହେନ୍ଦ୍ରଗଡସ୍ଥିତ ଛେଳିଆଗଡ଼ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପଦ୍ମନାଭ ବେହେରାଙ୍କୁ ଗଞ୍ଜାମ ଜିଲାର କୋଭିଡ୍ ମୁକାବିଲା ଦାୟିତ୍ୱରୁ କାଢି ନେଇ ରେଢ଼ାଖୋଲ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ଭାବେ ବଦଳି କରାଯାଇଛି। ଦେବେନ୍ଦ୍ର କୁମାର ନନ୍ଦଙ୍କୁ ସମ୍ବଲପୁର ଆର୍‌ଟିଓ, ଲଳିତ ମୋହନ ବେହେରାଙ୍କୁ ଆଠମଲ୍ଲିକ ସବ୍‌କଲେକ୍ଟର, ନିହାର ରଞ୍ଜନ କହଁରଙ୍କୁ କନ୍ଧମାଳ ସବ୍‌କଲେକ୍ଟର ଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ଅଧିକାରୀଭାବେ ବଦଳି କରାଯାଇଛି। ଅନାମ ଚରଣ ପାତ୍ର ଜୁଲାଇ ୨୪ ଓ ରଞ୍ଜିତ ପରିଡାଙ୍କର ଜୁଲାଇ ୨୬ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। କେତେଜଣ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ଅଦଳବଦଳ କରାଯାଇଛି।




ପ୍ଲାଜ୍‌ମା ଦାନ ସଂକ୍ରାନ୍ତ ସଚେତନତା ବାର୍ତ୍ତା ଦେଇ ଗୁରୁବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ‘ଶ୍ରୀମନ୍ଦିରରେ ଅନ୍‌ଲାଇନ ଦର୍ଶନ ପାଇଁ ବିଚାରବିମର୍ଶ’

- କୌଣସି ନିଷ୍ପତ୍ତି ହୋଇନାହିଁ: ନୀତି ପ୍ରଶାସକ
- ଅନ୍‌ଲାଇନ ଦର୍ଶନ ବ୍ୟବସ୍ଥାକୁ ନେଇ ଭକ୍ତ ମହଲରେ ଆଶଙ୍କା
- ଦର୍ଶନରୁ ବଞ୍ଚିତ ହେବେ ସାଧାରଣ ଭକ୍ତ

ପୁରୀ ଅଫିସ,୬।୮

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା ଗ୍ରହଣ କରାଯିବ। ଏନେଇ ବିଚାର ବିମର୍ଶ ଚାଲିଛି। ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ପରେ ଭକ୍ତ ଶ୍ରୀମନ୍ଦିରକୁ ପ୍ରବେଶ କରି ଠାକୁରଙ୍କୁ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି। ତେବେ ଏନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅପରପକ୍ଷରେ ଅନ୍‌ଲାଇନ ଦର୍ଶନ ବ୍ୟବସ୍ଥାକୁ ନେଇ ଭକ୍ତ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏହି ବ୍ୟବସ୍ଥା ଲାଗୁ ହେଲେ ଦୃଢ଼ ବିରୋଧ କରାଯିବ ବୋଲି କେତେକ ଭକ୍ତ ମତ ରଖିଛନ୍ତି।

ମହାମାରୀ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ୨୦ତାରିଖରୁ ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଛି। କେବଳ ସେବାୟତମାନେ ମନ୍ଦିରକୁ ଯାଇ ଠାକୁରଙ୍କ ନୀତିକାନ୍ତି କରୁଛନ୍ତି। କୌଣସି ଭକ୍ତଙ୍କୁ ଭିତରକୁ ଛଡ଼ାଯାଉନି। ଇତିମଧ୍ୟରେ ସାଢେ ୪ମାସରୁ ଊର୍ଦ୍ଧ୍ୱ ବିତିଗଲାଣି, ହେଲେ ମହାପ୍ରଭୁଙ୍କୁ ଦର୍ଶନ କରିପାରୁ ନାହାନ୍ତି ଭକ୍ତ। ମହାମାରୀ କରୋନା ଭକ୍ତ-ଭଗବାନଙ୍କ ମଧ୍ୟରେ ପାଚେରି ଛିଡ଼ା କରିଛି। ତେବେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ଥିବାରୁ ଏହାର ପ୍ରଭାବ ପୁରୀ ଅର୍ଥନୀତି ଉପରେ ପଡ଼ିଛି। ହୋଟେଲ ଶିଳ୍ପଠାରୁ ଆରମ୍ଭ କରି ବେଳାଭୂମିର ଉଠାଦୋକାନୀ ବି ପ୍ରଭାବିତ ହୋଇଛନ୍ତି। ତେଣୁ ଧୀରେ ଧୀରେ ଅର୍ଥନୀତିକୁ ସୁଦୃଢ଼ କରାଇବା ପାଇଁ ପ୍ରଶାସନ ଚିନ୍ତା କରୁଛି। ଯେଉଁମାନେ ହୋଟେଲରେ ବୁକିଂ କରିଥିବେ ସେମାନେ ପୁରୀକୁ ଆସିପାରିବେ ବୋଲି ପ୍ରଶାସନ ଅନୁମତି ଦେଲାଣି। ଅନ୍ୟପକ୍ଷରେ ସାଢେ ୪ମାସରୁ ଊର୍ଦ୍ଧ୍ୱ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଭକ୍ତଙ୍କ ମନ ବି ବ୍ୟଥିତ ହୋଇପଡ଼ିଲାଣି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ଦର୍ଶନ ନେଇ ବିଚାରବିମର୍ଶ ଚାଲିଥିବା ସୂଚନା ମିଳିଛି।

ଗୁରୁବାର ଗଣମାଧ୍ୟମକୁ ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର ସୂଚନା ଦେଇ କହିଛନ୍ତି, ଖୁବ୍‌ଶୀଘ୍ର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିପାରନ୍ତି ଭକ୍ତ। ଅନ୍‌ଲାଇନ ଜରିଆରେ ଦର୍ଶନ ବ୍ୟବସ୍ଥା ପାଇଁ ବିଚାର ବିମର୍ଶ କରାଯାଉଛି। ଏନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ଚାଲିଛି। ଶୀଘ୍ର ଚୂଡ଼ାନ୍ତ ହେବ। ପ୍ରଥମେ



ପୁରୀବାସୀ ଏବଂ ପରେ ଅନ୍ୟମାନଙ୍କୁ ଦର୍ଶନ ସୁବିଧା ମିଳିବ। ପରିଚୟପତ୍ର ଏବଂ ତଥ୍ୟ ଦେଇ ଅନ୍‌ଲାଇନରେ ପଞ୍ଜୀକୃତ କରିପାରିବେ। କେଉଁଦିନ ଏବଂ କେଉଁ ସମୟରେ ଦର୍ଶନ ସୁବିଧା ମିଳିବ ତାହା ପୂର୍ବରୁ ଜଣାଇ ଦିଆଯିବ ବୋଲି ଦାସମହାପାତ୍ର କହିଛନ୍ତି। ତେବେ ଏହାକୁ ନେଇ ଭକ୍ତଙ୍କ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଶ୍ରଦ୍ଧାଳୁ ଦିଲୀପ ବରାଳ କହିଛନ୍ତି, ଅନ୍‌ଲାଇନ ଦର୍ଶନ ବ୍ୟବସ୍ଥା କରାଗଲେ ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହେବେ। ବିଶେଷକରି ପରିଣତ ବୟସରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଚାହୁଁଥିବା ବେସାହାରା ଲୋକଟିଏ ପାଖରେ ଆଉ ସୁଯୋଗ ରହିବ ନାହିଁ। କେବଳ ମହାପ୍ରଭୁ ବଡ଼ବଡିଆଙ୍କ ଠାକୁର ବୋଲି ପ୍ରମାଣିତ ହେବ। ତେଣୁ ଏଭଳି ବ୍ୟବସ୍ଥା ଶ୍ରୀମନ୍ଦିର କ୍ଷେତ୍ରରେ ଲାଗୁ ନ ହେଉ ବୋଲି ବରାଳ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, କରୋନା ପାଇଁ ଗତ ମାର୍ଚ୍ଚ ୨୦ରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ମନ୍ଦିର ପ୍ରଶାସନ ପକ୍ଷରୁ ଅନ୍‌ଲାଇନ ଦର୍ଶନ ସମ୍ପର୍କରେ କୌଣସି ନିଷ୍ପତ୍ତି କିମ୍ବା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ପରିଚାଳନା କମିଟି ବୈଠକରେ ମଧ୍ୟ ଏସଂକ୍ରାନ୍ତରେ ଆଲୋଚନା କରାଯାଇ ନାହିଁ। ଏହା ଦାସମହାପାତ୍ରଙ୍କ ବ୍ୟକ୍ତିଗତ ମତ ହୋଇପାରିଥାଏ ବୋଲି ସାହୁ କହିଛନ୍ତି।

ଆଜିର ମନ୍ତବ୍ୟ

"ନଭେମ୍ବର ୩ ପୂର୍ବରୁ କରୋନା ଔଷଧ ସମ୍ଭବ।
– ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମାମୁନା
ପରିବାରବର୍ଗ


ରାଧାକ୍ରିଷ୍ଣ
ପରିବାରବର୍ଗ


ରୋହିତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କରୋନା: ୮୯୦ କୋଟି ଦ୍ୱିତୀୟ କିସ୍ତି ମଞ୍ଜୁର କଲା କେନ୍ଦ୍ର

**ଭୁବନେଶ୍ୱର,୬।୮(ବ୍ୟୁରୋ):** କେନ୍ଦ୍ର ସରକାର କୋଭିଡ–୧୯ ମୁକାବିଲା କରିବାକୁ ଜରୁରୀ ସ୍ୱାସ୍ଥ୍ୟସେବା ପ୍ୟାକେଜର ଦ୍ୱିତୀୟ କିସ୍ତି ବାବଦରେ ଓଡିଶା ସମେତ ୨୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ୮୯୦.୩୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଅର୍ଥ କୋଭିଡ–୧୯ ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଉପରେ ପଡୁଥିବା ଆର୍ଥିକ ଚାପକୁ ହ୍ରାସ କରିବାକୁ ମଞ୍ଜୁର କରାଯାଇଛି। ଏହି ଅର୍ଥରେ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଉପକରଣ, ଆରଟି–ପିସିଆର ମେସିନ, ଆରଏନଏ କିଟ୍ ଆଦି କ୍ରୟ କରାଯିବ। ଏଠାରେ ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ୩ ହଜାର କୋଟି ଟଙ୍କା ମଞ୍ଜୁର କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଲକ୍ଷ୍ମୀ: ନାଁକୁ କାମ,...

କରାଯାଇ କାମ ପାଇଁ ମନୋନୀତ କରାଯାଇଥିଲା। ସେହି ମାସ ୨୬ତାରିଖରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଉ ଏକ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୧୫ଜଣ ପ୍ରବାସୀ ଯୋଗଦେଇଥିବାବେଳେ ୧୩୬ଜଣଙ୍କୁ ମନୋନୀତ ଯାଇଥିଲା। ଦକ୍ଷତା ଅନୁଯାୟୀ ବିଭିନ୍ନ ଟ୍ରେଡ୍ ଯଥା ଫିଟର୍, ଇଲେକ୍ଟ୍ରିସିଆନ୍, ପ୍ଲମ୍ବର(ପାଇପ୍ ମିସ୍ତ୍ରି), ପେଣ୍ଟର୍, ରାଜମିସ୍ତ୍ରି ଏବଂ ଫ୍ୟାବ୍ରିକେଶନ୍ ଆଦିରେ ନିଯୁକ୍ତି ଦିଆଯିବ ବୋଲି ପତ୍ରରେ ଉଲ୍ଲେଖ ରହିଥିଲା। ପରବର୍ତ୍ତୀ ସମୟରେ ବଡ଼ମ୍ବା, ନରସିଂହପୁର ଏବଂ ନିଶ୍ଚିନ୍ତକୋଇଲିରେ ମଧ୍ୟ ଅନୁରୂପ ଶିବିର ଆୟୋଜିତ ହୋଇଥିଲା। ଏବେ କିନ୍ତୁ ସବୁକିଛି ଠପ୍ ହୋଇଯାଇଛି। ଆଉ ଶିବିର ଆୟୋଜନ ହେଉନାହିଁ। ପ୍ରବାସୀମାନେ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିବାବେଳେ କର୍ତ୍ତୃପକ୍ଷ ମଧ୍ୟ କୌଣସି ପ୍ରକାର ଉତ୍ତର ଦେଇପାରୁ ନାହାନ୍ତି। ପୂର୍ବ ସଞ୍ଚିତ ଅର୍ଥ ଶେଷ ହେବାରେ ଲାଗିଛି। ଘର ଚଳାଇବା କଷ୍ଟ ହେଲାଣି। ବର୍ତ୍ତମାନ ପରିବହନ କଟକଣା ଉଠିବା ପରେ ପ୍ରବାସୀମାନେ ଫେରିବାକୁ ଚିନ୍ତା କଲେଣି। ଜିଲାରେ ନିଯୁକ୍ତି ସୁଯୋଗ ଗୌଣ। ବିଶେଷ ଶିଳ୍ପ କାରଖାନା ମଧ୍ୟ ନାହିଁ। ତେଣୁ ଲୋକମାନେ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ଯେଉଁମାନେ କାମ ପାଇଁ ମନୋନୀତ ହୋଇଥିଲେ, ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ନିଯୁକ୍ତି ଦିଆଯାଇ ପାରିନାହିଁ। ଏପରି କି କିଛି କାମ କରିବାକୁ ଯାଇ ମଧ୍ୟ ଆବଶ୍ୟକ ସୁବିଧା ସୁଯୋଗ ନ ପାଇ ଫେରିବାକୁ ବାଧ୍ୟ ହୋଇଛନ୍ତି। ବାଙ୍କୀ ତାଳବସ୍ତ ଗ୍ରାମର ଜଗନ୍ନାଥ ଭିରାଙ୍କ କହିବା ଅନୁଯାୟୀ,ତାମିଲ୍‌ନାଡୁର ଏକ କମ୍ପାନୀରେ ଫିଟର୍ ଭାବେ ସେ କାମ କରୁଥିଲେ। କରୋନା ଯୋଗୁ କମ୍ପାନୀ ବନ୍ଦ ରହିବାରୁ ଘରକୁ ଫେରିଥିଲେ। ଜୁନ୍ ୨୨ ତାରିଖରେ ବାଙ୍କୀ କଚେରି ପଡ଼ିଆରେ ପ୍ରଶାସନ ତରଫରୁ 'ଲକ୍ଷ୍ମୀ' ଶିବିର ଆୟୋଜିତ ହୋଇଥିଲା। କାମ ମିଳିବା ଆଶାରେ ଜଗନ୍ନାଥ ଶିବିରକୁ ଧାଇଁଥିଲେ। କିଏ କ'ଣ କାମ ଜାଣିଛ, ବୋଲି ସେଠାରେ ପଚରାଯାଇଥିଲା। ତଦନୁଯାୟୀ, ଭୁବନେଶ୍ୱରର ଏକ ବିଲଡର୍ କମ୍ପାନୀରେ କାମ କରିବାକୁ ତାଙ୍କ ସହ ଅନ୍ୟମାନଙ୍କୁ ଚୟନ କରାଯାଇଥିଲା। ପରେ ସେ ଓ ଅନ୍ୟ ୩ଜଣ ସେହି କମ୍ପାନୀକୁ ଯାଇଥିଲେ। ଚୟନବେଳେ ରହିବାକୁ ଭଲ ଜାଗା ଏବଂ ଖାଇବାକୁ ଦିଆଯିବ ବୋଲି କୁହାଯାଇଥିଲା। ହେଲେ ସେଠାରେ ନାନା ଅବ୍ୟବସ୍ଥା ଦେଖାଦେବା ପରେ ସମସ୍ତେ ଫେରିଆସିଥିଲୁ ବୋଲି ଜଗନ୍ନାଥ କହିଛନ୍ତି। ସେହିପରି ମାହାଙ୍ଗାର ସୁଶାନ୍ତ ଦାସଙ୍କ କହିବା ହେଲା କାମ ଧନ୍ଦା ନ ଥିବାରୁ ଆର୍ଥିକ ଅଭାବ ଚିନ୍ତା ବଢ଼ାଇଲାଣି। ପରିବାର କଥା ବୁଝିବାକୁ ପଡ଼ିବ। ଓଡ଼ିଶାରେ ରହିଲେ ଭୋକ ଉପାସରେ ମରିବାକୁ ହେବ। ଜିଲା ପ୍ରଶାସନର ଯୋଜନା କେବଳ କାଗଜକଲମରେ ସୀମିତ ରହିଛି। ଚାକିରି ମିଳିବ ବୋଲି ବିଶ୍ୱାସ ନାହିଁ। ମହାରାଷ୍ଟ୍ରରୁ ଫେରିବା ପରେ ଅର୍ଥ ଅଭାବ ଚିନ୍ତା ମାନସିକ ଭାବେ ଦୁର୍ବଳ କରି ସାରିଲାଣି। ଆସନ୍ତା ସପ୍ତାହରେ ମହାରାଷ୍ଟ୍ର ଫେରିଯିବି ବୋଲି ସୁଶାନ୍ତ କହିଛନ୍ତି।

ଏନେଇ ଜିଲାପାଳ ଚଇନୀଙ୍କୁ ପଚରାଯିବାରେ କରୋନା ସଂକ୍ରମଣ ଅଧିକ ଯୋଗୁ ବର୍ତ୍ତମାନ 'ଲକ୍ଷ୍ମୀ' ଶିବିର ବନ୍ଦ ରହିଛି। ସ୍ଥିତି ସ୍ୱାଭାବିକ ହେଲେ ପୁଣି ଆରମ୍ଭ କରାଯିବ ବୋଲି କହିଛନ୍ତି। ଯେଉଁମାନଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା, ସେମାନେ କାର୍ଯ୍ୟରେ ଯୋଗଦେଲେଣି କି ବୋଲି ପଚାରିବାରେ ଏହାର ଉତ୍ତର ଠିକ୍ ଭାବେ ନ ଦେଇ କରୋନା ଯୋଗୁ ଘରୁ ନ ବାହାରିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିବା ଜିଲାପାଳ ଚୟନୀ ପ୍ରକାଶ କରିଛନ୍ତି।

### ଗିରୀଶ ମୁର୍ମୁ...

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ମୁର୍ମୁ ୨୦୦୧ରେ ରାଜ୍ୟର ରିଲିଫ୍ କମିଶନର ଓ ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କ ପ୍ରଧାନ ସଚିବ ଭାବେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ ମୁର୍ମୁ। ଗତ ବର୍ଷ ଅଗଷ୍ଟ ୫ରେ ଜମ୍ମୁ–କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବା ପରେ ରାଜ୍ୟପାଳ ସତ୍ୟପାଳ ମଲିକଙ୍କୁ ଗୋଆ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା। ତାଙ୍କ ସ୍ଥାନରେ ୨୦୧୯ ଅକ୍ଟୋବର ୨୯ରେ ମୁର୍ମୁଙ୍କୁ ଏହାର ପ୍ରଥମ ଏଲ୍‌ଜି ଭାବେ ଅବସ୍ଥାପିତ କରାଯାଇଥିଲା। ୬୦ ବର୍ଷୀୟ ମୁର୍ମୁ ବୁଧବାର ନିଜ ଇସ୍ତଫାପତ୍ର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ପଠାଇଦେଇଥିଲେ। ବର୍ତ୍ତମାନ ସିଏଜି ଥିବା ରାଜସ୍ଥାନ କ୍ୟାଡର୍ ୧୯୭୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ରାଜୀବ ମେହେର୍ଷିଙ୍କ ସ୍ଥାନରେ ମୁର୍ମୁଙ୍କୁ ଚତୁର୍ଦ୍ଦଶ ସମୀକ୍ଷକ ଓ ମହାଲେଖା ପରୀକ୍ଷକ ଭାବେ ନିଯୁକ୍ତି ମିଳିଛି।

ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ଏକ ବିଜ୍ଞପ୍ତି ଅନୁସାରେ ଗିରୀଶ ମୁର୍ମୁଙ୍କ ସ୍ଥାନରେ ଉତ୍ତରପ୍ରଦେଶର ବରିଷ୍ଠ ଭାଜପା ନେତା ମନୋଜ ସିହ୍ନାଙ୍କୁ ଜମ୍ମୁ–କଶ୍ମୀରର ଦ୍ୱିତୀୟ ଉପରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ୬୧ ବର୍ଷୀୟ ସିହ୍ନା ହେଉଛନ୍ତି ଏହି ପଦରେ ଅବସ୍ଥାପିତ ହେବାରେ ପ୍ରଥମ ରାଜନେତା। ସେ ନୂଆ ସିଏଜି ମୁର୍ମୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ଏନେଇ ରାଷ୍ଟ୍ରପତିଙ୍କ ପ୍ରେସ୍ ସଚିବ ଅଜୟ କୁମାର ସୂଚନା ଦେଇଛନ୍ତି। ୧୯୫୩ ଅଗଷ୍ଟ ୧୪ରେ ଗାଜିପୁରର ମୋହନପୁରାରେ ମନୋଜ ସିହ୍ନା ଜନ୍ମ ଗ୍ରହଣ କରିଥିଲେ। ସେ ୧୯୮୨ରେ ବନାରସ ହିନ୍ଦୁ ୟୁନିଭର୍ସିଟି(ବିଏଚ୍‌ୟୁ)ର ଛାତ୍ର ସଂସଦ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଗାଜିପୁରର ବିକାଶ ପୁରୁଷ ଭାବେ ପରିଚିତ ସିହ୍ନା ଏହି ଆସନରୁ ଲୋକ ସଭାରେ ୩ ଥର ପ୍ରତିନିଧିତ୍ୱ କରିଛନ୍ତି। ସେ ୨୦୧୬ରେ ମୋଦି ସରକାରଙ୍କ କ୍ୟାବିନେଟରେ ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଥିଲେ। ସିଭିଲ୍ ଇଞ୍ଜିନିୟରିଂରେ ବି.ଟେକ୍ କରିଥିବା ମନୋଜ ସିହ୍ନାଙ୍କୁ କଲ୍ ଡ୍ରପ୍ ସମସ୍ୟାର ସମାଧାନ ପାଇଁ ଶ୍ରେୟ ଦିଆଯାଇଥାଏ। ୧୯୯୬ରେ ସେ ପ୍ରଥମଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ୧୯୯୯ ଓ ୨୦୧୪ରେ ଗାଜିପୁରରୁ ପୁନଃ ନିର୍ବାଚିତ ହୋଇଥିଲେ। ୨୦୧୭ରେ ୪୦୩ ସଦସ୍ୟ ବିଶିଷ୍ଟ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ୨୬୫ ଆସନ ଜିତିବା ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଦୌଡ଼ରେ ସବୁଠୁ ଆଗରେ ଥିଲେ। କିନ୍ତୁ ସେତେବେଳେ ଗୋରଖପୁର ଏମ୍‌ପି ଥିବା ଯୋଗୀ ଆଦିତ୍ୟନାଥଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା।

### ରେପୋ ରେଟ୍...

୧୦ ହଜାର କୋଟି ଟଙ୍କାର ଅତିରିକ୍ତ ପୁଞ୍ଜି ଯୋଗାଇ ଦିଆଯିବ। କୋଭିଡ୍ ଯୋଗୁ ପ୍ରଭାବିତ ହୋଇଥିବା ପରିବାରଗୁଡିକୁ ସୁବିଧା ଦେବା ଲାଗି ସୁନା ମୂଲ୍ୟ ଉପରେ ଋଣ ସୀମାକୁ ୯୦% କରାଯାଇଛି। ଏହା ପୂର୍ବରୁ ୭୫% ରହିଥିଲା। କର୍ପୋରେଟ ଏବଂ ବ୍ୟକ୍ତିଗତ ଋଣ ଗ୍ରହୀତାଙ୍କର ଋଣ ପୁନର୍ଗଠନ କରିବା ଲାଗି ବ୍ୟାଙ୍କଗୁଡିକ ଏକ ୱିଣ୍ଡୋ ସୁବିଧା କରିବେ। ଏ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଅନୁମତି ପ୍ରଦାନ କରିଥିବା ଜଣାପଡିଛି। ଚାପଗ୍ରସ୍ତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ଋଣଗ୍ରହୀତା ମଧ୍ୟ ନେଇଥିବା ଋଣର ପୁନର୍ଗଠନ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ସେମାନଙ୍କ ଆକାଉଣ୍ଟ ଯଦି ଏକ ନିର୍ଦ୍ଦିଷ୍ଟ ମାନକ ପାଳନ କରୁଥିବ ତେବେ ଏହି ସୁବିଧା ମିଳିପାରିବ ବୋଲି ଶକ୍ତିକାନ୍ତ ମତ ପ୍ରକାଶ କରିଛନ୍ତି।

ସେ ପୁଣି କହିଛନ୍ତି ଯେ, ବର୍ତ୍ତମାନ କରୋନା ସଂକ୍ରମଣ ବୃଦ୍ଧି ହେବା ଯୋଗୁ ବିଶ୍ୱ ବଜାରର ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଛି। ଏଥିଯୋଗୁ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରିବାରେ ବାଧା ଉପୁଜୁଛି। ଏହା ଫଳରେ ଚଳିତ ବର୍ଷ ପ୍ରଥମ ୬ ମାସରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ପୂର୍ବର ୨ ଏମ୍‌ପିସି ବୈଠକରେ ରିଜର୍ଭ ବ୍ୟାଙ୍କ ଏହାର ରେପୋ ହାରକୁ ୧୧୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ୨୦୧୯ ପରଠାରୁ କେନ୍ଦ୍ରୀୟ ବ୍ୟାଙ୍କ ବର୍ତ୍ତମାନ ସୁଦ୍ଧା ୨୫୦ ବେସିସ୍ ପଏଣ୍ଟ ରେପୋ କମାଇଛି। ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ଗଭର୍ନର ଶକ୍ତିକାନ୍ତ ଆଶାବାଦୀ ଥିବା ମତ ରଖିଛନ୍ତି। ମହାମାରୀ ଏବଂ ଏଥି ଜନିତ ଲକ୍‌ଡାଉନ ପାଇଁ ଅର୍ଥ ବ୍ୟବସ୍ଥା ଉପରେ ପଡିଥିବା ନକାରାତ୍ମକ ପ୍ରଭାବକୁ କମ୍ କରିବା ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ନିଜର ଉଦ୍ୟମ ଜାରି ରଖିଥିବା ସେ ସ୍ପଷ୍ଟ କରିଛନ୍ତି।

ରିଜର୍ଭ ବ୍ୟାଙ୍କ ରେପୋ ହ୍ରାସ କଲେ ଘର, ଅଟୋ ଏବଂ ବାସଗୃହ ସମେତ ଅନ୍ୟ ବର୍ଗରେ ଇଏମ୍‌ଆଇ(ଇକ୍ୱେଟେଡ୍ ମନ୍ଥଲି ଇନ୍‌ଷ୍ଟାଲମେଣ୍ଟ) କମିବା ନେଇ ଆଶା ବଢ଼ିଯାଏ। ସୁଧ ହାର ହ୍ରାସ ଦ୍ୱାରା ବ୍ୟାଙ୍କଗୁଡିକ ଏହାର ଲାଭ ଗ୍ରାହକଙ୍କୁ ଦେବାକୁ ପଦକ୍ଷେପ ନେଇଥାନ୍ତି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ହୋଇଥିବା ଏକ ରିସର୍ଚ୍ଚ ମୁତାବକ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କଗୁଡିକ ୭୨ ବେସିସ ପଏଣ୍ଟ ସୁଧହାର ହ୍ରାସ କରିଛନ୍ତି। ଏହା ବର୍ତ୍ତମାନ ପର୍ଯ୍ୟନ୍ତ ତ୍ୱରିତ ପଦକ୍ଷେପ ବୋଲି କୁହାଯାଇଛି। ଏଭଳି ସ୍ଥିତିରେ ଏସ୍‌ବିଆଇ ଏହାର ରେପୋ ସଂଯୋଗୀ ରିଟେଲ ଋଣ ପୋର୍ଟଫୋଲିଓରେ ୧୧୫ ବେସିସ୍ ପଏଣ୍ଟ ସୁଧ ହାର ହ୍ରାସ କରିଛି। ମୁଦ୍ରାସ୍ଫୀତିକୁ ୪% ରଖିବା ଲାଗି ସରକାର ଆର୍‌ବିଆଇକୁ କହିଛନ୍ତି। ମୁଦ୍ରାନୀତି ନିର୍ଦ୍ଧାରଣ ବେଳେ କେନ୍ଦ୍ରୀୟ ବ୍ୟାଙ୍କ ଖାଉଟି ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫୀତିକୁ ନଜରରେ ରଖିଥାଏ। କେତେକ ଖାଦ୍ୟ ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ଜୁନ୍‌ରେ ୬.୦୯% ରହିଛି। ଅପରପକ୍ଷରେ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଘୋଷଣା ପରେ ଘରୋଇ ପୁଞ୍ଜିବଜାର କାରବାର ୧% ବଢ଼ିଥିବା ନଜରକୁ ଆସିଛି।

### ୮ କରୋନା...

ଆଇସିୟୁ ୱାର୍ଡରେ ୧୧ ଜଣ କରୋନା ରୋଗୀ ଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ବରିଷ୍ଠ ରୋଗୀଙ୍କୁ ହସ୍ପିଟାଲର ଜଣେ ଆଟେଣ୍ଡାଣ୍ଟ ଉଦ୍ଧାର କରିଥିଲେ। ତଳ ମହଲାର ସାଧାରଣ ୱାର୍ଡରେ ଥିବା ୪୧ କରୋନା ରୋଗୀଙ୍କୁ ଉଦ୍ଧାର କରାଯାଇ ଏସ୍‌ଭିପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତଦନ୍ତ ପାଇଁ ଶ୍ରେୟ ହସ୍ପିଟାଲକୁ ସିଲ୍ କରିଦିଆଯାଇଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ମ୍ୟୁନିସିପାଲ କମିଶନର ମୁକେଶ କୁମାର ଏବଂ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ଜୟନ୍ତୀ ରବି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ହସ୍ପିଟାଲ ଟ୍ରଷ୍ଟି ଭାରତ ମହାନ୍ତଙ୍କୁ ଜେରା କରାଯାଉଥିବା ଅତିରିକ୍ତ ପୋଲିସ କମିଶନର ଆର୍.ଭି. ଅସାରି କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସଙ୍ଗୀତା ସିଂ ଏବଂ ସହରାଞ୍ଚଳ ବିକାଶ ବିଭାଗ ସଚିବ ମୁକେଶ ପୁରୀ ଘଟଣାର ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗ୍ନିକାଣ୍ଡରେ କରୋନା ରୋଗୀଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ଏଥିସହିତ ସେ ମୃତକଙ୍କ ପରିବାର ଲାଗି ୨ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଆହତମାନଙ୍କ ଚିକିତ୍ସା ଲାଗି ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। ଅହମଦାବାଦ ହସ୍ପିଟାଲ ଅଗ୍ନିକାଣ୍ଡରେ ୮ କରୋନା ରୋଗୀଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

### ଓଡ଼ିଶାର ସୁନାମି ପ୍ରସ୍ତୁତିକୁ...

ଭାବରେ ପ୍ରସ୍ତୁତ କରାଯାଇଛି। ଏହି ଦୁଇ ଗ୍ରାମକୁ କେନ୍ଦ୍ର ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରଣାଳୟର ଜାତୀୟ ବୋର୍ଡ ବୈଠକରେ ଅନୁମୋଦନ କରାଯାଇ ୟୁନେସ୍କୋ ସ୍ୱୀକୃତି ପାଇଁ ପଠାଯାଇଥିଲା। ୨୦୨୦ ଫେବୃୟାରୀରେ ଏହି ଦୁଇ ଗ୍ରାମକୁ ୟୁନେସ୍କୋର ୭ ଜଣିଆ ଟିମ୍ ଗସ୍ତ କରି ସୁନମି ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ବୋର୍ଡ ପକ୍ଷରୁ ପଠାଯାଇଥିବା ଏହି ପ୍ରସ୍ତାବକୁ ଗୁରୁବାର ୟୁନେସ୍କୋ–ଆଇଓସି ସ୍ୱୀକୃତି ପ୍ରଦାନ କରିଛି। ଏହି ଗୌରବ ଲାଭ କରିବାରେ ଓଡ଼ିଶା ମଧ୍ୟ ପ୍ରଥମ ରାଜ୍ୟ ହୋଇପାରିଛି। ଭାରତ ମହାସାଗର ଅଞ୍ଚଳରେ ଥିବା ୫୦ଟି ଦେଶ ମଧ୍ୟରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏହି ମାନ୍ୟତା ଲାଭ କରିଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଶୁକ୍ରବାର ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ୟୁନେସ୍କୋ ପକ୍ଷରୁ ଓଏସ୍‌ଡିଏମ୍‌ଏକୁ ଏହି ସ୍ୱୀକୃତି ଓ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରଣାଳୟର ସଚିବ ଏମ୍. ରାଜୀବନ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ମେମ୍ବର ସେକ୍ରେଟାରୀ ଜି.ଭି.ଭି. ଶର୍ମା, ଓଏସ୍‌ଡିଏମ୍‌ଏ ଏମ୍‌ଡି ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିବେ।

ଏହି ସୁନାମି ପ୍ରସ୍ତୁତି କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ଭୂବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ଏକ ଜାତୀୟ ବୋର୍ଡ ଗଠନ କରାଯାଇଛି। ଏହି ବୋର୍ଡରେ ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର ଓସନ ଇନ୍‌ଫରମେଶନ ସେଣ୍ଟର (ଆଇଏନ୍‌ସିଓଆଇଏସି) ନିର୍ଦ୍ଦେଶକ ଅଧ୍ୟକ୍ଷ ଥିବା ବେଳେ ଗୃହ ମନ୍ତ୍ରଣାଳୟ, ଏନ୍‌ଡିଏମ୍‌ଏ, ଓଏସ୍‌ଡିଏମ୍‌ଏ, ଆଣ୍ଡାମାନ ନିକୋବର ଆଇଲାଣ୍ଡ ଡାଇରେକ୍ଟୋରେଟ ଅଫ୍ ଡିଜାଷ୍ଟର ମ୍ୟାନେଜମେଣ୍ଟରୁ ସଦସ୍ୟ ରହିଛନ୍ତି।

ରାଜ୍ୟକୁ ସବୁ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ଭୟ ରହିଛି। ବାତ୍ୟା, ବନ୍ୟା ଭଳି ସୁନାମି ଆଉ ଏକ ବିପତ୍ତି ଭାବେ ଉଭା ହୋଇଛି। ଏହା ଉପକୂଳବର୍ତ୍ତୀ ଜିଲାଗୁଡିକର ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା କରି ଓଏସ୍‌ଡିଏମ୍‌ଏ ଉପକୂଳବର୍ତ୍ତୀ ୬ଟି ଜିଲା ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡାରେ ସୁନାମି ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଉକ୍ତ ଜିଲାଗୁଡିକର ୩୨୨ଟି ଗ୍ରାମକୁ ସୁନାମି ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ବିଡିଓ, ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ, ଭିଏଲ୍‌ଡବ୍ଲ୍ୟୁ, ୱାର୍ଡ ମେମ୍ବର, ଗ୍ରାମବାସୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖଙ୍କୁ ଏହି ସୁନାମି ପ୍ରସ୍ତୁତି ସମ୍ପର୍କରେ ତାଲିମ ଦିଆଯିବ। ବିଶେଷକରି ମୋବାଇଲ ଏସ୍‌ଏମ୍‌ଏସ୍, ଡିଜିଟାଲ ରେଡିଓ ଏବଂ ସାଇରନ ମାଧ୍ୟମରେ ଲୋକମାନଙ୍କୁ ସୁନାମି ପୂର୍ବରୁ ସତର୍କ କରାଯିବ। ଏହି ସତର୍କ ସାଇରନ ପ୍ରାୟ ଦେଢ କିଲୋମିଟର ଯାଏ ଶୁଣାଯିବ। ଏହି ଶବ୍ଦ ଶୁଣିବାମାତ୍ରେ ତାଲିମପ୍ରାପ୍ତ ଲୋକମାନେ ଅନ୍ୟମାନଙ୍କୁ ସତର୍କ କରାଇ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦେବେ। ଏହା ଏକ ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ହୋଇଥିବାରୁ ଏଥିପାଇଁ ଅଧିକ ସତର୍କ ରହିବାକୁ ପଡିବ। ଆଧୁନିକ ଜ୍ଞାନ କୌଶଳକୁ ଉପଯୋଗ କରି ଏଭଳି ବିପର୍ଯ୍ୟୟରୁ ଲୋକଙ୍କୁ ରକ୍ଷା କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଏସ୍‌ଆର୍‌ସି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଘରୋଇ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ସଙ୍ଗୀତ ସାଧନା, ପ୍ରଶାସନିକ ଆଲୋଚନା ଓ କଳା ସାହିତ୍ୟକ୍ଷେତ୍ରରୁ ସୁଫଳ ମିଳିବ। କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ବୃଷ** ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ କିଛିନା କିଛି ଦୋଷଖୋଜି ସମାଲୋଚନା କରିବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଜମିଜମା କିମ୍ବା ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ବନ୍ଧୁଙ୍କ ମିଠା କଥାରେ ମନ ବଳାଇବେ।

**ମିଥୁନ** ଯେକୌଣସି କାମରେ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଈର୍ଷାପରାୟଣ ମନୋବୃତ୍ତି ନେଇ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଆଲୋଚନା ପରିସରରେ ଅନାବଶ୍ୟକ ପ୍ରସଙ୍ଗକୁ ଉଠାଇଲେ ସମାଲୋଚିତ ହେବେ।

**କର୍କଟ** ସାମାଜିକସ୍ତରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପାରିବାରିକସ୍ଥିତି ପୂର୍ବାପେକ୍ଷା ବହୁତ ଭଲ ରହିବ।

**ସିଂହ** ଅସ୍ଥିରତା ଲାଗିରହିଥିବାରୁ କେତେକ ସାମାନ୍ୟ ଭୁଲ୍‌ଜନିତ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାର୍ଯ୍ୟ ହାସଲ କରିବେ। କୌଣସି ବିଜାତୀୟ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା** ପ୍ରତିବନ୍ଧକଜନିତ ବାରମ୍ବାର କାର୍ଯ୍ୟରେ ଅସଫଳତା କାରଣରୁ ଦୁର୍ଭାବନା ବଢ଼ିଚାଲିବ। କୌଣସି ବିଶେଷ କାମ ସକାଶେ ଘରେ ବନ୍ଧୁ ମିଳନର ଆୟୋଜନ କରିପାରନ୍ତି। ନୂଆକରି ଆରମ୍ଭ କରିବାକୁ ଯାଉଥିବା କାମରେ ପରିବାରରୁ ପ୍ରତିରୋଧର ଆଶଙ୍କା ରହିଛି। ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସାମୟିକ ଭାବରେ ଚିନ୍ତିତ ରହିବେ।

**ତୁଳା** ପାରିବାରିକ ଜୀବନରେ ଭୁଲ୍ ବୁଝାମଣା କାରଣରୁ ମତାନ୍ତର ସୃଷ୍ଟିହେବ। ବନ୍ଧୁଙ୍କ ସହ ଆଲୋଚନା ସମୟରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ଦେହ ଭଲ ରହିଲେ ମଧ୍ୟ ସାମୟିକ ଭାବରେ ମାନସିକ ଅଶାନ୍ତି ଲାଗିରହିବ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ବନ୍ଧୁଙ୍କ ପରାମର୍ଶରେ ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ପିଲାମାନଙ୍କ କୃତୀ ଓ କୃତିତ୍ୱ ପାଇଁ ଗର୍ବ ଅନୁଭବ କରିପାରନ୍ତି।

**ଧନୁ** ଅନୁକୂଳ ବାତାବରଣ ମଧ୍ୟରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପ୍ରଶାସନିକ ସ୍ତରରେ ଯୋଜନାଗୁଡିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପାରିବାରିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଅଳ୍ପସମୟରେ ସୁଧୁରିଯିବ। ଅଜୀର୍ଣ୍ଣଜନିତ ଆମାଶୟ ଦେଖାଦେଇପାରେ।

**ମକର** ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ। ପରିବାରର ସହମତିରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସ୍ଥଳବିଶେଷରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**କୁମ୍ଭ** ଆଜି ଆନୁଷ୍ଠାନିକ କ୍ଷେତ୍ରରେ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ। ଘରୋଇକ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଯାତ୍ରା, ବାଣିଜ୍ୟ, ଯୋଗାଯୋଗ, ସ୍ଥଗିତ କାର୍ଯ୍ୟାରମ୍ଭ ପ୍ରଭୃତିରେ ସଫଳତା ମିଳିବ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ମୀନ** ପ୍ରତିରୋଧର ସାମ୍ନା କରି ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ସରକାରୀ କାମରେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବିନୟପୂର୍ଣ୍ଣ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ।

ଆଜି ଭାଦ୍ରବ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ଅଗଷ୍ଟ ୭ ତାରିଖ, ଜାତୀୟ ହସ୍ତତନ୍ତ ଦିବସ, ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ଦିବା ଘ.୦୧.୩୩ମି.ପର୍ଯ୍ୟନ୍ତ ପୂର୍ବଭାଦ୍ର/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୨୮ମି. ଗତେ ଘ.୦୬.୧୯ମି. ମଧ୍ୟେ, ଘ. ୦୭.୧୦ମି. ଗତେ ଘ.୦୯.୪୪ମି. ମଧ୍ୟେ, ଘ.୧୨.୧୭ମି. ଗତେ ଘ.୦୨.୫୧ମି. ମଧ୍ୟେ, ଘ.୦୪.୩୩ମି. ଗତେ ଘ.୦୬.୧୬ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୪୬ମି.ଗତେ ଘ.୦୯.୧୫ମି. ମଧ୍ୟେ, ରାତ୍ରି ଘ.୦୧.୪୪ମି. ଗତେ ଘ.୦୩.୧୪ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୧୫ମି.ଗତେ ଘ୦୩.୫୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୬ମି. ଗତେ ଘ.୧୧.୫୨ମି.ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



SALE

GA plot for immediate sale at Saheed Nagar & Ashok Nagar, buyers Contact- DEEPAK-9937329999. D-68099

ପୁରୀ ବାଟମଙ୍ଗଳା ମନ୍ଦିର ସାମ୍ନାରେ ନୂଆ ବାଇପାସ୍ ରୋଡ୍‌କୁ ଲାଗି 146 ଡିସିମିଲ ଓ ପୁରୀ ସହର prime ଲୋକେସନରେ commercial plot ବିକ୍ରୟହେବ। ଯୋଗାଯୋଗ: 9438109040, 8144658008. D-17883

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

1950sft. plot immediately sale Jharpada, Bhubaneswar, BDA yellow zone, buyers directly Contact- DEEPAK-9937329999. D-68098

Litigation free yellow zone plots at Nuagaon, Malipada near Sum Hospital, DAV School, Bhubaneswar. One time registration, 1700/-psqft. 7735768268. D-69324



3 BHK house near CRP Square available for immediate rent. Contact: 7008355227. D-17896



Herbal full body massage by smart / expert therapist. Contact: 8338067247. D-69713

Get refreshment body massage by expert therapist contact for. 9556978408. D-69705

Newly open SPA Centre full body massage Bamikhal, Bhubaneswar. 7205187702. D-59955

Newly open SPA centre full body massage, Rasulgarh, Bhubaneswar. 7846814019. D-59956

Newly open full body massage by Lady/ Gents therapists - 8018656899. D-60885

Relaxing body massage by Lady/ Gents therapists - 7008773793. D-60886

ପି.ଏଚ୍.ଡ଼ି ପାଇଲେ
ଶ୍ରୀମତୀ ଉପାସନା ମହାପାତ୍ର



ଶ୍ରୀମତୀ ଉପାସନା ମହାପାତ୍ର ଚଳିତ ବର୍ଷ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷିଅର୍ଥନୀତି(Agriculture Economics) ବିଭାଗରୁ ଡକ୍ଟରେଟ ଉପାଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଉକ୍ତ ବିଭାଗର ପ୍ରଫେସର ଡକ୍ଟର ରାଜକିଶୋର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ପି.ଏଚ୍.ଡି ସନ୍ଦର୍ଭ "Performance of Odisha agriculture in context of temporal changes and changing crop production technology: An Econometric Analysis" ଟି ଡକ୍ଟର ରାକେଶ ସିଂହ, ପ୍ରଫେସର, ବି.ଏଚ୍.ୟୁ, ବାରାଣସୀ ଏବଂ ଡକ୍ଟର କଲ୍ୟାଣ ଭଟ୍ଟାଚାର୍ଯ୍ୟ, ପ୍ରଫେସର, ବି.ସି.କେ.ଭି., ପଶ୍ଚିମବଙ୍ଗଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର ଉପାସନା କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡାର କ୍ଷେତ୍ର ବୈଜ୍ଞାନିକ ଶ୍ରୀ ତାପସ ରଞ୍ଜନ ସାହୁଙ୍କ ସହଧର୍ମିଣୀ ଅଟନ୍ତି ଏବଂ ଢେଙ୍କାନାଳ ଜିଲ୍ଲା କାଙ୍କଡପାଳ ଗ୍ରାମର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ କର୍ମରତ ବରିଷ୍ଠ ପ୍ରବନ୍ଧକ ଶ୍ରୀ ଉତ୍ତମ କୁମାର ମହାପାତ୍ର ଏବଂ ଶ୍ରୀମତୀ ସବିତା ବରଣୀ ରଥଙ୍କର ଜ୍ୟେଷ୍ଠା କନ୍ୟା। ସେ କେନ୍ଦ୍ରାପଡାର ସୁନାମଧନ୍ୟ ଶିକ୍ଷକ ସ୍ୱର୍ଗତଃ ଗଣେଶ୍ୱର ସାହୁ ଏବଂ ଶ୍ରୀମତୀ ମନୋରମା ସାହୁଙ୍କ ପୁତ୍ରବଧୂ। ଏହି ସଫଳତା ପାଇଁ ଡକ୍ଟର ଉପାସନା ନିଜ ପିତା-ମାତା, ଜେଜେବାପା, ସାନ ଭଉଣୀ ଶ୍ୱେତାଲିନା, ଭଉଣୀ ଜ୍ୱାଇଁ ବିଶ୍ୱଜିତ, ସମସ୍ତ ଗୁରୁଜନ ଏବଂ ସର୍ବୋପରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କୃତଜ୍ଞତା ଜ୍ଞାପନ କରୁଛନ୍ତି। ବର୍ତ୍ତମାନ, ସେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ପୁରୀ ରେ ସହକାରୀ ନିର୍ଦ୍ଦେଶକ (ଓଡ଼ିଶା ଯୋଜନା ସେବା) ଭାବେ କାର୍ଯ୍ୟରତ।
ଧ–୧୭୯୦୦

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଶାଗ ବୁଦି ବୁଦି**
**ଭାଉଜ ଗୋଡ଼ରେ ଜାଉଁଳି ମୁଦିଲୋ**
**ଚାଲୁଥାଏ କୁଦି କୁଦି।**

ମହିଳାମାନେ ସାଧାରଣତଃ ଗହଣାପ୍ରିୟ ହୋଇଥାନ୍ତି । ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଅନୁଭବ କରିଥାନ୍ତି। ଗୋଡ଼ରେ ସାମାନ୍ୟ ମୁଦିଟିଏ ପିନ୍ଧି ଅନ୍ୟ ଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପଙ୍କକୁ ଯିବି କାହିଁକି**
**ଗୋଡ଼ ଧୋଇବି କାହିଁକି ?**

ପଙ୍କ କାଦୁଅରେ ପଶିଲେ ଗୋଡ଼ ଅସନା ବା ମଇଳା ହୋଇଯାଏ। ଫଳରେ ଗୋଡ ଧୋଇବାକୁ ପଡିଥାଏ। ପରୋକ୍ଷରେ ପର ଅଡୁଆ ଭିତରେ ପଶିଲେ ବେଳେ ବେଳେ ସେଥିରେ ଛନ୍ଦି ହୋଇଯିବାର ଭୟ ବା ଆଶଙ୍କା ରହିଥାଏ । ତେଣୁ ଅନ୍ୟ କଥାରେ ଅଯଥା ମୁଣ୍ଡ ପୂରେଇବା ବା ନ ଖେଳେଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ବାନ୍ଧି ରଖିଛି ବାନ୍ଧକଳା

ଅଗଷ୍ଟ ୭, ଜାତୀୟ ହସ୍ତତନ୍ତ ଦିବସ। ଦେଶରେ ବୁଣାକାରଙ୍କ ଉନ୍ନୟନ ଲାଗି ୨୦୧୫ରୁ ଏହି ଦିବସ ପାଳିତ ହୋଇଆସୁଛି...

ହସ୍ତତନ୍ତ, ବାନ୍ଧକଳା କେବଳ ପୁରୁଷଙ୍କ ପାଖରେ ସୀମିତ ନୁହେଁ। ଏଥିରେ ଏମିତି କେତେଜଣ ମହିଳା ଅଛନ୍ତି ଯେଉଁମାନେ ଘରର ଚାରିକାନ୍ଥ ଭିତରେ ରହି ମଧ୍ୟ ନିଜର ଦକ୍ଷତା ପ୍ରଦର୍ଶନ କରି ଜାତୀୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ହସ୍ତତନ୍ତର ସୂକ୍ଷ୍ମକଳାକୁ ନେଇ ଜାତୀୟ, ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା ସେମିତି କେତେଜଣ ମହିଳାଙ୍କୁ ଭେଟିଥିଲେ ଆମ ପ୍ରତିନିଧି। ସେମାନଙ୍କ ମନର କଥାକୁ ନେଇ ପ୍ରେମାନନ୍ଦ ଖମାରୀଙ୍କ ଏକ ସ୍ୱତନ୍ତ୍ର ଉପସ୍ଥାପନା...









ଜାତୀୟ ହସ୍ତତନ୍ତ ଦିବସ

## ଶାଢ଼ିରେ ସୀମିତ ନୁହେଁ ବାନ୍ଧକଳା



ପିଲାଟି ବେଳୁ ମା'ବାପାଙ୍କ ବାନ୍ଧକଳା ଦେଖି ଆସୁଥିଲି। ପାଠପଢୁଥିଲେ ମଧ୍ୟ ୧୦ବର୍ଷବୟସରୁ ସେହି କାମ ଶିଖିବା ଆରମ୍ଭ କଲି। ବାହାଘର ପରେ ସ୍ୱାମୀ ବାନ୍ଧକଳା ପ୍ରତି ଆହୁରି ଉତ୍ସାହିତ କଲେ। ତାଙ୍କ ପ୍ରେରଣାରୁ ବିଭିନ୍ନ ଡିଜାଇନ୍‌ର ବାନ୍ଧକଳା ଶିଖିଲି। ବାନ୍ଧକଳା କହିଲେ ଲୋକେ ସାଧାରଣତଃ ଶାଢ଼ିକୁ ବୁଝିଥାନ୍ତି। ଏବେ ତାହା ଆଉ ଶାଢ଼ିରେ ସୀମିତ ନାହିଁ। ବାନ୍ଧକଳାରେ ମାସ୍କ, ରାଖୀ, ଟାଇ, ଟୋପି, ଟେବୁଲ କ୍ଲଥ, ଡୋର୍ ସ୍କ୍ରିନ, ବେଡ୍‌ଶିଟ୍, ରୁମାଲ ଆଦି ତିଆରି ହେଉଛି। ୨୦୧୩ରେ ମୋ ତିଆରି ସୁଦଶାବ୍ରତ ଶାଢ଼ି (ଝୋଟି ଡିଜାଇନ୍) ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିଲା। ୨୦୧୫ ଜାତୀୟ ହସ୍ତତନ୍ତ ଦିବସରେ ଚେନ୍ନାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଁ ସେହି ପୁରସ୍କାର ଗ୍ରହଣ କରିଥିଲି।

– ସସ୍ମିତା ମେହେର, ବରଗଡ଼

## ପରମ୍ପରା ବଜାୟ ରହିଛି



ସମୟ ବଦଳୁଛି। ବାନ୍ଧକଳାରେ ଡିଜାଇନ୍ ବି ବଦଳି ଚାଲିଛି। କିନ୍ତୁ ପରମ୍ପରାଗତ ଡିଜାଇନ ପଛରେ ପଡ଼ି ନାହିଁ। ସବୁବେଳେ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଆମେ ଗୁରୁତ୍ୱ ଦେଇ ଆସୁଛୁ। ଆମେ ଯେଉଁ ଶାଢ଼ି ତିଆରି କରୁଛୁ, ସେଥିରେ କଳା ସଂସ୍କୃତି ଆଦି ମଧ୍ୟ ପ୍ରତିଫଳିତ ହେଉଛି। କେବଳ ସେତିକି ନୁହେଁ, ଲୋକଙ୍କ ଚାହିଦା ଅନୁଯାୟୀ, ବିଭିନ୍ନ ସମୟରେ ପ୍ରସ୍ତୁତ ଶାଢ଼ିରେ ଚିତ୍ରକଳା, ସାହିତ୍ୟ ଆଦି ଶିକ୍ଷଣୀୟ ତଥ୍ୟ ମଧ୍ୟ ପ୍ରସ୍ଫୁଟିତ ହେଉଛି। ଦିନକୁ ଦିନ ବାନ୍ଧକଳାର ଉନ୍ନତି ଘଟୁଛି। ୨୦୦୬ରେ ମୁଁ ପ୍ରସ୍ତୁତ କରିଥିବା ପାଟଶାଢ଼ି 'ମହାଲକ୍ଷ୍ମୀ' ପାଇଁ ନ୍ୟାଶନାଲ ଆୱାର୍ଡ ପାଇଥିଲି।

– ଶାନ୍ତିଲତା ମେହେର, ବରପାଲି

## ବ୍ୟବହାର ହେଉଛି ପ୍ରାକୃତିକ ରଙ୍ଗ



ଏବେ ଆଧୁନିକ ଚାକଚକ୍ୟକୁ ଦେଖି ଶାଢ଼ି ପ୍ରସ୍ତୁତ କରାଯାଉଛି। ଫଳରେ ପୂର୍ବପୁରୁଷମାନେ ବାନ୍ଧକଳାରେ ଯେଉଁ ଶାଢ଼ି ତିଆରି କରୁଥିଲେ, ତାହା ଧୀରେ ଧୀରେ ହଜିବାକୁ ବସିଛି। ମାତ୍ର ଆମେ ସମ୍ପୂର୍ଣ୍ଣଭାବେ ପ୍ରାଚୀନତାର ପୁନରୁଦ୍ଧାରକୁ ଗୁରୁତ୍ୱ ଦେଇଆସୁଛୁ। ବିନାଗ୍ରାଫ୍‌ରେ ଡିଜାଇନ୍ ତିଆରି କରୁଛୁ। ପୂର୍ବପୁରୁଷଙ୍କ ପ୍ରସ୍ତୁତ ଶାଢ଼ି ଭଳି ହାତୀ, ସିଂହ, ହରିଣ(ହେର୍ଣ୍ଣା), ହଂସ, ଲହମାଛ, ଲହପୁଚ୍‌କି ଆଦି କଳା ଆମ ଶାଢ଼ିରେ ରହୁଛି। ସେହିପରି ମୁଗଛାଲି(ଚୋପା), କୁମ୍ଭାର ମାଟି, ଗୋରସ, ଅର୍ଜୁନ ଗଛ ଛାଲିରୁ ଶାଢ଼ି ପାଇଁ ପ୍ରାକୃତିକ ରଙ୍ଗ ତିଆରି କରୁଛୁ। ଏଥିରୁ ଆମର ଆଗାମୀ ପିଢ଼ି ପୂର୍ବପୁରୁଷଙ୍କ କାରିଗରି ଉପରେ ନିଶ୍ଚୟ କିଛି ଜାଣିପାରିବେ। ଆମ ପ୍ରସ୍ତୁତ ପାରମ୍ପରିକ ସାରାବନ୍ଧ ଶାଢ଼ି ୨୦୧୬ରେ ନ୍ୟାଶନାଲ ଆୱାର୍ଡ ପାଇଥିଲା। ସେହି ପୁରସ୍କାର ଆମେ ଜୟପୁରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗ୍ରହଣ କରିଥିଲୁ।

– ଦେବକୀ ମେହେର, କପାବାରି

## ବାନ୍ଧକଳା ପ୍ରତି ପ୍ରୋତ୍ସାହନ ଲୋଡ଼ା



ବାନ୍ଧକଳା ଆମକୁ ବାନ୍ଧି ରଖିଛି। ଏହି କଳାରେ ବହୁ ଉନ୍ନତି ଆସିଛି। କିନ୍ତୁ ବୁଣାକାରମାନେ ଆଜି ବି ଅବହେଳିତ। ସମ୍ମାନ ମିଳୁଛି ସତ କିନ୍ତୁ ସମସ୍ତ ବୁଣାକାରଙ୍କ ପେଟ ପୂରୁନି। ଏବେ କରୋନା ପାଇଁ ବୁଣାକାରମାନେ ଦୁଃଖକଷ୍ଟରେ ଅଛନ୍ତି। ଜୀବନ, ଜୀବିକା ଉଜୁଡ଼ି ଯାଇଛି। ପର୍ଯ୍ୟାପ୍ତ ବଜାର ସୁବିଧା ସହିତ ସୂତା, ରଙ୍ଗ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବା ଦରକାର। ଏହା ସହିତ ବୁଣାକାରଙ୍କୁ ସରକାରୀ ସହାୟତା ମିଳିବାର ଆବଶ୍ୟକତା ରହିଛି। ମୁଁ ଜାତୀୟ, ରାଜ୍ୟସ୍ତରୀୟ ପୁରସ୍କାର ପାଇଛି। ଷ୍ଟେଟବ୍ୟାଙ୍କ ପକ୍ଷରୁ ମନୋନୀତି ହୋଇ ସର୍ବଭାରତୀୟସ୍ତରରେ ଜଣେ ସଫଳ ଉଦ୍ୟୋଗୀଭାବେ ସମ୍ବର୍ଦ୍ଧିତ ହୋଇଛି। ହେଲେ ବୁଣାକାରଙ୍କୁ ସମ୍ମାନ ସହିତ ସହାୟତା ମିଳୁ ବୋଲି ମୁଁ ଦାବି କରୁଛି।

– ସୁକାନ୍ତି ମେହେର, ବରପାଲି

# ରେକର୍ଡ ନିଶାରେ ବାନ୍ଧ କାରିଗର ଘନଶ୍ୟାମ

ମୃତ୍ୟୁଞ୍ଜୟ ଶତପଥୀ

ସୋନପୁର,୬।୮



ଘନଶ୍ୟାମ ମେହେର। ବୟସ ୪୦। ଘର ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଟିକିରାପଡା। ବୟନଶିଳ୍ପରେ ସୂକ୍ଷ୍ମ କାରିଗରି ଓ ଉତ୍କୃଷ୍ଟ କଳା ନିପୁଣତା ପାଇଁ ଘନଶ୍ୟାମଙ୍କ ପଶ୍ଚିମ ଓଡ଼ିଶାରେ ବେଶ୍ ସୁନାମ ରହିଛି। ମା' ମାଳତୀ ଓ ବାପା ରବି ମେହେରଙ୍କ ସେ ଦ୍ୱିତୀୟ ସନ୍ତାନ। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍। ପିଲାଟି ବେଳୁ ବାନ୍ଧକଳା ପ୍ରତି ସେ ଆକୃଷ୍ଟ ହୋଇଥିଲେ। କୌଳିକବୃତ୍ତିକୁ ଆପଣାଇବା ପରେ ବାପାଙ୍କୁ ବାନ୍ଧକଳାରେ ସହାୟତା କରୁଥିଲେ। ଏବେ ସେ ଲୁଗାବୁଣା, ବାନ୍ଧକାମ, କଲରିଂ, ଗ୍ରାଫ୍ ଡିଜାଇନିଂରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏବେ ସେ ବରଗଡ଼ ସହରରେ ରହି ସୁବର୍ଣ୍ଣପୁର, ବରଗଡ, ବଲାଙ୍ଗୀର ଓ ବୌଦ୍ଧ ଜିଲାର ବୁଣାକାରଙ୍କୁ ଶାଢି ଡିଜାଇନିଂ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ପ୍ରଥମେ ୨୫ଇଞ୍ଚ ଲମ୍ବ ୨୦ଇଞ୍ଚ ଚଉଡାର ଜଗନ୍ନାଥଙ୍କ ସୁନାବେଶ ଏବଂ ୩୦ଇଞ୍ଚ ଲମ୍ବ ୩୦ଇଞ୍ଚ ଚଉଡା ବାନ୍ଧକଳାରେ ସମଲେଇଙ୍କ ରାଜରାଜେଶ୍ୱରୀ ବେଶ(ୱାଲ୍ ହ୍ୟାଙ୍ଗିଙ୍ଗ୍) ତିଆରି କରି ଘନଶ୍ୟାମ ଚର୍ଚ୍ଚାକୁ ଆସିଥିଲେ। ଏହି ବାନ୍ଧକଳାକୁ ନେଇ ତାଙ୍କୁ ୨୦୦୬ରେ ରାଜ୍ୟସରକାର ପୁରସ୍କୃତ କରିଥିଲେ। ବାପାଙ୍କ ପରଲୋକ ଗତେ ଘନଶ୍ୟାମ ସେହି କଳାକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ଏବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ତାଙ୍କୁ ଗ୍ରାଫ୍ କାଗଜରେ ୧ଲକ୍ଷ ୨୦ହଜାର ଶଙ୍ଖଚିତ୍ର ଅଙ୍କନ କରିବାକୁ ପଡିଛି। ଗତ ଏପ୍ରିଲ ମାସରେ ସେ ଏହି ଚିତ୍ର ଅଙ୍କନ ଶେଷ କରିଛନ୍ତି। କରୋନା କଟକଣା ପରେ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ପାଇଁ ସେ ବିଧିବଦ୍ଧ ଭାବେ ଆବେଦନ କରିବେ ବୋଲି ଘନଶ୍ୟାମ କହିଛନ୍ତି। ଗୋଟିଏ ଏ-ଫୋର ଗ୍ରାଫ୍ କାଗଜରେ ୩୬ଟି ଶଙ୍ଖ ଚିତ୍ର ରହିଛି। ପ୍ରତ୍ୟେକ ଶଙ୍ଖର ଉଚ୍ଚତା ପ୍ରାୟ ୧ ଇଞ୍ଚ ଲମ୍ବ ଦେଢ ଇଞ୍ଚ। ଏଥିପାଇଁ ସେ ୩୪୦୦ଖଣ୍ଡ ଗ୍ରାଫ୍ କାଗଜ ବ୍ୟବହାର କରିଛନ୍ତି। ଏପରି ଚିତ୍ର ଅଙ୍କନ ପାଇଁ ତାଙ୍କର ୧ହଜାରରୁ ଉର୍ଦ୍ଧ୍ୱ ପେନ୍‌ସିଲ ସରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେ ଆଙ୍କିଥିବା ୧ଲକ୍ଷ ୨୦ ହଜାର ଶଙ୍ଖ ସହ ଅନ୍ୟ ଶଙ୍ଖଚିତ୍ରର ସାମଞ୍ଜସ୍ୟ ନାହିଁ। ୨୦୦୬ରୁ ସେ ଏହି ଶଙ୍ଖଚିତ୍ର ଅଙ୍କନ ଆରମ୍ଭ କରିଥିଲେ। ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ବହୁ ରାତି ତାଙ୍କର ଅନିଦ୍ରାରେ କଟିଛି। କଠିନ ପରିଶ୍ରମର ଫଳ ତାଙ୍କୁ ନିଶ୍ଚିତ ସଫଳତା ଦେବ ବୋଲି ସେ ଆଶା ରଖିଛନ୍ତି।

ପୂର୍ବରୁ ଗ୍ରାଫ୍ କାଗଜରେ ୮୧ ହଜାର ଶଙ୍ଖଚିତ୍ର ଅଙ୍କନ କରି ୨୦୧୬ରେ ସେ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିଲେ। ଲିମ୍‌କା ବୁକ୍ ଅଫ୍ ରେକର୍ଡସରୁ ପ୍ରମାଣପତ୍ର ପାଇବା ପରେ ତାଙ୍କୁ ସ୍ୱୀକୃତି ଓ ଆତ୍ମସନ୍ତୋଷ ମିଳିଥିଲା।

**ଗ୍ରାଫ୍ କାଗଜରେ ଆଙ୍କିଛନ୍ତି ୧ଲକ୍ଷ ୨୦ହଜାର ଶଙ୍ଖ**



ଘନଶ୍ୟାମଙ୍କ ଦ୍ୱାରା ଅଙ୍କିତ ଗ୍ରାଫ୍ କାଗଜରେ ଶଙ୍ଖ ଚିତ୍ର।

# କୋଭିଡ୍ ମେଡିକାଲ, ସିସିସିର ଅଗ୍ନି ନିରାପତ୍ତା ଯାଞ୍ଚ ନିର୍ଦ୍ଦେଶ

- ୨୪ ଘଣ୍ଟାରେ ରିପୋର୍ଟ ଦିଅ: ଅଗ୍ନିଶମ ଡିଜି
- ଅହମ୍ମଦାବାଦ ଘଟଣା ପରେ ଓଡ଼ିଶାର ଚେତା ପଶିଲା

କଟକ ଅଫିସ, ୬।୮

ଗୁଜରାଟ୍‌ର ଅହମ୍ମଦାବାଦ୍‌ସ୍ଥିତ କୋଭିଡ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ୮ଜଣଙ୍କ ଜୀବନ ଯାଇଥିବାବେଳେ ପ୍ରାୟ ୫୦ଜଣ ଆହତ ହୋଇଛନ୍ତି। ଫଳରେ କୋଭିଡ୍ ହସ୍ପିଟାଲଗୁଡ଼ିକର ଅଗ୍ନି ନିରାପତ୍ତାକୁ ନେଇ ପ୍ରଶ୍ନ ଉଠିଛି। ଓଡ଼ିଶାରେ ୧୫୦ରୁ ଊର୍ଦ୍ଧ୍ୱ କୋଭିଡ୍ ହସ୍ପିଟାଲ ଏବଂ କୋଭିଡ୍ କେୟାର୍ ସେଣ୍ଟର୍ (ସିସିସି) ରହିଛି। ଏଗୁଡ଼ିକରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି। ଏହି ହସ୍ପିଟାଲ ଓ ସେଣ୍ଟର୍‌ଗୁଡ଼ିକର ଅଗ୍ନି ନିରାପତ୍ତା ଉପରେ ପ୍ରଶ୍ନ ଉଠିବା ପରେ ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ତରବରିଆ ଭାବେ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି।

ଓଡ଼ିଶାରେ ପ୍ରାୟତଃ ବଡ ବଡ ମେଡିକାଲ୍‌କୁ କୋଭିଡ୍ ହସ୍ପିଟାଲରେ ପରିଣତ କରାଯାଇଛି। ସାଧାରଣତଃ ସେଠାରେ ଅଗ୍ନିନିରାପତ୍ତା ବ୍ୟବସ୍ଥା ରହିଥାଏ। ହେଲେ ଅହମ୍ମଦାବାଦ୍ ଘଟଣା ପରେ ସରକାରଙ୍କ ଚେତା ପଶିବା ସହ କୋଭିଡ୍ କେୟାର୍ ସେଣ୍ଟର୍‌ଗୁଡ଼ିକର ସୁରକ୍ଷାକୁ ନେଇ ଅଧିକ ଚିନ୍ତା ବଢ଼ିଛି। କାରଣ ଏଗୁଡ଼ିକ ଅସ୍ଥାୟୀ ଭାବେ ଖୋଲାଯାଇଥିବାବେଳେ ଅଗ୍ନିନିରାପତ୍ତା ବ୍ୟବସ୍ଥା ବିଶେଷ ନାହିଁ। କେଉଁଠି ଶିକ୍ଷାନୁଷ୍ଠାନ ତ ଆଉ କେଉଠି ଖାଲି କୋଠାରେ କୋଭିଡ୍ କେୟାର୍ ସେଣ୍ଟର୍ ଖୋଲାଯାଇଛି। ଏପରି କି କଟକରେ ଷ୍ଟାଡିୟମ୍‌କୁ ସେଣ୍ଟର୍‌ରେ ପରିଣତ କରାଯାଇଛି। ଏଣୁ ଏଗୁଡ଼ିକରେ ଅଗ୍ନି ନିରାପତ୍ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଗୁରୁବାର ଅଗ୍ନିଶମ ମହାନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି କହିଛନ୍ତି, ରାଜ୍ୟରେ ଥିବା କୋଭିଡ୍ ହସ୍ପିଟାଲ ଏବଂ କୋଭିଡ୍ କେୟାର୍ ସେଣ୍ଟର୍‌ଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ। ସେଥିପାଇଁ ସହକାରୀ ଅଗ୍ନିଶମ ଅଧିକାରୀ ଏବଂ ଅତିରିକ୍ତ ଅଗ୍ନିଶମ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସିଠାରେ ତ୍ରୁଟି ଜଣାପଡ଼େ, ତେବେ ଏନେଇ ସ୍ଥାନୀୟ ଅଧିକାରୀଙ୍କୁ ଅବଗତ କରାଯିବ। ସର୍ବନିମ୍ନ କ'ଣ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ, ସେ ସଂକ୍ରାନ୍ତରେ ଅଧିକାରୀଙ୍କୁ ପରାମର୍ଶ ଦିଆଯିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଯାଞ୍ଚ ସାରି ରିପୋର୍ଟ ଦେବାକୁ କୁହାଯାଇଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଲାଗି ପଦକ୍ଷେପ ନିଆଯିବ। ବର୍ତ୍ତମାନ ସାରା ରାଜ୍ୟରେ ଥିବା କୋଭିଡ୍ ହସ୍ପିଟାଲ ଏବଂ ସେଣ୍ଟର୍‌ଗୁଡ଼ିକରେ ନିୟମିତ ବିଶୋଧନ କରାଯାଉଛି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। କେଉଁଠି କ'ଣ ଅଛି, ତାହା ଆମକୁ ଜଣାଅଛି। ବିଭାଗ ତରଫରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅଗ୍ନିଶମ ମହାନିର୍ଦ୍ଦେଶକ ମହାନ୍ତି କହିଛନ୍ତି।

# ଶକ୍ତି ବିଭାଗର ଜଣେ ସଂକ୍ରମିତ

**ଭୁବନେଶ୍ୱର,୬।୮(ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗରୁ ବୁଧବାର ୧୦ଜଣଙ୍କ କର୍ମଚାରୀଙ୍କ କରୋନା ଚିହ୍ନଟ ହେବାପରେ ଗୁରୁବାର ଭୂତାଣୁ ଶକ୍ତି ବିଭାଗରେ ପହଞ୍ଚିଛି। ମିଳିଥିବା ସୂଚନା ମୁତାବକ ସ୍ୱାସ୍ଥ୍ୟ ବିଭାଗର ପ୍ରଥମେ ୩୫ଜଣଙ୍କ କରୋନା ପରୀକ୍ଷା ହେବାପରେ ସେଥିରୁ ୧୦ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ବର୍ତ୍ତମାନ ଆଉ କେତେଜଣ କର୍ମଚାରୀଙ୍କ କରୋନା ପରୀକ୍ଷା କରାଯାଇଛି। ଏହାର ରିପୋର୍ଟ ଶୁକ୍ରବାର ଆସିବ। ଏହାସହ ଯେଉଁମାନଙ୍କ କରୋନା ପଜିଟିଭ ବାହାରିଛି ସେମାନେ ଯାହାଙ୍କ ସଂସ୍ପର୍ଶରେ ଆସିଛନ୍ତି ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଉଛି। ଗୁରୁବାର ଶକ୍ତି ବିଭାଗର ଜଣେ ସେକ୍ସନ ଅଫିସରଙ୍କ କରୋନା ପଜିଟିଭ ବାହାରିଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ଚିହ୍ନଟ କରାଯାଉଛି। ପୂର୍ବରୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଜଣେ ଡ୍ରାଇଭରଙ୍କ ପଜିଟିଭ ବାହାରିଥିବା ବେଳେ ପଞ୍ଚାୟତିରାଜ ବିଭାଗର ଜଣେ ସେକ୍ସନ ଅଫିସର ଏବଂ ଅର୍ଥ ବିଭାଗର ଜଣେ ଡାଟା ଏଣ୍ଟ୍ରି ଅପରେଟର କରୋନା ସଂକ୍ରମିତ ହୋଇଛନ୍ତି। ଏହିପରି ମୋଟ ୫ଟି ବିଭାଗକୁ କରୋନା ଛୁଇଁସାରିଛି।

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER, MAYURBHANJ LIFT IRRIGATION DIVISION, BARIPADA
Telephone No: 06792-252734 (E-mail- olicbpd@ymail.com)

**E - PROCUREMENT NOTICE BID ID NO. 1315 OLIC/2020-21) DATED 05.08.2020**

**No. CAD-330:-** The Executive Engineer, Mayurbhanj Lift Irrigation Division, Baripada, invites tender through e-procurement in shape of percentage rate bids in online mode for the works: **Installation, Energisation & drilling of TW including power supply work of 35 Nos. New L.I. Projects from Baripada,Bagriposi,Suliapada,Kuliana,Saraskana, Morada, Betnoti, Rasgobindpur, G.B.Nagar, Badasahi Block under BKVY RIDF- 2020-21 on Turnkey basis in Mayurbhanj District**. The work is to be completed within 90 days as described in the DTCN, from the "D, C & above" class license holding Contractors having valid H.T. Electrical License issued by E.L.B.O. & Valid Civil License registered within the State issued by PWD / PHED / RWSS / Irrigation / M.I. Deptt. / Rural works. In case of the drilling works the Contractor has produced Regd. No. of drilling Rig and agreement with Rig owner . (As per instructions of Dept. Authorities). The scanned copy of the relevant documents should be uploaded along with the bid, any deviations found will be summarily rejected. The bids should be submitted only online in the website: www.tendersodisha.gov.in.

| Procurement Officer | Bid Identification No./Date | Availability of Tender on online for bidding | | Date & Time of Opening of Tender |
|---|---|---|---|---|
| | | Date & Time of Publishing | Date & time of Closing | |
| Executive Engineer, M.L.I. Division, Baripada | 1315/ 05.08.2020 | 17.08.2020 10.00 AM | 28.08.2020 5.00 PM | 29.08.2020 at 11 AM |

The details are available in the Government Tender Website i.e. **www.tendersodisha.gov.in,** any other related documents are available in the DTCN for bidding.

**Executive Engineer, M.L.I. Division, Baripada**
OIPR-32215/11/0003/2021

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ରୋଡ୍ ଓଭର ବ୍ରିଜ୍ ଓ ଅଣ୍ଡର ବ୍ରିଜ୍ ନିର୍ମାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

(୧) ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/ ୨୦-୨୧/୧୩, ତାରିଖ: ୩୦।୦୭।୨୦୨୦ (ଦୁଇ ପ୍ୟାକେଟ୍ ପ୍ରଣାଳୀ ସହିତ ଖୋଲା ଟେଣ୍ଡର)

କାର୍ଯ୍ୟ: ଏଚ୍‌ଡବ୍ଲ୍ୟୁଏଚ୍-ଏମ୍‌ୟୁଏମ୍ ମେନ୍ ଲାଇନ୍ ଉପରେ ଲେଭଲ କ୍ରସିଂ ନଂ.୪୧୪ (ଉର୍କୁରା ୟାର୍ଡ)ଠାରେ ରୋଡ୍ ଓଭର ବ୍ରିଜ୍ ଓ ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାଣ।'' ଟେଣ୍ଡର ମୂଲ୍ୟ: ₹୪୪୩୫.୭୨/- ଲକ୍ଷ । ଇଏମ୍‌ଡି: ₹୨୩,୬୭,୯୦୦/- ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୧୦,୦୦୦/-। କାର୍ଯ୍ୟର ସମାପ୍ତି ଅବଧି: ୨୪ (ଚବିଶ) ମାସ, ମୌସୁମୀ ସମେତ।

(୨) ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/ ୨୦-୨୧/୧୪, ତାରିଖ: ୩୦।୦୭।୨୦୨୦ (ଦୁଇ ପ୍ୟାକେଟ୍ ପ୍ରଣାଳୀ ସହିତ ଖୋଲା ଟେଣ୍ଡର)

କାର୍ଯ୍ୟ: ଏଚ୍‌ଡବ୍ଲ୍ୟୁଏଚ୍-ଏମ୍‌ୟୁଏମ୍ ମେନ୍ ଲାଇନ୍ ଉପରେ ଲେଭଲ୍ କ୍ରସିଂ ନଂ. ୪୪୨ (ସୁପେଲା ଗେଟ୍) ନିକଟରେ ବକ୍ସ ପୁଶିଂ ପଦ୍ଧତି ଦ୍ୱାରା ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ।'' ଟେଣ୍ଡର ମୂଲ୍ୟ: ₹୩୨୪୮.୨୯/- ଲକ୍ଷ । ଇଏମ୍‌ଡି: ₹୧୭,୭୪,୨୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୧୦,୦୦୦/-। କାର୍ଯ୍ୟର ସମାପ୍ତି ଅବଧି: ୧୮ (ଅଠର) ମାସ, ମୌସୁମୀ ସମେତ।

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୮।୦୮।୨୦୨୦ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୨୮।୦୮।୨୦୨୦ରିଖ ୧୫.୧୫ ଘଟିକାରେ । (ପ୍ୟାକେଟ୍ ''ଏ'' ଖୋଲାଯିବ)।

ଟେଣ୍ଡର କାଗଜପତ୍ର, ଯୋଗ୍ୟତା ମାନଦଣ୍ଡ ସମ୍ପର୍କିତ ଅଧିକ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର/ସିଓଏନ୍/ ଏସ୍.ଇ.ସି.ଆର୍./ବିଳାସପୁର, ପିନ୍-୪୯୫୦୦୪ କିମ୍ବା ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ୍.ଇ.ସି. ରେଳପଥ/ରାୟପୁର, ପିନ୍-୪୯୨୦୦୯ କିମ୍ବା ଚିଫ୍ ଇଞ୍ଜିନିୟର/ସିଓଏନ୍/ଏସ୍.ଇ.ସି. ରେଳପଥ/ନାଗପୁର, ପିନ୍-୪୪୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବସାଇଟ୍ www.ireps.gov.in ଦେଖନ୍ତୁ।

ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର/ସିଓଏନ୍/ଏଚ୍‌କ୍ୟୁ
CPR/10/185 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

**PANCHAYAT SAMITI OFFICE, HEMGIR, DIST.- SUNDARGARH**
Letter No.1948/ Date 06.08.2020

Tender is hereby invited vide Tender Call Notice No. 02 of 2020-21 from eligible contractors of Class D & C for the following works. The details of the work and term & conditions can be seen from the district website www.sundergarh.nic.in w.e.f. 10.08.2020 to 20.08.2020. The last date of receipt of tender paper is 21.08.2020 by 05.00 P.M. in the office of the undersigned.

1. Construction of CD work with Guardwall from ME School road to Siba Mandir road at Kund of Tumulia G.P. 2. Construction of CD work from Panchayat road to Barpada at Barpara of Tumulia G.P. 3. Construction of CD work at Harijanpada to Munda road at Kund of Tumulia G.P. 4. Construction of CD work with Guardwall at Parjapara to Kund Football field road of Tumulia G.P. 5. Construction of CD work and Guardwall at Jhupurga basti to Schooldhipapada Road of Gopalpur G.P.

**Sd./-Block Development Officer, Hemgir**

**INSTITUTE OF MATHEMATICS AND APPLICATIONS**
ANDHARUA, BHUBANESWAR, ODISHA, 751029
(Under Science & Technology Department, Govt. of Odisha)
www.iomaorissa.ac.in

**ADVERTISEMENT FOR THE POST OF ASSOCIATE PROFESSOR AND FINANCE OFFICER**

**No. IMA/100/ 236/2020** **Dated:05 /08/2020**

**No. CAD-327:-** Applications in prescribed format are invited from the eligible Indian nationals for the following posts. For details of the post, eligibility criteria, qualifications, experience, scale of pay, application format etc.; please visit the website www.iomaorissa.ac.in.

| Sl. No. | Name of the Post | Number of Posts | Nature of Post | Category |
|---|---|---|---|---|
| 01 | Associate Professor | 02 | Regular | UR |
| 02 | Finance Officer | 01 | Contractual | UR |

**N.B.**
1. The Associate Professor posts involve conducting, guiding, directing research/participation in extension programs of the institute/ consultancy and other duties to be assigned by the authority in addition to teaching.
2. Last date of receipt of application is 11.09.2020.

**Sd./- DIRECTOR**
OIPR-28006/11/0003/2021

**ODISHA PUBLIC SERVICE COMMISSION CUTTACK**

**NOTICE**

No. 3754 / P.S.C., 1E-06-19/20 (DR-III) Dt. 06.08.20

**No. D-38:-** The Government has extended period of lockdown and weekly shutdown till 31.08.2020 in view of prevailing COVID situation, as a result of which written examination for recruitment of the post of **Assistant Fisheries Officer, Group-B** under Fisheries & ARD Department published in Advt. No.05 of 2019-20 is herewith deferred from 16.08.2020 tentatively to **02.09.2020** which may change depending upon the prevailing situation by that time.

The candidates are advised to visit the website of OPSC regularly for further information/changes relating to conduct of the written examination.

**PROGRAMME OF WRITTEN EXAMINATION**

| Date | Session | Paper | Time |
|---|---|---|---|
| 02.09.2020 (Wednesday) | 1st Session | Paper-I | 10.00 A.M. to 12.30 P.M. (10.00 A.M. to 1.20 P.M. for PWD candidates) |
| | 2nd Session | Paper-II | 2.00 P.M. to 4.30 P.M. (2.00 P.M. to 5.20 P.M. for PWD candidates) |

**Sd./- Secretary**
OIPR-12002/11/0017/2021

**ODISHA STATE CIVIL SUPPLIES CORPORATION LTD**
C/2, Nayapalli, Bhubaneswar-12, Ph.0674-2395391, Fax : 0674-2395291, Web : www.oscsc.in

**Tender No.9978/P-II/59/2019/(PT-III)/PDS Date : 06.08.2020**

Managing Director, Odisha State Civil Supplies Corporation Ltd, invites tenders in Double Cover System through **ONLINE MODE ONLY** for the works below :

1. **Name of Work :** Selection and appointment of handling & transport contractors for handling & transportation of Custom Milled Rice (CMR) from source districts to recipient districts through Rake in the State of Odisha.
2. **Availability of bid document in the Portal :** From 07.08.2020.
3. **Last Date/Time for receipt of bids in the portal :** dt.12.08.2020 upto 5.00PM.
4. **Date/Time of Opening of Technical Bid :** dt.13.08.2020 at 3.00PM.
5. **Name and address of the Officer Inviting Tender :** Managing Director, OSCSC Ltd., C/2 Nayapalli, Bhubaneswar.

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in**. Amendments/corrigendum/ cancellation/retenders etc. if any shall be published only in above websites.

**Managing Director**

ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ ନିଶ୍ଚୟ। କିନ୍ତୁ ତା'ସହିତ ତାକୁ ମଧ୍ୟ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡ଼ିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢ଼ାଇ ବଢ଼ାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। –ଶ୍ରୀଅରବିନ୍ଦ



# ମାନ୍ଦାବସ୍ଥାରେ ମଧ୍ୟ ଚମକୁଛି

ଦିନକୁ ଦିନ ସୁନା ଦର ବୃଦ୍ଧିପାଇ ନୂଆ ରେକର୍ଡ କରିବାରେ ଲାଗିଛି। ଗୁରୁବାର ଏହି ମୂଲ୍ୟବାନ ଧାତୁର (୨୪ କ୍ୟାରେଟ) ଦର ୨୨୫ ଟଙ୍କା ବୃଦ୍ଧି ପାଇ ୧୦ ଗ୍ରାମକୁ ୫୭,୫୯୦ ଟଙ୍କା ହୋଇଛି। ବୁଧବାର ଏହା ଆଶ୍ଚର୍ଯ୍ୟଜନକ ଭାବେ ୧, ୩୬୫ ଟଙ୍କା ବୃଦ୍ଧି ହୋଇଥିଲା। ବିଶ୍ୱରେ କରୋନା ଦ୍ରୁତଗତିରେ ବଢ଼ୁଛି। ଏହା ଯୋଗୁ ଦୁର୍ବଳ ଡଲାର ଏବଂ ଅର୍ଥନୀତିର ଅନିଶ୍ଚିତତା ଉପରେ ଚିନ୍ତାପ୍ରକଟ କରାଯାଉଛି। ଏକେ ତେବେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ନିବେଶକାରୀମାନେ ସୁନା ଉପରେ ସେମାନଙ୍କ ବିଶ୍ୱାସ ସ୍ଥାପନ କରିବା ହିଁ ଏହାର ଅନ୍ତର୍ଜାତୀୟ ଦରକୁ ଉଚ୍ଚା କରି ରଖିଛି। ଏହି ବର୍ଷ ରୁପା ଓ ସୁନା ଯଥାକ୍ରମେ ୪୦ ଓ ୫୦ ପ୍ରତିଶତ ରିଟର୍ନ ଦେଇ ଏବେ ସୁଦ୍ଧା ସବୁଠୁ ଭଲ ପ୍ରଦର୍ଶନ କରିଆସିଛି ଏବଂ ଏହାର ମୂଲ୍ୟ ଏଭଳି ବୃଦ୍ଧିପାଇବ ବୋଲି ଅନୁମାନ କରାଯାଉଛି। ଯେତେବେଳୁ ମହାମାରୀ ବ୍ୟାପିବା ଆରମ୍ଭ ହୋଇଛି ସେବେଠାରୁ ସୁନା ଦର ଲଗାତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଚାହିଦା ଓ ପ୍ରାଇସ ମ୍ୟାଟ୍ରିକ୍ସ ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ବିରୋଧାଭାସ ରହିଛି। ବ୍ୟବହାରିକ କ୍ଷେତ୍ରରେ ସୁନାର ଚାହିଦା ମାନ୍ଦାଥିବାବେଳେ ଏହାର ଦର ବୃଦ୍ଧିପାଉଛି। ଏପ୍ରିଲରୁ ଜୁନ ମଧ୍ୟରେ ଅର୍ଥାତ ଦ୍ୱିତୀୟ ତ୍ରୈମାସିକରେ ସୁନା ଉତ୍ପାଦ ଖୁଚୁରା ଶିଳ୍ପ ୭୦ ପ୍ରତିଶତ ହ୍ରାସପାଇ ୬୪ ଟନ୍‌ରେ ପହଞ୍ଚିଥିଲା। ଗତ ବର୍ଷ ଏହି ସମୟରେ ଏହା ୨୧୩ ଟନ ଥିଲା। ୧୧ ବର୍ଷରେ ଏହା ସବୁଠୁ କମ୍। କେଉଁ କାରଣରୁ ଏବେ ସୁନା ଦର ବଢ଼ୁଛି ? କୋଭିଡ୍-୧୯ ଯୋଗୁ ଅର୍ଥବ୍ୟବସ୍ଥାରେ ବିରାଟ କ୍ଷତି ହେବା ଯୋଗୁ ଚାହିଦା କମିଯାଇଛି। ଯେତେବେଳେ ସାରା ବିଶ୍ୱରେ ଅର୍ଥବ୍ୟବସ୍ଥା ମାନ୍ଦା ଥିଲା ସେତେବେଳେ ମହାମାରୀ ଆସିଲା। ପବ୍ଲିକ ଡିମାଣ୍ଡ ବା ସାର୍ବଜନିକ ଚାହିଦା ଏବଂ ବ୍ୟୟ ପୂରା କମିଗଲା। ଲୋକମାନଙ୍କ ଆୟ ଗୁରୁତର ଭାବେ ହ୍ରାସପାଇଲା। ନିଯୁକ୍ତି ସୁଯୋଗ ବି ଚାଲିଗଲା। ସବୁ ଅଞ୍ଚଳରେ ଓ ଉଦ୍ୟୋଗଗୁଡ଼ିକରେ ଶ୍ରମିକମାନେ କମ୍ ଦରମା ଏବଂ ଚାକିରି ହରାଇ ଜୀବନ ଜୀବିକା ପାଇଁ ସଂଗ୍ରାମ କରୁଛନ୍ତି। ଏହି ଦୁର୍ଦ୍ଦିନରେ ଲୋକମାନେ ଯାହା ସଞ୍ଚିତ କରି ରଖିଛନ୍ତି ତାହା ହିଁ ସମ୍ବଳ ହୋଇଛି। ଇଚ୍ଛାଭିତ୍ତିକ କିଣିବା ଯାହାକି ସୁନା ଚାହିଦାର ଏକ ମୁଖ୍ୟାଂଶ ହୋଇଥାଏ ତାହା ଏବେ ସମ୍ପୂର୍ଣ୍ଣ ଶୂନ ହୋଇଯାଇଛି। ବିଶ୍ୱର ସବୁଠୁ ବଡ଼ ସୁନା କଞ୍ଜୁମର ଚାଇନା ଓ ଭାରତରେ ଏହାର ଚାହିଦାରେ ସଂଘାତିକ ହ୍ରାସ ଘଟିଛି। ତେବେ ଏସିଆରେ ସୁନା ଚାହିଦାର ହ୍ରାସ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଚାହିଦା ତୁଳନାରେ ଅଧିକ ରହିଆସିଛି। ମହାମାରୀ ସମୟରେ ଅର୍ଥବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ୟୁରୋପ ଓ ଆମେରିକାରେ ନିବେଶକମାନେ ସୁନା ସଞ୍ଚୟ କରିବାକୁ ସୁରକ୍ଷିତ ମଣି ଏହାର ମୂଲ୍ୟ ବୃଦ୍ଧି କରୁଛନ୍ତି। ଏହି ବର୍ଷ ୟୁରୋପ ଓ ଆମେରିକାରେ ଏକ୍ସଚେଞ୍ଜ ଟ୍ରେଡେଡ ଫଣ୍ଡ ଏକ ରେକର୍ଡସ୍ତରରେ ରହିଛି।

## ଆଜିର ଅର୍ଥନୀତି

ଯଦିଓ ଭାରତ ସୁନାର ଏକ ମୁଖ୍ୟ କଞ୍ଜ୍ୟୁମର, ଏହାର ବଜାର ସୁନାର ମୂଲ୍ୟ ଉପରେ ଅତି ସମ୍ବେଦନଶୀଳ। ଯେତେବେଳେ ଏହାର ମୂଲ୍ୟ ବୃଦ୍ଧିପାଏ ସେତେବେଳେ କ୍ରେତାମାନେ ସୁନା କିଣିବାରୁ ଦୂରେଇ ରହନ୍ତି। କେବଳ ସୁନା ମୂଲ୍ୟ ବୃଦ୍ଧି ଯୋଗୁ ଏବେ ଚାହିଦାରେ ହ୍ରାସ ହୋଇଛି। ଏହାବାଦ ଦେଶରେ ବାରମ୍ବାର ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଲୋକମାନେ ଘରେ ରହୁଛନ୍ତି। ଦୋକାନଗୁଡ଼ିକ ବନ୍ଦ ରହିଛି ଓ ମଲ୍‌ଗୁଡ଼ିକ ଜନଶୂନ୍ୟ ହୋଇଯାଇଛି। ଲକ୍‌ଡାଉନ କିମ୍ବା ଶଟ୍‌ଡାଉନ ସମ୍ପର୍କରେ ସରକାରଙ୍କଠାରୁ କୌଣସି ସ୍ୱଷ୍ଟ ନିର୍ଦ୍ଦେଶ ମିଳୁନି। ବରଂ ଏବେ ସୁଦ୍ଧା ଲକ୍‌ଡାଉନ ଓ ଶଟ୍‌ଡାଉନରେ ଅନିଶ୍ଚିତତା ପ୍ରକାଶ ପାଉଛି। ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପୂରା ଦ୍ୱନ୍ଦ୍ୱରେ ରହିଛନ୍ତି। ଏହି ଅସ୍ଥିର ପରିସ୍ଥିତି ସେମାନଙ୍କୁ ଯୋଜନା କରିବାରୁ ବଞ୍ଚିତ କରୁଛି। ଜୁଲାଇରେ କୋଭିଡ-୧୯ ଦ୍ରୁତଗତିରେ ବୃଦ୍ଧି ପାଇବା ପରେ ଏବେ ଅଗଷ୍ଟରେ ଏହି ଧାରା ଲାଗିରହିଛି ଯାହା ଅର୍ଥବ୍ୟବସ୍ଥା ସୁଧୁରିବାର ଆଶାକୁ ଧୂଳିସାତ କରିଦେଇଛି। ପରିସ୍ଥିତି ଏହିଭଳି ରହିବାର ସମ୍ଭାବନା ରହିଛି। ଯଦି ଚାଇନା ଓ ଭାରତରେ ସୁନା କିଣିବା ପୁଣି ଫେରିଆସେ ତେବେ ପୁଣି ସୁନା ଦର ବୃଦ୍ଧିପାଇବ। ସବୁ ଅଂଶୀଦାରୀ ଯଥା ବେପାରି, ଡିଲର, ନିବେଶକ ଓ ଉପଭୋକ୍ତାମାନେ ଅନିଶ୍ଚିତ ସମୟ ଦେଇ ଗତି କରୁଛନ୍ତି। ଯଦି ସୁନା ଉପରେ ଲୋକମାନଙ୍କ ବ୍ୟୟ ବନ୍ଦ ହୋଇଯାଏ, ତେବେ ସୁନା ପାଇଁ ଆଗକୁ ଏକ ଜଟିଳ ସମୟ ଆସିବ। ଗୁରୁବାର ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ( ଆର୍‌ବିଆଇ) ସୁନା ଋଣ ଉପରେ ନନ୍ ଫାର୍ମିଂ ଉଦ୍ଦେଶ୍ୟରେ ଲୋନ –ଟୁ –ଭାଲ୍ୟୁ ମୂଳ ୭୫ ପ୍ରତିଶତରୁ ୯୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାର ଅର୍ଥ ସମାନ ପରିମାଣର ସୁନା ନେଇ ଗ୍ରାହକଙ୍କୁ ଅଧିକ ଋଣ ପାଇପାରିବ। ଏହା ସୁନା ଚାହିଦାକୁ ବଢ଼ାଇ ନ ପାରେ। କାରଣ ସୁନାର ବର୍ତ୍ତମାନ ଆକାଶ ଛୁଆଁ ମୂଲ୍ୟ ଗ୍ରାହକଙ୍କୁ ଏହାଠାରୁ ଦୂରରେ ରଖିବ। ଏହା କିଛି ପରିମାଣରେ କିଛି ଲୋକଙ୍କ ପାଖରେ ନଗଦ ଟଙ୍କା ବଢ଼ାଇ ଦେଇପାରେ। ସେ ଯାହା ହେଉ ସୁନା ଆଗକୁ ଆହୁରି ଉଜ୍ଜ୍ୱଳ ହେବା ସଙ୍ଗେ ସଙ୍ଗେ ଏହାର ଚାହିଦା ବି କମିବ।

## ୨୫ ବର୍ଷ ତଳର ଧରିତ୍ରୀ

**୭ ଅଗଷ୍ଟ ୧୯୯୫**

- ଜିହାଦ ଗେରିଲା ଗୋଷ୍ଠୀକୁ ସକ୍ରିୟ କରିବା ଷଡ଼ଯନ୍ତ୍ର ଏବଂ ହତ୍ୟା ଅପରାଧରେ ଜଡ଼ିତ ଦୁଇ ଜଣ ମୁସଲିମ ଉଗ୍ରପନ୍ଥୀଙ୍କୁ କାଏରୋ ସେଣ୍ଟ୍ରାଲ ଜେଲ୍‌ରେ ଫାଶୀ ଦିଆଯାଇଛି।
- ନୃତ୍ୟ, ସଂଗୀତ, ଚଳଚ୍ଚିତ୍ର ଓ ନାଟ୍ୟକଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରତିବର୍ଷ ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କୁ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ 'ସୃଜନ' ପକ୍ଷରୁ ପଦ୍ମଶ୍ରୀ ଗୁରୁ କେଳୁଚରଣ ଆୱାର୍ଡରେ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।
- ଦେଶରେ ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ 'ଅପରେଶନ ତୃତୀୟ ଚକ୍ଷୁ (ଥାର୍ଡ ଆଇ)' ଓ 'ଅପରେସନ ଖୋଜ' ନାମକ ଦୁଇଟି ସର୍ବାଧୁନିକ ପର୍ଯ୍ୟବେକ୍ଷଣ ବ୍ୟବସ୍ଥାର ପ୍ରବର୍ତ୍ତନ କରାଯାଇଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | B | 7 | | A | | C | 5 |
| | | D | 0 | | | | | 3 | | | | | | |
| 2 | A | | | | 1 | | 9 | 5 | | | 3 | | | |
| 9 | | | | | | 7 | 4 | | | 1 | | | 0 | |
| | 6 | 4 | | | 2 | D | E | | | | | 9 | | 8 |
| 5 | 2 | | | | 4 | | 6 | | C | D | | 1 | | 7 |
| 7 | 0 | | | C | | | | | | A | 8 | | | |
| 1 | | | | | D | 9 | A | C | | | | | | |
| | | 3 | 6 | | | E | D | | 5 | | 4 | | 2 | |
| 8 | | 9 | | | | | 0 | | 2 | | 6 | | 5 | |
| D | | | | | 9 | 0 | 3 | | | | | 5 | | |
| C | | | | 8 | | | | | | E | | | 9 | |
| 6 | | | | | | | | | | | 9 | | 7 | 0 |
| | E | 7 | C | | | 8 | | | | 6 | | A | 4 | |
| | | | 5 | | | A | 1 | | 0 | | 7 | C | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | D | 4 | 8 | 2 | 6 | E | 9 | 3 | 7 | 5 | B | 1 | 0 | A |
| 7 | 8 | 9 | 5 | B | 3 | D | 0 | 1 | 4 | C | A | 2 | E | 6 |
| 1 | 6 | A | 9 | 4 | E | C | 7 | 2 | D | 8 | 0 | B | 3 | 5 |
| 2 | 3 | 5 | 0 | 1 | D | A | 8 | B | E | 6 | 9 | C | 7 | 4 |
| 0 | B | E | 7 | A | C | 4 | 5 | 6 | 3 | 2 | 1 | 8 | 9 | D |
| 4 | 0 | 2 | 3 | E | A | 9 | C | 7 | 5 | B | 6 | D | 1 | 8 |
| A | 5 | 1 | 2 | 7 | 9 | 6 | B | 0 | 8 | D | 3 | E | 4 | C |
| D | 9 | 7 | 6 | 5 | 0 | 8 | 1 | E | C | 4 | 2 | 3 | A | B |
| B | C | 3 | D | 8 | 4 | 2 | A | 5 | 9 | 1 | E | 0 | 6 | 7 |
| 8 | E | 6 | B | C | 1 | 3 | D | 4 | 0 | A | 7 | 5 | 2 | 9 |
| 5 | 7 | 0 | A | 3 | 2 | B | 4 | C | 1 | 9 | D | 6 | 8 | E |
| 9 | 1 | B | C | 6 | 8 | 5 | E | A | 2 | 0 | 4 | 7 | D | 3 |
| 3 | 2 | D | 1 | 9 | B | 7 | 6 | 8 | A | E | 5 | 4 | C | 0 |
| 6 | 4 | C | E | D | 7 | 0 | 2 | 9 | B | 3 | 8 | A | 5 | 1 |
| E | A | 8 | 4 | 0 | 5 | 1 | 3 | D | 6 | 7 | C | 9 | B | 2 |

ଗତକାଲିର ଉତ୍ତର



# ଉପଭୋକ୍ତା ସଶକ୍ତୀକରଣର ନୂତନ ଦିଶା

ନଗେନ୍ଦ୍ର ନାଥ ପଟ୍ଟନାୟକ

ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ନାଗରିକ ଉପଭୋକ୍ତା ଅଧିକାରକୁ ମଜଭୁତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗତ କିଛିଦିନ ହେବ ଉପଭୋକ୍ତା ସଂରକ୍ଷଣ ଆଇନ-୨୦୧୯ ଲାଗୁ କରିଛନ୍ତି। ଗ୍ରାହକ ବା ଉପଭୋକ୍ତା ପ୍ରତି ହେଉଥିବା ଧୋକ୍କାବାଜି, ଠକେଇ ତଥା ଜାଲିଆତିକୁ ରୋକିବା ଲାଗି ପ୍ରଣିତ ଏଇ ଆଇନ ଏବେ ୩୪ ବର୍ଷର ପୁରୁଣା ଓ ଘଷରା ଆଇନର ସ୍ଥାନ ନେଇଛି। ଏହି ପ୍ରଚଳିତ ଆଇନ ଅନୁଯାୟୀ ଖାଉଟିଙ୍କ ଅଧିକାରର ସୁରକ୍ଷା ନିମନ୍ତେ ଉପଭୋକ୍ତା ଅଦାଲତ ସହିତ କେନ୍ଦ୍ରୀୟ ଉପଭୋକ୍ତା ସଂରକ୍ଷଣ ପ୍ରାଧିକରଣ ସ୍ଥାପନର ବ୍ୟବସ୍ଥା କରାଯାଇଛି। ପ୍ରୋକ୍ତ ଅଦାଲତ ଓ ପ୍ରାଧିକରଣ ଉପଭୋକ୍ତା ଅଧିକାର, ଅବାଞ୍ଛିତ ବ୍ୟବସାୟ ପ୍ରଥା ଓ ଭ୍ରମାତ୍ମକ ବିଜ୍ଞାପନ ସଂକ୍ରାନ୍ତ ମାମଲାରେ ହସ୍ତକ୍ଷେପ କରି ପଚରାଉଚରା ଓ ଯାଞ୍ଚ କରିପାରିବେ। ପରିଷଦର କାର୍ଯ୍ୟକାଳର ଅବଧି ତିନିବର୍ଷ। କେନ୍ଦ୍ରୀୟ ଖାଉଟି ବ୍ୟାପାର ମନ୍ତ୍ରୀ ଓ କେନ୍ଦ୍ରୀୟ ଖାଉଟି ବ୍ୟାପାର ରାଜ୍ୟମନ୍ତ୍ରୀ ଯଥାକ୍ରମେ ଏହାର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ରହିବେ। ଏମାନଙ୍କ ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ୩୪ ଜଣ ଅନ୍ୟ ବ୍ୟକ୍ତି ଏହାର ସଦସ୍ୟ ରହିବାର ପ୍ରାବଧାନ ରହିଛି।

ଏଇ ନୂତନ ଆଇନ ଲାଗୁ ହେବା ସଙ୍ଗେ ସଙ୍ଗେ ଗ୍ରାହକଙ୍କ ହିତ ଦୃଷ୍ଟିରୁ କେତେକ ନୂଆ ନିୟମ ମଧ୍ୟ ଏଥିରେ ଯୋଡ଼ାଯାଇଛି, ଯାହା କି ପୁରୁଣା ଆଇନରେ ନ ଥିଲା। ଏଇ ଆଇନକୁ ଯୁଗାନ୍ତକାରୀ ଆଖ୍ୟା ଦେଇ କେନ୍ଦ୍ରୀୟ ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି- ''ଉପଭୋକ୍ତାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପୂର୍ବ ପ୍ରଚଳିତ ଉପଭୋକ୍ତା ଆଇନ ସମୟସାପେକ୍ଷ ଥିଲା, ମାତ୍ର ଠକେଇ ଜାଲିଆତି ଓ ଧୋକ୍କାବାଜିରୁ ସୁରକ୍ଷା ଦେବା ଲାଗି ନୂତନ ଆଇନରେ କେତେକ ପ୍ରାବଧାନ ଖଞ୍ଜାଯାଇଛି।'' ପ୍ରଥମ ଥର ପାଇଁ ଉପଭୋକ୍ତା ମଧ୍ୟସ୍ଥତା ସେଲ୍ ଗଠନ କରାଯିବାର ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ଦୁଇପକ୍ଷଙ୍କ ଆପୋଷ ସହମତିରେ ମଧ୍ୟସ୍ଥତାର ବିକଳ୍ପ ବଛାଯାଇପାରିବ। ଦୁଇପକ୍ଷ ସହମତିରେ ମଧ୍ୟସ୍ଥତା ସମ୍ଭବ ହୋଇପାରୁଥିବାରୁ ଏଭଳି ସ୍ଥିତିରେ ଦୁଇପକ୍ଷଙ୍କୁ ଅଦାଲତଙ୍କ ରାୟ ମାନିବା ଅନିବାର୍ଯ୍ୟ। ତେବେ ଏହି ରାୟ ବିରୋଧରେ ଅପିଲ ବା ଆବେଦନ କରିବାର କୌଣସି ପ୍ରାବଧାନ ନାହିଁ। ଖାଉଟିଙ୍କ ଅଭିଯୋଗକୁ ଯେମିତି ଯଥାଶୀଘ୍ର ଫଇସଲା କରାଯାଇପାରିବ ସେଥିଲାଗି ଏଥିରେ ବିଶେଷ ବ୍ୟବସ୍ଥା ରଖାଯାଇଛି। ଉପଭୋକ୍ତା ଆୟୋଗର କାର୍ଯ୍ୟପଦ୍ଧତିକୁ ସରଳ କରାଯିବା ସହିତ ରାଜ୍ୟ ଓ ଜିଲା ଆୟୋଗକୁ ନିଜସ୍ୱ ଆଦେଶକୁ ସମୀକ୍ଷା କରିବା ଲାଗି କ୍ଷମତା ଅର୍ପଣ କରାଯାଇଛି।

ଦେଶରେ ପାରମ୍ପରିକ ପଦ୍ଧତିରେ ବିକ୍ରିବଟା ବ୍ୟତୀତ ତୀବ୍ର ଗତିରେ ବୃଦ୍ଧି ପାଉଥିବା ଡିଜିଟାଲ କାରବାରକୁ ମଧ୍ୟ ପ୍ରଥମଥର ପାଇଁ ଏଥିରେ ପରିସରଭୁକ୍ତ କରାଯାଇଛି, ଯାହାଫଳରେ ଅନ୍‌ଲାଇନ କାରବାରରେ ଖାଉଟିଙ୍କ ହିତକୁ ଅଣଦେଖା କରୁଥିବା କମ୍ପାନୀଗୁଡ଼ିକ ଆଇନ ଜାଲରୁ ମୁକୁଳିପାରିବେ ନାହିଁ। ଏବେ ଇ-କମର୍ସ ଜରିଆରେ ଖରାପ ଓ ନିମ୍ନମାନର ସାମଗ୍ରୀଗୁଡ଼ିକ ବିକ୍ରି କରୁଥିବା କମ୍ପାନୀଗୁଡ଼ିକ ଖାଉଟିଙ୍କ ଅଭିଯୋଗକୁ ଆଡ଼େଇ ପାରିବେ ନାହିଁ। କୌଣସି ଉପଭୋକ୍ତାର ଅଭିଯୋଗ ଆସିବାର ୪୮ ଘଣ୍ଟା ମଧ୍ୟରେ ଇ-କମର୍ସ କମ୍ପାନୀ ତାକୁ ଗ୍ରହଣ କରିବାକୁ ବାଧ୍ୟ ରହିବେ ଆଉ ଏକ ମାସ ମଧ୍ୟରେ ଅଭିଯୋଗର ନିରାକରଣ କରିବେ। ଯଦି କୌଣସି ଇ-କମର୍ସ କମ୍ପାନୀ ଏପରି ନ କରେ ତେବେ ତା' ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆଇନରେ ବ୍ୟବସ୍ଥା ରହିଛି। ଇ-କମର୍ସ ନିୟମାନୁସାରେ ଇ-ଖୁଚୁରା ବ୍ୟବସାୟୀମାନେ ସାମଗ୍ରୀର ଦାମ, ରିଟର୍ନ (ଫେରସ୍ତ) ରିଫଣ୍ଡ (ଟଙ୍କା ଫେରସ୍ତ), ଏକଚେଞ୍ଜ (ବିନିମୟ) ୱାରେଣ୍ଟି-ଗ୍ୟାରେଣ୍ଟି, ବିତରଣ, କ୍ଷତିପୂରଣର ତରିକା, ଅଭିଯୋଗ ନିରାକରଣ ବ୍ୟବସ୍ଥା ବାବଦରେ ସବିଶେଷ ବିବରଣୀ ପ୍ରଦାନ କରିବାକୁ ପଡ଼ିବ। ଇ-କମର୍ସ କମ୍ପାନୀଗୁଡ଼ିକୁ ସାମଗ୍ରୀର ମୂଳ ଉତ୍ପତ୍ତି ଦେଶର ବିବରଣୀ ମଧ୍ୟ ଦେବାକୁ ହେବ। ଉପଭୋକ୍ତା ଅଧିକାରକୁ ନୂତନ ଦିଶା ପ୍ରଦାନ କରିଥିବା ଏହି ଆଇନ ଅନୁଯାୟୀ ଉପଭୋକ୍ତା ଏବେ ଦେଶରେ ଯେକୌଣସି ଅଦାଲତରେ ଅଭିଯୋଗ କରିପାରିବେ। ସେ କୌଣସି ସ୍ଥାନ ଓ କାହା ଜରିଆରେ ମଧ୍ୟ ଅଭିଯୋଗ କରିପାରିବେ। ଅଧିକନ୍ତୁ ଖାଉଟିଙ୍କୁ ଆଉ ସେଇ ସ୍ଥାନକୁ ଯାଇ ଅଭିଯୋଗ କରିବାକୁ ପଡ଼ିବ ନାହିଁ, ଯେଉଁଠି ସିଏ ଚିଜ ଖରିଦ କରିଛନ୍ତି। ସୁତରାଂ ଏହି ନୂତନ ଆଇନ ବଳରେ ଭର୍ଚ୍ୟୁଆଲ ବା ଡିଜିଟାଲ ଜରିଆରେ ଅଭିଯୋଗ ଦାଖଲ ସହିତ ଖିଲାପୀ କମ୍ପାନୀ ବିରୁଦ୍ଧରେ ଉପଭୋକ୍ତା ଆୟୋଗରେ ଆବେଦନ କରିବା କ୍ଷେତ୍ରରେ ମଧ୍ୟ ଅଭିଯୋଗକାରୀ ଖାଉଟି ସକ୍ଷମ ହୋଇପାରିବେ।

ଖାଦ୍ୟପେୟ ସାମଗ୍ରୀକୁ ଅପମିଶ୍ରଣ କରୁଥିବା କମ୍ପାନୀ ଓ ଭ୍ରମାତ୍ମକ ବିଜ୍ଞାପନକୁ ପ୍ରଶ୍ରୟ ଦେଉଥିବା ନିର୍ମାତା ଓ ସେଲିବ୍ରିଟି ଉପରେ ଜରିମାନା ସହିତ କଠୋର ଦଣ୍ଡାଦେଶ ଦେବାର ପ୍ରାବଧାନ ମଧ୍ୟ ଏହି ନୂତନ ଆଇନରେ ଯୋଡ଼ିହୋଇ ରହିଛି। କମ୍ପାନୀ ଯୋଉ ଉତ୍ପାଦିତ ସାମଗ୍ରୀର ପ୍ରଚାର ଓ ବିଜ୍ଞାପନା କରୁଛି ତାହା ଯଦି ପ୍ରକୃତରେ ସେଇ ଗୁଣବତ୍ତାସମ୍ପନ୍ନ ହୋଇ ନ ଥାଏ ତେବେ ସେହି ସେଲିବ୍ରିଟି ହିଁ ସେଥିପାଇଁ ଦାୟୀ ରହିବେ। ସୁତରାଂ ବିଜ୍ଞାପନରେ ଦୋହରାଯାଉଥିବା ଦାବି ଯଦି ମିଥ୍ୟା ପ୍ରମାଣିତ ହୁଏ ତେବେ ସେଇ ସେଲିବ୍ରିଟି ବିରୁଦ୍ଧରେ ନୂତନ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶରୀରକୁ ଆକର୍ଷଣୀୟ କରି ମିଥ୍ୟା ବିଜ୍ଞାପନ ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ଉପରେ ଏକ ଲକ୍ଷ ଟଙ୍କା ଜରିମାନ ବସାଯିବା ସହିତ ୬ ମାସ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଯିବାର ସ୍ୱତନ୍ତ୍ର ବ୍ୟବସ୍ଥା ସନ୍ନିବେଶିତ ହୋଇଛି। ଭ୍ରମଜାଲରେ ବାନ୍ଧି ରଖୁଥିବା ବିଜ୍ଞାପନ ଉପରେ ଏବେ ସିସିପିଏକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯାଇଛି, ଯିଏ କି ଅଭିଯୁକ୍ତ ବ୍ୟକ୍ତିକୁ ୨.୫ ବର୍ଷ ଜେଲଦଣ୍ଡ ସାଙ୍ଗକୁ କମ୍ପାନୀ ଉପରେ ଦଶଲକ୍ଷ ଟଙ୍କା ଜରିମାନା ବାବଦ ବସାଇପାରିବେ। ଖାଲି ସେତିକି ନୁହେଁ, ବଡ଼ ତଥା ଅତ୍ୟନ୍ତ ଗମ୍ଭୀର ମାମଲାଗୁଡ଼ିକରେ ଜରିମାନାର ରାଶି ପଚାଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଗୁ ହେବ। ସିସିପିଏଙ୍କ ନିକଟରେ ଉପଭୋକ୍ତା ଅଧିକାର ଯାଞ୍ଚ କରିବା ଛଡ଼ା ବସ୍ତୁ ତଥା ସେବାକୁ ଫେରାଇ ନେବାର ଅଧିକାର ମଧ୍ୟ ରହିବ।

ବୋଲିବା ବାହୁଲ୍ୟ, ଗତବର୍ଷ ଉପଭୋକ୍ତା ସଂରକ୍ଷଣ ବିଧେୟକ-୨୦୧୯ ସଂସଦରେ ମଞ୍ଜୁରି ଲାଭ କରିଥିଲା ଆଉ ଏହି ନୂଆ ଆଇନ ଚଳିତବର୍ଷ ଜାନୁୟାରୀରେ ଓ ପୁଣି ପରେ ମାର୍ଚ୍ଚ ମାସରେ ଲାଗୁ କରାଯିବାର ସ୍ଥିର କରାଯାଇଥିଲା। କିନ୍ତୁ ମାର୍ଚ୍ଚମାସରେ ମହାମାରୀ କରୋନା ପ୍ରକୋପ ଓ ଲକ୍‌ଡାଉନ କାରଣ ଯୋଗୁଁ ତାହା ନିର୍ଦ୍ଧାରିତ ସମୟରେ ଲାଗୁ ହୋଇପାରିଲା ନାହିଁ। ତେବେ ସେ ଯାହାହେଉ, ଏବେ ଏଇ ନୂତନ ଉପଭୋକ୍ତା ଆଇନ ଲାଗୁ ହେବା ପରେ ପ୍ରଭାବିତ ଖାଉଟିଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି। ଏହି ନୂତନ ଆଇନ ମୁତାବକ କ୍ୟାରିବ୍ୟାଗ ଉପରେ ପଇସା ଅସୁଲ କରିବା ବେଆଇନ ବୋଲି ଧରାଯିବ ଏବଂ ସିନେମା ହଲରେ ଖାଦ୍ୟପେୟ ବସ୍ତୁ ଉପରେ ଯଥେଷ୍ଟ ଅଧିକ ପଇସା ନେବାର ଅଭିଯୋଗ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନୂଆ ଆଇନ ଅନୁସାରେ ଉପଭୋକ୍ତା ଫୋରମରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ମାମଲା ଓ ରାଷ୍ଟ୍ରୀୟ ଉପଭୋକ୍ତା ବିବାଦ ନିବାରଣ ଆୟୋଗରେ ଏକ କୋଟିରୁ ଦଶ କୋଟି ପର୍ଯ୍ୟନ୍ତ ମାମଲାର ଶୁଣାଣି ହୋଇପାରିବ।

ଯୁଗ୍ମ ସଚିବ, ଓରେରା, ଭୁବନେଶ୍ୱର



# କରୋନା, କାମଦାମ କରନା

ଡଃ. କୁଳାଙ୍ଗାର

କରୋନାର ଦୁଃଖକଥା ତ ଏବେ ନିତିନିତି ସବୁସ୍ଥାନରେ ଆଲୋଚନା ହେଉଛି, କିନ୍ତୁ ଏହା ମଧ୍ୟରେ ସୁଖକଥାଟି ଲୁଚିଯାଇଛି। ଅବଶ୍ୟ ସୁଖୀ ଲୋକଙ୍କ ସଂଖ୍ୟା କମ୍, ଦୁଃଖୀ ଲୋକଙ୍କ ସଂଖ୍ୟା ଅଧିକ। ତେବେ ସେମାନଙ୍କ ସୁଖରୁ କିଛି ପରିବେଷଣ କଲେ ଦୁଃଖୀମାନଙ୍କର ଦୁଃଖ କିଛି ପରିମାଣରେ ଲାଘବ ହୋଇପାରେ।

ପ୍ରତିଦିନ ସକାଳୁ କିଛିଲୋକ ଦୁଃଖୀ ହୁଅନ୍ତି, ଯେବେ ଜଣାପଡ଼େ କି ସେମାନଙ୍କୁ କରୋନା ହୋଇଛି। ଅପରାହ୍ନରେ କିଛି ଲୋକ ଖୁସି ହୁଅନ୍ତି, ଯେବେ ଜଣାପଡ଼େ ସେମାନେ ନୀରୋଗ ହୋଇଛନ୍ତି।

ସ୍କୁଲ୍‌ରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ହୋଇଥିବାରୁ ପିଲାମାନେ ଘରେ।

ଉପର ଶ୍ରେଣୀର ଛାତ୍ରୀ ଜଣେ ତଳ ଶ୍ରେଣୀର ଛାତ୍ରୀକୁ କହିଲା- ଏ କରୋନା ରୋଗଟା ଯଦି ଏବେ ନ ଆସି ବର୍ଷେ ଆଗରୁ ଆସି ଥାଆନ୍ତା, ଆଜି ମୁଁ ମାଆ ହୋଇ କୋଳରେ ଛୁଆକୁ ଖେଳାଉ ଥାଆନ୍ତି।

ଅନ୍ୟ ଛାତ୍ରୀଟି କହିଲା- ଏ ମା... କେମିତି ମ ?

ଏବେ ସେଇ ଛାତ୍ରୀଟି ଉତ୍ତର ଦେଲା- ଗତବର୍ଷ ପରୀକ୍ଷା ପୂର୍ବରୁ ମୋର ବାହାଘର ଠିକ୍ ହୋଇଥିଲା। କିନ୍ତୁ ମୁଁ ପରୀକ୍ଷାରେ ଫେଲ୍ ହୋଇଯିବାରୁ ମୋ ବାହାଘର ଭାଙ୍ଗିଗଲା। ଏ କରୋନା ରୋଗଟା ଯଦି ସେତେବେଳେ ଆସିଥାଆନ୍ତା, ତମମାନଙ୍କ ପରି ମୁଁ ବି ବିନା ପରୀକ୍ଷାରେ ହାରାହାରି ମାର୍କ ରଖି ପାସ୍ କରି ଯାଇଥାଆନ୍ତି। ଫଳରେ ମୋ ବାହାଘର ଆଉ ଭାଙ୍ଗି ନ ଥା'ନ୍ତା।

ସ୍କୁଲ୍‌ଗୁଡ଼ିକ ବହୁଦିନ ଧରି ବନ୍ଦ ରହିବାରୁ ଛାତ୍ରୀଛାତ୍ରମାନେ ଲମ୍ବା ଛୁଟି କାଟୁଛନ୍ତି। ଶିକ୍ଷକମାନେ ଘରେ ଘରେ ବହି ଓ ଡାଲି, ଚାଉଳ ଆଦି ଯୋଗାଇ ଦେଇଛନ୍ତି। ପାଠ ଡରୁଆ ଛାତ୍ରୀଛାତ୍ରଙ୍କ ପାଇଁ ତ ପାଳକ। ସେମାନେ ଟିଭି ଦେଖି ଦେଖି ନିଜକୁ ସ୍ଥାୟୀ ମୋଟୁ ପତ୍‌ଲୁରେ ପରିଣତ କରି ସାରିଲେଣି।

ଅବଶ୍ୟ ସବୁ ଛାତ୍ରୀଛାତ୍ରମାନେ ପାଠକୁ ଡରନ୍ତି ନାହିଁ। କାରଣ ଏବେ ବିଦ୍ୟାଳୟ ସବୁ ଦଣ୍ଡମୁକ୍ତ ଅଞ୍ଚଳ ପାଲଟି ସାରିଛି। ତେବେ ଦଣ୍ଡରୁ ମନେପଡ଼ିଲା ଗୋଟେ ବଢ଼ିଆ କଥା। ଶୁଣନ୍ତୁ! ପିଲାଙ୍କୁ ପିଟିବାକୁ ବାରଣ କରାଯାଇଥିଲେ ମଧ୍ୟ, କିଛି ଶିକ୍ଷକ ନିଜର ନିଜତ୍ୱକୁ ଛାଡ଼ି ନ ପାରି ଆଉ କିଛି ଅଭିଭାବକଙ୍କଠାରୁ ହଁ ପିଟନ୍ତୁ ଆମର ଆପତ୍ତି ନାହିଁ ବୋଲି ବରପ୍ରାପ୍ତ ହୋଇ ପିଲାଙ୍କୁ ପିଟୁଥିଲେ। କିନ୍ତୁ ଏଇ କରୋନା ଯୋଗୁ ହିଁ ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଦଣ୍ଡମୁକ୍ତ ହୋଇପାରିଲା। ବିକଳ୍ପ ବ୍ୟବସ୍ଥା ସ୍ୱରୂପ, ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ପାଠପଢ଼ା ହେଉଛି। ଏଥିରେ ଶିକ୍ଷକ ଚାହିଁଲେ ମଧ୍ୟ ପିଲାଙ୍କୁ ବାଡ଼େଇ ପାରୁନାହାନ୍ତି।

ଅନ୍‌ଲାଇନ୍‌ରେ ଶିକ୍ଷକ ବିଷୟ ପରେ ବିଷୟ ସାରି ଖୁସି ହେଉଛନ୍ତି ଆଉ ପିଲାମାନେ ବିଷୟ ପରେ ବିଷୟ ଭୁଲି ଖୁସି ହେଉଛନ୍ତି। ଶିକ୍ଷକଙ୍କୁ ଠକିବାରେ ବହୁ ପିଲା ସକ୍ଷମ ହେଉଛନ୍ତି। କେଉଁଠି ଦାଢ଼ିଚୁଟି ବଢ଼ି ଯାଉଥିବାରୁ ପିଲା ଶିକ୍ଷକଙ୍କୁ ଚିହ୍ନି ପାରୁନି ତ ପୁଣି କେଉଁଠି ଘରେ ବସିବସି ଖାଇପିଇ ମୋଟା ହୋଇ ଯାଇଥିବାରୁ ପିଲାକୁ ଶିକ୍ଷକ ଚିହ୍ନି ପାରୁନାହାନ୍ତି।

ସେମିତି ଗୋଟେ ଅନ୍‌ଲାଇନ୍‌ରେ ଗୋଟିଏ କ୍ଲାସର ଶେଷରେ ଶିକ୍ଷୟିତ୍ରୀ ପଚାରିଲେ- ପିଲାମାନେ କାହାର ଯଦି କିଛି ବି ଅବୁଝା ରହିଯାଇଛି ତେବେ ବିନା ଭୟରେ ପଚାର। ପିଲାଟିଏ ପଚାରିଲା- ମିସ୍... ଆଡିଶନ୍ ପଢ଼େଇଲା ବେଳେ ଆପଣ ଲେଫ୍ଟକୁ ଅନେଇ ବଡ଼ବଡ଼ ଆଖି କରି ଯାହାକୁ ରାଗୁଥିଲେ ସିଏ ଆପଣଙ୍କ ଛୁଆ ନା ଡଗି ନା ହଜବ୍ୟାଣ୍ଡ ?

ଅନେକ ହଜବ୍ୟାଣ୍ଡ ଯେଉଁମାନେ ପୂର୍ବରୁ ଧେଡ଼ିଆ ଥିଲେ, ଏଇ କରୋନା କାଳରେ ଘରେ ବସି ବସି ସ୍ୱାସ୍ଥ୍ୟବାନ ପାଲଟି ଯାଉଛନ୍ତି। ଆଗରୁ ଆଦୌ ରୋଷେଇ ଶିଖି ନ ଥିବା ଅନେକ ସ୍ୱାମୀ ଏବେ ବହୁ ରୋଷେଇ ଶିଖି ସାରିଲେଣି। ଏକରେ ଉପଲବ୍ଧତାରେ ବିଭ୍ରାଟ ଓ ଦୁଇରେ ଅଧିକାଂଶ ସମୟ ଘରଣୀଙ୍କ ପାଖରେ ରହୁଥିବାରୁ ଅନେକ ମଦୁଆ ମରଦ ଶତପ୍ରତିଶତ ମଦ ଛାଡ଼ି ଦେଇଛନ୍ତି।

କେବଳ ମଦ ନୁହେଁ, ବହୁଲୋକ ବହୁକଥା ଛାଡ଼ିଛନ୍ତି। ଦଳେ ପ୍ରଧାନମନ୍ତ୍ରୀଙ୍କ ପରି ଦାଢ଼ି ଛାଡ଼ିଛନ୍ତି। ଦଳେ ସ୍ତ୍ରୀ ଓ ପିଲାଛୁଆ ଛାଡ଼ିଛନ୍ତି(ଗାଆଁରେ)। ଦଳେ ଫୁଲ୍ ପିନ୍ଧା ଛାଡ଼ିଛନ୍ତି, ମାନେ ଦିନରାତି ଲୁଙ୍ଗି, ଗାମୁଛା ଅବା ହାଫ୍‌ପ୍ୟାଣ୍ଟରେ କାମ ଚଳଉଛନ୍ତି। ବହୁ ଲୋକ ବାଧ୍ୟବାଧକତାରେ ଆଉ ବହୁଲୋକ ପରିସ୍ଥିତିର ଫାଇଦା ଉଠେଇବାକୁ ଯାଇ କାମ କରିବା ଛାଡ଼ି ଦେଇଛନ୍ତି।

ବହୁ ବେସରକାରୀ କାର୍ଯ୍ୟସ୍ଥଳୀ ବନ୍ଦ ପଡ଼ିଥିବାରୁ ଅନେକ ଲୋକ ବାଧ୍ୟ ହୋଇ କାମ ଛାଡ଼ିଛନ୍ତି। ରୋଜଗାର ଠପ୍ ତେଣୁ ଘରେ ବସିଛନ୍ତି।

ସରକାରୀ କାର୍ଯ୍ୟାଳୟ କିନ୍ତୁ ବନ୍ଦ ହୋଇନି। ସ୍ୱାସ୍ଥ୍ୟ ଓ ଗୃହ ପରି ବିଭାଗରେ ଚତୁର୍ଗୁଣ କାର୍ଯ୍ୟ ବଢ଼ିଯାଇଛି। ସେମାନଙ୍କଠାରୁ ଲୋକଙ୍କର ଆଶା ବହୁତ। ଲୋକେ ଚାହାନ୍ତି ଏହି ବିଭାଗର କର୍ମଚାରୀମାନେ ମେଶିନ୍ ପାଲଟି ଯାଆନ୍ତୁ ଆଉ ଲୋକମାନଙ୍କର ଇଚ୍ଛାନୁଯାୟୀ ଚବିଶ ଘଣ୍ଟା କ'ଣ ସମୟ ପାଇଲେ ଆହୁରି ଖଟନ୍ତୁ। ନଚେତ ନିଅନ୍ତୁ, ଗାଳି ନିନ୍ଦା ଅପମାନ ଖାଆନ୍ତୁ। ଏମାନଙ୍କ ବ୍ୟତୀତ ପଞ୍ଚାୟତ ଓ ବ୍ଲକ୍ ପରି କିଛି କାର୍ଯ୍ୟାଳୟ ଲଗାତର ଓଭରଟାଇମ୍ କରୁଛନ୍ତି।

ବାକି ବହୁ କାର୍ଯ୍ୟାଳୟରେ ବହୁ କଟକଣା ହୋଇଛି। ଆଜି ଅର୍ଡର ବାହାରିଲା ଏତିକି ଶତକଡ଼ା ଆସ ତ କାଲି ନିୟମ ଏତିକି ଆସ। ବୃଦ୍ଧ ଓ ରୋଗୀମାନେ ନ ଆସିଲେ ଚଳିବ। ଯିଏ କୋଉ କାମକୁ ନୁହଁ, ସିଏ ଆସୁ କି ନ ଆସୁ ତାକୁ କିଏ ବା ଖୋଜୁଛି!

ଜାଣିବା ଭିତରେ ଏମିତି ଲମ୍ବାଛୁଟି କେବେ କୌଣସି କର୍ମଚାରୀଙ୍କୁ ମିଳି ନ ଥିଲା। ଏବେ ତ ଘରେ ରହିବାର ଅଭ୍ୟାସରେ ଏମିତି ପଡ଼ିଗଲାଣି ଯେ ବହୁ ଲୋକଙ୍କୁ ଆଉ ସେ ଚଉକିରେ ବସିବା ପାଇଁ ଜାଗା ହେଉନାହିଁ! ଘରେ ଶୋଇ ଶୋଇ ବସିବାର ଅଭ୍ୟାସ ନ ଥିବାରୁ ଚଉକିଗୁଡ଼ିକୁ ବାରମ୍ବାର ଖାଲି କରିବାକୁ ପଡୁଛି।

ମୋଟାମୋଟି କାର୍ଯ୍ୟାଳୟରେ କରୋନା ଅଘୋଷିତ ମାର୍ଚ୍ଚମାସର ପରିସ୍ଥିତି ସୃଷ୍ଟି କରିଛି। ଯେମିତି ସେ ମାସରେ କୌଣସି କାର୍ଯ୍ୟ ପାଇଁ ଗଲେ ବାବୁମାନେ କହିଥାନ୍ତି- ମାର୍ଚ୍ଚମାସ, ପଛରେ ଆସ, ଏବେ କହୁଛନ୍ତି କରୋନା ସରିଲେ ଆସିବ। ଏମିତି ବି କିଛି କର୍ମଚାରୀ ମଧ୍ୟ ଅଛନ୍ତି, ଯାହାଙ୍କର ଜୋତା କି ଚପଲ ଚିହ୍ନ ମାସମାସ ଧରି କାର୍ଯ୍ୟାଳୟରେ ପଡ଼ିନାହିଁ। ଘରୁ କାମ କରିବାର ନିୟମ ମଧ୍ୟ ତାଙ୍କୁ ଲାଗୁ ହୁଏ ନାହିଁ, କାରଣ ସେମାନଙ୍କର ଯୋଗ୍ୟତା ହେଲା ତାଙ୍କୁ କମ୍ପ୍ୟୁଟର ଚାଳନା ଆସିନାହିଁ। ସିଏ କାମକୁ, କାର୍ଯ୍ୟାଳୟ ଗମନକୁ ବର୍ଜନ କରିଛନ୍ତି, କିନ୍ତୁ ପୂର୍ବପରି ମାସିକ ଦରମା ଅର୍ଜନ କରିଛନ୍ତି। ତେବେ କୁହନ୍ତୁ ତ ସେମାନେ ସୁଖୀ କି ନାହିଁ ? ଅବଶ୍ୟ ଏହାର ସକାରାତ୍ମକ ଦିଗ ମଧ୍ୟ ରହିଛି। କାମ ପାଇଁ ଦୁର୍ନୀତିର ଅଭିଯୋଗ ତ ବହୁ ପୁରୁଣା। ଏବେ କିନ୍ତୁ ସେଥିରୁ ମୁକ୍ତି। ଯିଏ କାମ ନ କରୁଛି, ଦୁର୍ନୀତି କରନ୍ତା ବା କାହୁଁ? ତେବେ ଆଜି ହେଉ କି କାଲି, ଏ କରୋନା ଦିନେ ଚାଲିଯିବ କିନ୍ତୁ ହାୟ ଆମ କର୍ମଚାରୀଙ୍କଠାରେ କାମ କରିବାର ସ୍ପୃହା କ'ଣ ସ୍ୱତଃ ପୁନଃ ସୃଷ୍ଟି ହୋଇପାରିବ ?

ମାର୍ଫତ- ଗାନ୍ଧୀ ପଣ୍ଡା, କଳାଘର-ଲେମ୍ବୋ, ଡା-
ଅଲରା, ନରସିଂହପୁର, କଟକ
ମୋ- ୮୮୯୫୮୨୫୮୬୩

## ଏଇ ଭାରତରେ

ଦେଶରେ ବାଛବିଚାରର ଶିକାର ହେଉଥିବା ଟ୍ରାନ୍ସ ଓମେନଙ୍କୁ ଲୋକମାନେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତି ଦେବା ଲାଗି ଅମଙ୍ଗ ହେଉଥିବାବେଳେ କେରଳରେ ଏମାନେ ଏକ କ୍ୟାଣ୍ଟିନ କରି ଆତ୍ମ ନିଯୁକ୍ତିର ବାର୍ତ୍ତା ଦେଇଛନ୍ତି। ୧୦ ଜଣ ଟ୍ରାନ୍ସ ଓମେନ ଲାକ୍କଡରେ ଓରୁମା କ୍ୟାଣ୍ଟିନକୁ ଚଳାଉଛନ୍ତି। ୨୦୧୯ ଡିସେମ୍ବରରେ ସେମାନେ ଏହି କ୍ୟାଣ୍ଟିନ ଆରମ୍ଭ କରିଥିଲେ। କରୋନା ମହାମାରୀ ଯୋଗୁ କ୍ଷତି ସହି ମଧ୍ୟ ଏହାକୁ ଏବେ ଚଳାଉଛନ୍ତି। ସକାଳ ୧୦ଟାରେ ସେମାନେ କାମ ଆରମ୍ଭ କରୁଛନ୍ତି। କ୍ୟାଣ୍ଟିନ ବନ୍ଦ କରୁଛନ୍ତି ସନ୍ଧ୍ୟା ୬ଟାରେ। ବ୍ରେକ୍‌ଫାଷ୍ଟ, ଲଞ୍ଚ ଓ ସ୍ନାକ୍ସ ପ୍ରସ୍ତୁତ କରୁଛନ୍ତି। ସେମାନେ ଏହି କ୍ୟାଣ୍ଟିନକୁ ଓପନ ଷ୍ଟାଇଲ୍‌ରେ ନିର୍ମାଣ କରିଛନ୍ତି, ଯାହା ଫଳରେ ଗ୍ରାହକମାନେ ସେମାନଙ୍କ ଖାଦ୍ୟ ପ୍ରସ୍ତୁତିର ପ୍ରଣାଳୀ ଦେଖିବା ସହ ଖାଦ୍ୟରେ ଯାହା ଉପଯୋଗ କରୁଛନ୍ତି ତାହା ମଧ୍ୟ ଜାଣିପାରୁଛନ୍ତି। ଖାଦ୍ୟ ପାଇଁ ଆବଶ୍ୟକ ମସଲା ଓ ଅନ୍ୟ ଉପକରଣ ବାହାରୁ ନ କିଣି ସେମାନେ ନିଜେ ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଖାଦ୍ୟର ଚାହିଦା ଭଲ ରହିଛି। ଏହି ୧୦ ଜଣ ଟ୍ରାନ୍ସ ଓମେନ କେରଳ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା କୁଡୁମ୍ବଶ୍ରୀ ଅଧୀନରେ ପ୍ରଶିକ୍ଷଣ ନେଇଛନ୍ତି। କ୍ୟାଣ୍ଟିନ କରିବା ଲାଗି ପାଲାକ୍କଡ ଜିଲା ପ୍ରଶାସନ ସେମାନଙ୍କୁ ଜାଗା ବି ଦେଇଛି। ଏବେ ପ୍ରତିଦିନ ୯,୦୦୦ରୁ ୧୦,୦୦୦ ଟଙ୍କାର ଖାଦ୍ୟ ବିକ୍ରି କରୁଛନ୍ତି ବୋଲି କହିଛନ୍ତି କ୍ୟାଣ୍ଟିନର ମୁଖ୍ୟ ମୀରା।

## ଚିରନ୍ତନୀ

ମନ୍ଥର ଧୀର ଅତି
ଅଚପଳ ଜଳଗତି
ତଳେ ତା'ର ତାଳଗଛ ଛାଇରେ
କାଟିଛି ସରଳ ରେଖା ମହୀରେ।
(ଶରତ-ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କେବେ ହେବ

ମହାଶୟ,

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କେବେ ହେବ ଓଡ଼ିଆ ଭାଷାର ମାନ, ମର୍ଯ୍ୟାଦା ରକ୍ଷାକରି ଏକ ସୁନ୍ଦର ଯୁଗ ସୃଷ୍ଟି କରି ସାରା ଓଡ଼ିଶା, ସାରା ଭାରତରେ ଝଡ଼ ସୃଷ୍ଟି କରିଥିବା ସତ୍ୟବାଦୀର ବନ ବିଦ୍ୟାଳୟକୁ ନ ଜାଣେ କିଏ ? ଏହାକୁ ଏକ ମଣିଷ ଗଢ଼ା କାରଖାନା କୁହାଯାଉଥିଲା। ଅତୀତର ସ୍ମୃତିକୁ ସମ୍ମାନ ଦେଇ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କଲେ ଏବଂ ଏହାର ଶୁଭ ଉଦ୍‌ଘାଟନ ମଧ୍ୟ କଲେ। କିନ୍ତୁ ବର୍ଷକରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଗଲାଣି। ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ଜମି ସରକାର କିଣି ନାହାନ୍ତି କି ବିଶ୍ୱବିଦ୍ୟାଳୟ ଗଢ଼ିବାକୁ ପ୍ରାରମ୍ଭିକ କାର୍ଯ୍ୟ କରିନାହାନ୍ତି। ଏଥିପାଇଁ ଯେତିକି ଜମି ଦରକାର ସରକାର ମନ୍ଦିର ପ୍ରଶାସନଠାରୁ ଟଙ୍କା ଦେଇ ଖରିଦ ନ କରିବା ମୂଳରେ ସତରେ କ'ଣ ଅର୍ଥର ଅଭାବ ନା ଆଉ କିଛି ରହସ୍ୟ ଅଛି ତାହା ଜାଣି ହେଉନି। ସତ୍ୟବାଦୀର ସ୍ୱାଭିମାନ ଦୃଷ୍ଟିରୁ ଏଠାରେ ବିଳମ୍ବ ନ କରି ଯଥାଶୀଘ୍ର ଓଡ଼ିଆ ବିଶ୍ୱବିଦ୍ୟାଳୟ ହେଉ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ବୃକ୍ଷରୋପଣ ପ୍ରତି ଧ୍ୟାନ ଦିଆଯାଉ

ଏମ୍‌ଜିଏନ୍‌ଆର୍‌ଇଜିଏରେ ବହୁସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ତାହା ପ୍ରଶଂସନୀୟ। ମାତ୍ର ସମୟ ଓ ସୁବିଧାକୁ ଦେଖି ବୃକ୍ଷରୋପଣ ପ୍ରତି ବିଶେଷ ଧ୍ୟାନଦେବା ଉଚିତ। ଅଗ୍ରାଧିକାର ଭିତ୍ତିରେ ଉଚ୍ଚମାନର ଫଳଗଛ, ଚନ୍ଦନ, ରବର, ଶାଗୁଆନ, ଶାଳ ଓ ପିଆଶାଳ ଆଦି ଗଛ ଲଗାଇଲେ ଅଧିକ ଫଳପ୍ରଦ ହେବ। ପ୍ରଶ୍ନ ଉଠିପାରେ ରକ୍ଷଣାବେକ୍ଷଣ ଓ ଜଳବାୟୁ ସୁହାଇବ ତ। ନିଶ୍ଚିନ୍ତ ରୂପେ। ଏହା ମୃତ୍ତିକା ସଂରକ୍ଷଣ, ପରିବେଶର ସୁରକ୍ଷା ଓ ଆର୍ଥିକ ବିକାଶରେ ସହାୟକ ହେବ। ସରକାରୀ ଅର୍ଥ ଓ ଶ୍ରମିକ ଭାଇମାନଙ୍କ ଶ୍ରମ ସୁବିନିଯୋଗ ହୋଇପାରିବ।

ଅକ୍ଷୟ ପଣ୍ଡା, ଲୋକାପଡ଼ା, ଆଳି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୋଣାର୍କ ସ୍ପେଶାଲ ଏକ୍ସପ୍ରେସ୍ ଚଳାଚଳ ବନ୍ଦ

ଭୁବନେଶ୍ୱର, ୬।୮ (ବ୍ୟୁରୋ)

ପ୍ରବଳ ବର୍ଷା ଯୋଗୁ ମୁମ୍ବାଇର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଲାଗି ରହିଥିବାରୁ ଟ୍ରେନ୍ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଫଳରେ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ସ୍ପେଶାଲ ଏକ୍ସପ୍ରେସ୍ (ନଂ.୧୧୦୧୯) ଗତ ୫ ତାରିଖରେ ମୁମ୍ବାଇରୁ ବାହାରିପାରିନାହିଁ। ଏହି ଟ୍ରେନ୍ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବାର ଥିଲା। ସେହିପରି ଶୁକ୍ରବାର ଭୁବନେଶ୍ୱରରୁ ମୁମ୍ବାଇ ଅଭିମୁଖେ ବାହାରିବାକୁ ଥିବା କୋଣାର୍କ ସ୍ପେଶାଲ ଏକ୍ସପ୍ରେସ୍ (୧୧୦୨୦)କୁ ମଧ୍ୟ ବାତିଲ କରାଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ଆଘାତରେ ମା'ଝିଅଙ୍କ ମୃତ୍ୟୁ

ରାଇରଙ୍ଗପୁର, ୬।୮ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ବାଦାମପାହାଡ଼ ଥାନା ଅଧୀନ ତାଳଡ଼ିହା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣାକ୍ରମେ ବିଦ୍ୟୁତ୍ ଆଘାତରେ ମା'ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁନା କିସ୍କୁଙ୍କ ସ୍ତ୍ରୀ ବାଙ୍ଗି(୬୦) ଏବଂ ତାଙ୍କ ବିବାହିତ ଝିଅ ରାଇମାତ ହେମ୍ବ୍ରମ(୨୩)। ପୂର୍ବାହ୍ନରେ ମା'ଝିଅ ଘର ପଛପଟକୁ ଯାଇଥିବା ବେଳେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡ଼ିକାଲ ଆଣିଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଦାମପାହାଡ଼ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୦) ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ମୃତ ରାଇମାତ ତିରିଂ ଥାନା ଅଧୀନ କେନ୍ଦୁଆ ଗ୍ରାମର ବାବ୍‌ଲୁ ହେମ୍ବ୍ରମଙ୍କୁ ବିବାହ କରିଥିଲେ। କିଛି ଦିନ ହେବ ସେ ବାପ ଘରକୁ ବୁଲି ଆସିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ୪ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୬।୮ (ବ୍ୟୁରୋ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗୁରୁବାର ଦୁର୍ବଳ ହୋଇ ମଧ୍ୟପ୍ରଦେଶ ଅତିକ୍ରମ କରି ଯାଇଛି। ତେବେ ମଧ୍ୟପ୍ରଦେଶ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସୁନ୍ଦରଗଡ଼, କେନ୍ଦୁଝର, ମାଲକାନଗିରି, ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ଼ ଜିଲାର ବାଲିଶଙ୍କରାରେ ୧୦ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ କେନ୍ଦୁଝରର ଚମ୍ପୁଆରେ ୭, ମାଲକାନଗିରି ୭, ଜଗତ୍‌ସିଂହପୁର ଆଳିପିଙ୍ଗଳରେ ୭, ଯାଜପୁର ୭, ପାଟଣାଗଡ଼ ୭, କନ୍ଧମାଳର ଫିରିଙ୍ଗିଆରେ ୬, ଦାନଗଦିରେ ୬, ଭଦ୍ରକର ତିହିଡିରେ ୫, କଳାହାଣ୍ଡି ଜିଲାର କର୍ଲାମୁଣ୍ଡାରେ ୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

ତେବେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୯ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅଧିକ ସକ୍ରିୟ ରହିବ। ଏହାର ପ୍ରଭାବରେ ୯ରୁ ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି, କୋରାପୁଟ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ପୁରୀ ଏସିଏଫ୍ ଗିରଫ



ପ୍ରଶାନ୍ତ କୁମାର ସ୍ୱାଇଁ।

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

**କଟକ ଅଫିସ, ୬।୮:** ପୁରୀ ବନ୍ୟପ୍ରାଣୀ ବନଖଣ୍ଡର ସହକାରୀ ବନ ସଂରକ୍ଷକ (ଏସିଏଫ୍) ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗୁରୁବାର ଗିରଫ କରାଯିବା ପରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ୧୯ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଏ ନେଇ କେସ୍ ନଂ. ୨୦/୨୦ ରୁଜୁ ହୋଇଛି। ବୁଧବାର ଭିଜିଲାନ୍ସ ପକ୍ଷରୁ ସ୍ୱାଇଁଙ୍କ ଭୁବନେଶ୍ୱରସ୍ଥିତ ତିନି ମହଲା କୋଠା, ପୁରୀସ୍ଥିତ କାର୍ଯ୍ୟାଳୟ ଓ ଭଡ଼ାଘର, ବାଲିଅନ୍ତା ଥାନା ଅନ୍ତର୍ଗତ ଶିଶିଲୋ ଗ୍ରାମର ପୈତୃକ ଘର, ଢେଙ୍କାନାଳର ସମ୍ପର୍କୀୟଙ୍କ ଘର ଉପରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧ କୋଟି ୧୬ଲକ୍ଷ ୨୭ ହଜାର ୯୩୮ ଟଙ୍କାର ସମ୍ପତ୍ତି ମିଳିଥିଲା। ତେବେ ୭୬ଲକ୍ଷ ୧ ହଜାର ୬୦୪ ଟଙ୍କାର ସମ୍ପତ୍ତି ଉତ୍ସ ବିଷୟରେ ସ୍ୱାଇଁ କୌଣସି ସୂଚନା ଦେଇପାରି ନ ଥିଲେ। ଫଳରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ସାଥୀରେ ନେଇଆସି ପଚରାଉଚରା ଜାରି ରଖିଥିଲେ।

# ପ୍ରତି ବ୍ଲକ୍‌ରେ କୃଷି ଉଦ୍ୟୋଗୀ ସୃଷ୍ଟି ନିର୍ଦ୍ଦେଶ

ଭୁବନେଶ୍ୱର, ୬।୮ (ବ୍ୟୁରୋ)

ଓଡ଼ିଶାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଭରପୂର ସୁଯୋଗ ରହିଛି। ଯୁବ ଉଦ୍ୟୋଗୀମାନେ ସମ୍ପ୍ରତି କୃଷି କ୍ଷେତ୍ରରେ ପ୍ରକଳ୍ପ ସ୍ଥାପନ ଦିଗରେ ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଆପିକଲ ମାଧ୍ୟମରେ ପ୍ରତି ବ୍ଲକ୍‌ରେ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଆୟୋଜିତ ଭର୍ଚୁଆଲ୍ ବୈଠକରେ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ଲିଃ (ଆପିକଲ) ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଆପିକଲ୍‌ର ଦାୟିତ୍ୱରେ ରହୁଥିବା ଡିଷ୍ଟ୍ରିକ୍ଟ ମ୍ୟାନେଜରମାନେ ଅଧିକ କ୍ରିୟାଶୀଳ ହୋଇ ସେମାନଙ୍କ ଜିଲାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ରହିଥିବା ସୁଯୋଗ ଓ ସୁବିଧା ସମ୍ପର୍କରେ ତର୍ଜମା କରିବା ଆବଶ୍ୟକ। ଫଳରେ କୃଷି ଉଦ୍ୟୋଗ ଖାଦ୍ୟ ନିରାପତ୍ତା ସହିତ ରୋଜଗାର ଯୋଗାଣରେ ଏକ ଉତ୍ତମ ବିକଳ୍ପ ଭାବରେ ଉଭା ହୋଇଛି। ତେଣୁ ଯୁବପିଢ଼ିଙ୍କୁ ଏଥିପ୍ରତି ଆଗ୍ରହୀ କରାଇବା ଦିଗରେ ଜନସଚେତନତା ସୃଷ୍ଟି ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'କୁ ଅଧିକ ଲୋକପ୍ରିୟ କରାଇବା ପାଇଁ ଏହାର ପ୍ରଚାରପ୍ରସାର ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ କହିଛନ୍ତି। ଉଦ୍ୟୋଗୀମାନେ ଯେପରି ସହଜରେ ବ୍ୟାଙ୍କ ଋଣ ପାଇପାରିବେ ସେଥି ନିମନ୍ତେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା ଯୋଗଦେଇ କହିଲେ, ଚାଷୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ଯୋଜନାଗୁଡ଼ିକ ଯେପରି ଚାଷୀଙ୍କ ନିକଟରେ ପହଞ୍ଚିପାରିବ ସେ ଦିଗରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ବୈଠକରେ ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ସାର, କୀଟନାଶକ ଯୋଗାଣ ସମେତ ବିଭିନ୍ନ କୃଷି ଉପକରଣ ଯୋଗାଣ ଏବଂ ଜଳନିଧି (୨) ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଆପିକଲ ଅଧ୍ୟକ୍ଷ ପ୍ରଭାଦିତ୍ୟ ମିଶ୍ର, ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ରାଉଳ, ଓଡ଼ିଶା କୃଷି ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକଙ୍କ ସମେତ ସମସ୍ତ ଡିଷ୍ଟ୍ରିକ୍ଟ ମ୍ୟାନେଜର ଯୋଗଦେଇଥିଲେ।

# ଆଜିଠୁ ଏସ୍‌ସିବିରେ ମିଳିବ 'ଆହାର'

କଟକ ଅଫିସ, ୬।୮

■ ଖାଦ୍ୟ ପରଷିବେ ସ୍ୱୟଂ ସହାୟକ ଗୋଷ୍ଠୀ

■ କଡ଼ାକଡ଼ି ପାଳନ ହେବ କୋଭିଡ୍ ଗାଇଡ୍‌ଲାଇନ୍

ଆହାର କେନ୍ଦ୍ର ଓ ହସ୍ପିଟାଲ କର୍ମଚାରୀମାନେ ବାରମ୍ବାର କରୋନା ଆକ୍ରାନ୍ତ ହେବାରୁ ପ୍ରାୟ ୪୦ଦିନ ଧରି କଟକ ସହରର ସମସ୍ତ ହସ୍ପିଟାଲରେ ଥିବା ଆହାର କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିଲା। ଫଳରେ ହସ୍ପିଟାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଖାଦ୍ୟ ପାଇଁ ହଇରାଣ ହେଉଥିଲେ। ତେବେ ଶୁକ୍ରବାରଠାରୁ ଏସ୍‌ସିବିରେ ପୁଣି ଆହାର ସେବା ଆରମ୍ଭ ହେବ। ଏହାପରେ ୧୦ ତାରିଖଠାରୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ଏବଂ ଶିଶୁଭବନରେ ଆହାର ସେବା ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କଟକ ମହାନଗର ନିଗମର ବସ୍ତି ଉନ୍ନୟନ ଅଧିକାରୀ ଅମୃତ ସରକାର କହିଛନ୍ତି। ପୂର୍ବଭଳି ଏସ୍‌ସିବିରେ ୧୨୦୦, ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ୬୫୦ ଏବଂ ଶିଶୁଭବନ ପାଇଁ ୪୫୦ ପ୍ଲେଟ ଯୋଗାଇ ଦିଆଯିବ। ଏଥର ଅକ୍ଷୟ ପାତ୍ର ଚାରିଟେବୁଲ ଟ୍ରଷ୍ଟକୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସହଯୋଗର ହାତ ବଢ଼ାଇଛନ୍ତି। ଏହି ସଦସ୍ୟାମାନେ ସମସ୍ତ ଆହାର କେନ୍ଦ୍ରରେ ଖାଦ୍ୟ ପରଷିବେ। ଏଥର ଆହାର କେନ୍ଦ୍ରଗୁଡ଼ିକରେ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ କଡ଼ାକଡ଼ି ଭାବେ ପାଳନ କରାଯିବ। ଉକ୍ତ ନୂତନ ପରିଚାଳନା ଦାୟିତ୍ୱ ଉପରେ ଅକ୍ଷୟ ପାତ୍ର ସଂସ୍ଥା ଆସ୍ଥା ପ୍ରକଟ କରିବା ସହ ଆଗାମୀ ଦିନରେ ଯୋଜନା ଅଧିକ ଆଦୃତ ହୋଇ ପାରିବ ବୋଲି ଆଶା ପ୍ରକାଶ କରିଛି।


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

No. RDM-LAA-MBJ-0008-2018/37966/R&DM Dated: 2 Dec. 2019

No. XXI-48:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ରସମତଳା, ଥାନା- କରଞ୍ଜିଆ ନଂ.- ୭୬, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ସିମିଗାଁ ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୨୪୫୬, ତା୨୨।୦୬।୨୦୧୮ରିଖରେ ପ୍ରକାଶିତ ହୋଇଅଛି। ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ. ୩୭୬୮୪ ତା୨୫।୧୧।୨୦୧୯ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ରସମତଳା, ଥାନା- କରଞ୍ଜିଆ ନଂ.- ୭୬, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http:/revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ମୟୂରଭଞ୍ଜ, ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରସମତଳା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୫୫.୬୨ | ଏକର ୬.୪୬ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ମୟୂରଭଞ୍ଜ, ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୦୮।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅତିରିକ୍ତ ଶାସନ ସଚିବ

**LAND SCHEDULE FOR PERMANENT ACQUISITION OF LAND FOR SIMIGAN SUB-MINOR OF R/M/D OF DEO IRRIGATION PROJECT**

**Village: ରସମତଳା, No. ୭୬, P.S.- କରଞ୍ଜିଆ, Tahasil- କରଞ୍ଜିଆ, District- ମୟୁରଭଞ୍ଜ**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୧୮୩୯ | ୦.୧୫ | ୦.୦୩ | ଶାରଦ ଏକ | ଅକ୍ଷୟ ପାତ୍ର, ପି.– ମାଷ୍ଟର– ପାତ୍ର, ମଞ୍ଜୁ ପାତ୍ର, ସ୍ୱା.– ମାଷ୍ଟର ପାତ୍ର, ଜା: ପାଣ, ବା: ନିଜଗାଁ | |
| ୨ | ୧୧ | ୧୮୦୪ | ୦.୨୩ | ୦.୧୫ | ଶାରଦ ଏକ | ଅନାମ କୁଆଁର, ଶ୍ୟାମ କୁଆଁର, କାଳିଆ କୁଆଁର, ପି.– ଚବୁଲ କୁଆଁର, ନରହରି କୁଆଁର, ଉଗ୍ର କୁଆଁର, ଗୋକୁଳ କୁଆଁର, ହରି କୁଆଁର, ପି.– ମଙ୍ଗୁଲୁ କୁଆଁର, ସନୁ କୁଆଁର, କଳାକାର କୁଆଁର, ପି.– ସାର୍ଦ୍ଧନ କୁଆଁର, ରାମଚନ୍ଦ୍ର କୁଆଁର, ପି.– ଜନ କୁଆଁର, ପୂର୍ଣ୍ଣଚନ୍ଦ୍ର କୁଆଁର, ପି.– ଗଣ କୁଆଁର, ପୂର୍ଣ୍ଣ କୁଆଁର, ସ୍ୱା.– ମାଙ୍ଗୁଲୁ କୁଆଁର, ମଙ୍ଗୁନି କୁଆଁର, ସ୍ୱା.– ଜନ କୁଆଁର, ଜା: ବାଥୁଡ଼ି, ବା: ନିଜଗାଁ | |
| ୩ | ୧୩ | ୨୧୬୬ | ୦.୬୦ | ୦.୦୩ | ମାହାରୀ ଜଳ ସେଚିତ | ଅଳି ମହାନ୍ତ, ପି.– ଛୁଟୁଆ ମହାନ୍ତ, ଜା: କୁଡୁମି, ବା: ବୁରୁଙ୍ଗି, ଥାନା– ଠାକୁରମୁଣ୍ଡା | |
| ୪ | ୨୨ | ୨୦୮୧ | ୦.୨୧ | ୦.୦୪ | ଶାରଦ ଜଳ ଏକ | ଉପେନ୍ଦ୍ର ମହାନ୍ତ, ଧୁବୁଲି ମହାନ୍ତ, ବଡ଼ମିନି ମହାନ୍ତ, ମୁନୁ ମହାନ୍ତ, ପି.– ଜୟଚାନ୍ଦ ମହାନ୍ତ, ଲକ୍ଷ୍ମୀ ମହାନ୍ତ, ସ୍ୱା.– ଜୟଚାନ୍ଦ ମହାନ୍ତ, ବିଶ୍ୱ ମହାନ୍ତ, ଗୁରୁ ଚରଣ ମହାନ୍ତ, ପି.– ରଘୁ ମହାନ୍ତ, ପରମାନନ୍ଦ ମହାନ୍ତ, ରୂପା ମହାନ୍ତ, ପି.– ଡମନ ମହାନ୍ତ, ଜା: କୁଡୁମି, ବା: ଝାରବେଡା | |
| ୫ | ୨୭ | ୧୭୪୫ | ୦.୭୬ | ୦.୦୭ | ଆଶୁ | କପିଳ ଚରଣ ନାଏକ, କୁଞ୍ଜବିହାରୀ ନାଏକ, ପି.– ବଂଶୀ ନାଏକ, ବେଲ ନାଏକ, ସ୍ୱା.– ବଂଶୀ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୬ | ୩୩ | ୨୦୦୫ | ୦.୬୮ | ୦.୦୩ | ଶାରଦ ଏକ | କାଞ୍ଚନ ମହାନ୍ତ, ପି.– ଦନୁଆ ମହାନ୍ତ, ବା: ରତନପୁର, ଶ୍ରୀମତୀ ମହାନ୍ତ, ସ୍ୱା.– କାଳିଚରଣ ମହାନ୍ତ, ପଦ୍ମାବତୀ ମହାନ୍ତ, ସ୍ୱା.– ରାମଚନ୍ଦ୍ର ମହାନ୍ତ, ଜା: କୁଡୁମ, ବା: ନିଜଗାଁ | |
| ୭ | ୩୫ | ୨୧୩୨ | ୦.୦୯ | ୦.୦୪ | ଶାରଦ ଜଳ ଏକ | କାଳି ଚରଣ ମହାନ୍ତ, ପି.– ବୈଦା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୮ | ୩୬ | ୧୭୮୬ | ୦.୦୮ | ୦.୦୨ | ଶାରଦ ଏକ | କିଶୁ ରାମ ମହାନ୍ତ, ପି.– ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୯ | ୩୯ | ୫୦୭<br>୫୨୦<br>୫୨୧<br>୨୦୩୬ | ୦.୬୧<br>୦.୪୭<br>୦.୭୦<br>୦.୧୧ | ୦.୦୬<br>୦.୦୭<br>୦.୦୩<br>୦.୦୩ | ଡାହି ଏକ<br>ଡାହି ଏକ<br>ଘରବାରି<br>ଶାରଦ ଜଳ ଏକ | କୁସାଇ ଚନ୍ଦ୍ର ମହାନ୍ତ, ପି.– ଭାରତ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦ | ୪୪ | ୨୦୭୫ | ୧.୨୪ | ୦.୧୨ | ଶାରଦ ଜଳ ଏକ | କେଦାର ମହାନ୍ତ, ପି.– ଦୀନବନ୍ଧୁ ମହାନ୍ତ, ଜା: କୁଡୁମି, ବା: ଶିଙ୍ଗିଡା | |
| ୧୧ | ୪୮ | ୧୮୪୦ | ୦.୨୩ | ୦.୦୪ | ଶାରଦ ଏକ | ଖଗେଶ୍ୱର ପାତ୍ର, ମିଲ ପାତ୍ର, ପି.– ସୁବନ ପାତ୍ର, ସୁଶିଳ ପାତ୍ର, ସ୍ୱା.– ସୁବନ ପାତ୍ର, ଜା: ପାତ୍ର, ବା: ନିଜଗାଁ | |
| ୧୨ | ୪୯ | ୧୭୯୭<br>୧୯୯୯ | ୦.୪୪<br>୦.୮୨ | ୦.୧୩<br>୦.୦୮ | ଶାରଦ ଏକ<br>ଶାରଦ ଜଳ ଏକ | ଖଗେନ୍ଦ୍ର ନାଥ ମହାନ୍ତ, ପି.– ସୁଦର୍ଶନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୩ | ୫୧ | ୫୦୭/ ୨୫୯୭ | ୦.୫୬ | ୦.୦୫ | ଡାହି ଏକ | ଖଗେନ୍ଦ୍ର ମହାନ୍ତ, ଦୂରେନ୍ଦ୍ର ମହାନ୍ତ, ରାଜେନ୍ଦ୍ର ମହାନ୍ତ, ହୃଦୟ ମହାନ୍ତ, ସିରିଷ ଚନ୍ଦ୍ର ମହାନ୍ତ, ସତିଶ ମହାନ୍ତ, ଗିରିଶ ଚନ୍ଦ୍ର ମହାନ୍ତ, ପି.– ସୁଦର୍ଶନ ମହାନ୍ତ, ଲତା ମହାନ୍ତ, ପଦ୍ମାବତୀ ମହାନ୍ତ, ସ୍ୱା.– ସୁଦର୍ଶନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୪ | ୬୪ | ୨୧୫୫ | ୨.୩୦ | ୦.୧୦ | ଶାରଦ ଜଳ ଏକ | ଗୋର ହରି ମହାନ୍ତ, ପି.– ଭାଗବତ ମହାନ୍ତ,, ଜା: କୁଡୁମି, ବା: ନିଜଗାଁ | |
| ୧୫ | ୭୧ | ୧୮୦୫ | ୦.୧୦ | ୦.୦୬ | ଶାରଦ ଜଳ ଏକ | ଚନ୍ଦ୍ର ମୋହନ ମହାନ୍ତ, ଶତ୍ରୁଘନ ମହାନ୍ତ, ହରିହର ମହାନ୍ତ, ପି.– ଗୋବିନ୍ଦ ମହାନ୍ତ, ଘାସିଆ ମହାନ୍ତ, ସ୍ୱା.– ଗୋବିନ୍ଦ ମହାନ୍ତ, ଦିବାକର ମହାନ୍ତ, ପି.– ମୁନିରାମ ମହାନ୍ତ, ପିଆରୀ ମହାନ୍ତ, ସ୍ୱା.– ମୁନି ରାମ ମହାନ୍ତ, ଜା: କୁଡୁମି, ବା: ଭୋଳାପଡ଼ା | |
| ୧୬ | ୭୩ | ୫୧୭<br>୧୭୯୪<br>୫୦୭/ ୨୫୯୫ | ୦.୨୬<br>୦.୧୦<br>୦.୨୯ | ୦.୦୧<br>୦.୦୩<br>୦.୦୫ | ଡାହି ଏକ<br>ଶାରଦ ଏକ<br>ଆଶୁ | ଚରଣ ନ୍ଦ୍ର ମହାନ୍ତ, ପି.– ଭରତ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୭ | ୭୮ | ୪୫୪<br>୫୦୧<br>୨୦୨୭ | ୨.୦୬<br>୦.୪୨<br>୧.୯୧ | ୦.୩୦<br>୦.୦୩<br>୦.୦୫ | ଡାହି ଏକ<br>ଡାହି ଏକ<br>ଶାରଦ ଜଳ ଏକ | ଜିତୁ ମହାନ୍ତ, ପି.– ନନ୍ଦୁଆ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୮ | ୮୦ | ୪୪୮<br>୨୦୦୭ | ୦.୭୩<br>୧.୪୨ | ୦.୦୫<br>୦.୦୫ | ଡାହି ଏକ<br>ଶାରଦ ଜଳ ଏକ | ଜୁଇ ପାତ୍ର, ଶଇଳ ପାତ୍ର, ପି.– କରୁଣୀ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୯ | ୮୪ | ୧୭୮୯ | ୦.୦୬ | ୦.୦୧ | ଶାରଦ ଏକ | ଯୋଗେନ୍ଦ୍ର କୁମାର ଦାସ, ପି.– କଣ୍ଡ ଦାସ, ଜା: କୁଡୁମି, ବା: ନିଜଗାଁ | |
| ୨୦ | ୯୨ | ୨୦୨୯ | ୦.୯୮ | ୦.୦୬ | ଶାରଦ ଜଳ ଏକ | ଡମ୍ବରୁ ପାତ୍ର, ମନହର ପାତ୍ର, ପି.– ପରେନ୍ଦ୍ର ପାତ୍ର, କଇଁତା ପାତ୍ର, ପି.– ପରେନ୍ଦ୍ର ପାତ୍ର, କରମୁ ପାତ୍ର, ପି.– ଅନ୍ତୁ ପାତ୍ର, ଖଗେଶ୍ୱର ପାତ୍ର, ମିଲ ପାତ୍ର, ପି.– ସୁବନ ପାତ୍ର, ସୁଶିଳା ପାତ୍ର, ସ୍ୱା.– ସୁବନ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୨୧ | ୯୫ | ୨୦୩୫<br>୫୦୭/ ୨୫୯୪ | ୦.୧୬<br>୦.୧୮ | ୦.୧୨<br>୦.୦୫ | ଶାରଦ ଜଳ ଏକ<br>ଆଶୁ | ତ୍ରିନାଥ ମହାନ୍ତ, ପି.– ଭରତ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨ | ୯୭ | ୨୦୫୮ | ୨.୩୮ | ୦.୦୭ | ଶାରଦ ଜଳ ଏକ | ଦଲୁ ମହାନ୍ତ, ପି.– ବଣୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୩ | ୧୦୬ | ୨୦୮୭ | ୧.୪୬ | ୦.୦୭ | ଶାରଦ ଜଳ ଏକ | ଦୁର୍ଯ୍ୟୋଧନ ମହାନ୍ତ, ଶିବ ମହାନ୍ତ, ଦୀନବନ୍ଧୁ ମହାନ୍ତ, ଚୈତନ୍ୟ ମହାନ୍ତ, ପି.– ନାଲୁ ମହାନ୍ତ, ପ୍ରତାପ ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ବେଙ୍ଗ ମହାନ୍ତ, ପି.– ଛୋଟରାଏ ମହାନ୍ତ, ରୁକ ମହାନ୍ତ, ସ୍ୱା.– ଛୋଟରାଏ ମହାନ୍ତ, ଜା: କୁଡୁମି, ବା: ଯୋଗିଦେଉଳି | ଶିବ ମହାନ୍ତ ଅଂଶ ପକ୍ଷେ ଖ.ସୁ.ଦ ଦୀନବନ୍ଧୁ ମହାନ୍ତରେ ଦ.ନଂ. ୩୩୯ ତା୦୪।୦୩।୬୭, ବା: ସ୨୦୦/– |
| ୨୪ | ୧୧୪ | ୧୭୯୦ | ୦.୦୫ | ୦.୦୫ | ଶାରଦ ଏକ | ଧୂଳକଣ୍ଡ ମହାନ୍ତ, ପି.– ଅଙ୍କୁର ମହାନ୍ତ, ସୀତାରାମ ମହାନ୍ତ, ସ୍ୱା.– ଅଙ୍କୁର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୫ | ୧୧୫ | ୫୦୭/ ୨୫୯୩,<br>୫୦୭/ ୨୫୯୬ | ୦.୨୫<br>୦.୫୮ | ୦.୦୧<br>୦.୦୬ | ଘରବାରି<br>ଶାରଦ ଦୁଇ | ନନ୍ଦ କିଶୋର ମହାନ୍ତ, ପି.– ଭରତ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୬ | ୧୨୫ | ୨୦୦୦<br>୨୦୦୧ | ୦.୨୩<br>୦.୪୦ | ୦.୦୨<br>୦.୦୫ | ଶାରଦ ଏକ<br>ଶାରଦ ଜଳ ଏକ | ପଞ୍ଚାନନ ପଣ୍ଡା, ମହେନ୍ଦ୍ର କୁମାର ପଣ୍ଡା, ପି.– ଜଗବନ୍ଧୁ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୭ | ୧୩୫ | ୨୦୯୪ | ୦.୦୮ | ୦.୦୧ | ଶାରଦ ଜଳ ଏକ | ପ୍ରଫୁଲ୍ଲ କୁମାର ମହାନ୍ତ, ପି.– ମନବୋଧ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୮ | ୧୩୬ | ୫୧୬<br>୧୭୮୭<br>୧୭୯୫<br>୧୭୯୬<br>୨୦୧୯ | ୦.୮୭<br>୦.୧୦<br>୦.୦୯<br>୦.୧୩<br>୦.୧୪ | ୦.୧୫<br>୦.୦୪<br>୦.୦୨<br>୦.୦୨<br>୦.୦୯ | ଡାହି ଏକ<br>ଶାରଦ ଏକ<br>ଶାରଦ ଏକ<br>ଶାରଦ ଏକ<br>ଶାରଦ ଏକ | ପ୍ରଭାକର ମହାନ୍ତ, ପି.– କାଶିନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୯ | ୧୪୨ | ୨୧୬୦ | ୧.୫୬ | ୦.୦୭ | ଶାରଦ ଏକ | ପ୍ରଲାଦ ମହାନ୍ତ, ପି.– ଛୁଟୁଆ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୦ | ୧୪୫ | ୨୧୬୮ | ୦.୬୮ | ୦.୦୬ | ଶାରଦ ଏକ | ପାନ ମହାନ୍ତ, ଅଲି ମହାନ୍ତ, ପି.– ଛୁଟୁଆ ମହାନ୍ତ, ଜା: କୁଡୁମି, ବା: ବୁରଙ୍ଗ, ଥା: ଠାକୁରମୁଣ୍ଡା, ପାନ ମହାନ୍ତ, ଅଂଶ ପକ୍ଷେ ଖ.ସୁ.ଦ ରାମଚନ୍ଦ୍ର ମହାନ୍ତ, ପି.– ଭାଲୁ ମହାନ୍ତ, ବଳରାମ ମହାନ୍ତ, ପି.– ସମା ମହାନ୍ତ, ଜା: କୁଡୁମି, ବା: ସିମିଗାଁରେ ଦଲିଲ ନଂ. ୧୦୫୦ ତା୨୧।୦୯।୬୪ରେ ଜ: ୧୯୨୭/– | |
| ୩୧ | ୧୪୯ | ୫୦୩<br>୫୦୪ | ୦.୧୭<br>୦.୧୨ | ୦.୧୦<br>୦.୦୬ | ଡାହି ଏକ<br>ଡାହି ଏକ | ପ୍ରେମକଣ୍ଠ ମହାନ୍ତ, ଚିନ୍ତାମଣି ମହାନ୍ତ, ଅର୍ଜୁନ ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ, ପି.– ଶୈରାମ ଦାସ ମହାନ୍ତ, ଅଳତା ମହାନ୍ତ, ସ୍ୱା.– ଶୈରାମ ମହାନ୍ତ, ଯୋଗେନ୍ଦ୍ର ଦାସ, ପି.– କଣ୍ଠରାମ ଦାସ, କଳାବତି ଦାସ, ଅମରାବତୀ ଦାସ, ସ୍ୱା.– କଣ୍ଠରାମ ଦାସ, ଜା: କୁଡୁମି, ବା: ନିଜଗାଁ | |
| ୩୨ | ୧୫୩ | ୪୫୦ | ୦.୭୧ | ୦.୧୪ | ଡାହି ଏକ | ବ୍ରଜ ମୋହନ ମହାନ୍ତ, ମୋହନ ମହାନ୍ତ, କ୍ଷୀର ମହାନ୍ତ, ଦସୁଆ ମହାନ୍ତ, ଶଶୀ ମହାନ୍ତ, ପି.– ଭଗୁ ମହାନ୍ତ, ରଜନୀ ମହାନ୍ତ, ସ୍ୱା.– ଭଗୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୩ | ୧୫୫ | ୨୧୫୪ | ୧.୭୫ | ୦.୧୦ | ଶାରଦ ଏକ | ବାଉରୀବନ୍ଧୁ ମହାନ୍ତ, ପି.– ଗୋରା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୪ | ୧୭୨ | ୨୦୧୭ | ୦.୧୨ | ୦.୦୧ | ଶାରଦ ଏକ | ଭାସ୍କର ମହାନ୍ତ, ଧନେଶ୍ୱର ମହାନ୍ତ, ପଦ୍ମାବତୀ ମହାନ୍ତ, ବିମଳା ଦାସ ମହାନ୍ତ, ବନମାଳୀ ମହାନ୍ତ, କଣ୍ଠ ମହାନ୍ତ, ପି.– ଠାକୁରା ଦାସ ମହାନ୍ତ, କୁନ୍ଦର ମହାନ୍ତ, ସ୍ୱା.– ଠାକୁର ଦାସ ମହାନ୍ତ, ରାମ ଚନ୍ଦ୍ର ମହାନ୍ତ, ତ୍ରିଲୋଚନ ମହାନ୍ତ, ପଞ୍ଚାନନ ମହାନ୍ତ, ପି.– କଲ୍ୟାଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୫ | ୧୭୩ | ୩୭୮ | ୧.୦୭ | ୦.୨୮ | ଡାହି ଏକ | ମଙ୍ଗି ଲାଲ ଅଗ୍ରୱାଲା, ପି.– ରାମ ସୁକଦାସ ଅଗୱାଲା, ଜା: ବୈଶ୍ୟ, ବା: ଗିରିମା | |
| ୩୬ | ୧୭୬ | ୨୦୪୬ | ୦.୫୬ | ୦.୦୮ | ଶାରଦ ଜଳ ଏକ | ମଧୁସୂଦନ ମହାନ୍ତ, ଭାଗିରଥି ମହାନ୍ତ, ପି.– ଅର୍ଜୁନ ମହାନ୍ତ, ଜା: କୁଡୁମି, ବା: କରଡ଼ିଆ | |
| ୩୭ | ୧୮୦ | ୧୭୫୦<br>୧୭୩୩ | ୦.୪୭<br>୦.୩୨ | ୦.୧୪<br>୦.୧୫ | ଶାରଦ ଦୁଇ<br>ଶାରଦ ଜଳ ଏକ | ମହେନ୍ଦ୍ର ନାଥ ମହାନ୍ତ, ଯାତ୍ରୀ ମହାନ୍ତ, ହୀରା ମହାନ୍ତ, ମୁଣ୍ଡରୀ ମହାନ୍ତ, ପି.– ଚରଣ ମହାନ୍ତ, ଯୋତାନୀ ମହାନ୍ତ, ସ୍ୱା.– ଚରଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୮ | ୧୯୦ | ୪୬୬ | ୦.୨୬ | ୦.୦୫ | ଡାହି ଏକ | ରମେଶ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, କୈଶଲ୍ୟା ମହାନ୍ତ, ପି.– ମନବୋଧ ମହାନ୍ତ, ଶରଧା ମହାନ୍ତ, ସ୍ୱା.– ମନବୋଧ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୯ | ୨୦୦ | ୨୦୮୨ | ୦.୩୧ | ୦.୦୩ | ଶାରଦ ଜଳ ଏକ | ରୂପା ମହାନ୍ତ, ପି.– ଡମନ ମହାନ୍ତ, ଜା: କୁଡୁମି, ବା: ଝାଉବେଡ଼ା | |
| ୪୦ | ୨୦୩ | ୪୮୧ | ୧.୭୪ | ୦.୩୨ | ଡାହି ଏକ | ଶଚିନ୍ଦ୍ର ନାରାୟଣ ଦାସ, ବିରେନ୍ଦ୍ର ନାରାୟଣ ଦାସ, ପି.– ଶିରୀଷ ଚନ୍ଦ୍ର ଦାସ, ଜା: କରଣ, ବା: ପଳାସିଆ | |
| ୪୧ | ୨୦୫ | ୨୦୦୮ | ୦.୬୫ | ୦.୦୫ | ଶାରଦ ଏକ | ଶତ୍ରୁଘ୍ନ ମହାନ୍ତ, ପି.– ହୀରା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୨ | ୨୦୮ | ୧୭୪୯<br>୨୦୬୮ | ୦.୦୮<br>୦.୪୩ | ୦.୦୫<br>୦.୧୨ | ଶାରଦ ଦୁଇ<br>ଶାରଦ ଜଳ ଏକ | ଶମ୍ଭୁ ମହାନ୍ତ, ଝରି ମହାନ୍ତ, ପି.– ଜାଗା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୩ | ୨୧୬ | ୨୧୩୩ | ୦.୦୪ | ୦.୦୧ | ଶାରଦ ଏକ | ଶାମ ସାହୁ, ପି.– ପଦନ ସାହୁ, ଜା: ତେଲି, ବା: ଗିରିମା | |
| ୪୪ | ୨୧୭ | ୨୦୮୪ | ୨.୨୪ | ୦.୦୮ | ଶାରଦ ଜଳ ଏକ | ଶ୍ୟାମ ସୁନ୍ଦର ସାହୁ, କ୍ଷିତିଶ ଚନ୍ଦ୍ର ସାହୁ, ସୁଶୀଲ ଚନ୍ଦ୍ର ସାହୁ, ପି.– ପଦ୍ମଲୋଚନ ସାହୁ, ଜା: କୁବେର, ବା: ଗିରିମା | |
| ୪୫ | ୨୧୯ | ୧୭୮୫<br>୫୦୭/ ୨୫୯୮ | ୦.୦୮<br>୦.୫୨ | ୦.୦୩<br>୦.୦୩ | ଶାରଦ ଏକ<br>ଆଶୁ | ଶ୍ୟାମସୁନ୍ଦର ମହାନ୍ତ, ପି.– ଭରତ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୬ | ୨୨୧ | ୫୦୦<br>୨୦୧୮ | ୦.୪୬<br>୦.୦୪ | ୦.୦୩<br>୦.୦୪ | ଡାହି ଏକ<br>ଶାରଦ ଏକ | ଶିବନାଥ ମହାନ୍ତ, ପି.– କାର୍ତ୍ତିକ ମହାନ୍ତ, କୁଞ୍ଜ ମହାନ୍ତ, ପି.– ଗୋବିନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୭ | ୨୨୬ | ୨୦୫୬ | ୦.୮୩ | ୦.୦୭ | ଶାରଦ ଏକ | ସୁଗ୍ରୀବ ମହାନ୍ତ, ପି.– ହାରାଧନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୮ | ୨୨୮ | ୩୭୭<br>୨୦୨୮ | ୨.୩୯<br>୧.୫୩ | ୦.୨୪<br>୦.୦୬ | ଡାହି ଏକ<br>ଶାରଦ ଜଳ ଏକ | ସୁଦର୍ଶନ ପାତ୍ର, ପି.– ଭକ୍ତ ପାତ୍ର, ଆନନ୍ଦ ପାତ୍ର, କୈଳାସ ପାତ୍ର, ରାହାଶ ପାତ୍ର, ପି.– ଜଗତ ପାତ୍ର, ଜା: ପାଣ, ବା: ନିଜଗାଁ | ସୁଦର୍ଶନ ପାତ୍ର ଅଂଶେ ପକ୍ଷେ ଖ.ସୁ.ଦ ଆରଦମଣି ମହାନ୍ତି, ସ୍ୱା.– ପ୍ରାଣକୃଷ୍ଣ ମହାନ୍ତି, ଜା: କରଣ, ବା: କାକଟପୁର, ଜି: କଟକ ରେ, ଦ ନଂ. ୧୦୩୨, ତା୧୯।୦୪।୬୪, ଟ.୧୬୬୦/– |
| ୪୯ | ୨୩୨ | ୪୬୫ | ୦.୧୫ | ୦.୦୩ | ଡାହି ଏକ | ସୁରେନ୍ଦ୍ର ମହାନ୍ତ, ପି.– ଶ୍ୟାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୫୦ | ୨୩୬ | ୨୦୫୧ | ୦.୬୬ | ୦.୦୭ | ଶାରଦ ଏକ | ସୁଶିଲ ଚନ୍ଦ୍ର ମହାନ୍ତ, ପି.– ଅର୍ଜୁନ ମହାନ୍ତ, ଯଦୁମଣି ମହାନ୍ତ, ପି.– ରଘୁନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୫୧ | ୨୩୮ | ୧୮୦୩<br>୨୧୩୧ | ୦.୧୩<br>୦.୧୧ | ୦.୦୪<br>୦.୦୭ | ଶାରଦ ଏକ<br>ଶାରଦ ଏକ | ହରି ମହାନ୍ତ, ଝରି ମହାନ୍ତ, ରାମ ମହାନ୍ତ, ଗୌତମ ମହାନ୍ତ, ପି.– ଜିତୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୫୨ | ୨୪୪ | ୨୦୨୫ | ୧.୮୦ | ୦.୦୬ | ଶାରଦ ଜଳ ଏକ | ଶ୍ରୀଖିଚିଂ ଠାକୁରାଣୀ ବିଜେ ନିଜଗାଁ ମାଫତ ଧର ଦେହୁରି, କ୍ଷେତ୍ର ଦେହୁରି, ଚଲୁ ଦେହୁରି, ଲକ୍ଷ୍ମୀଧର ଦେହୁରି, ପି.– ଶମ୍ଭୁ ଦେହୁରି, ଜା: ବାଥୁଡ଼ି, ବା: ନିଜଗାଁ | |
| ୫୩ | ୨୪୩/ ୩୧ | ୧୭୪୪ | ୦.୫୪ | ୦.୦୯ | ଆଶୁ | ଦୟାନିଧି ମହାନ୍ତ, ପି.– ମଦନ ମହାନ୍ତ, ଜା: କୁଡୁମି କ୍ଷେତ୍ରୀୟ, ବା: ଝାରବେଡ଼ା | |
| ୫୪ | ୨୪୩/ ୫୭ | ୧୮୧୦/ ୨୭୩ | ୦.୨୦ | ୦.୦୫ | ଶାରଦ ଏକ | ରାଣୀମଣି ନାଏକ, ସ୍ୱା.– ସୁରେନ୍ଦ୍ର ନାଥ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୫୫ | ୨୪୩/ ୭୯ | ୨୧୨୦<br>୨୧୩୦ | ୦.୨୫<br>୦.୧୧ | ୦.୦୫<br>୦.୦୫ | ଶାରଦ ଜଳ ଏକ<br>ଶାରଦ ଜଳ ଏକ | ଶାନ୍ତିଲତା ମହାନ୍ତ, ସ୍ୱା./– କାନ୍ତ ଚନ୍ଦ୍ର ମହାନ୍ତ, ପଦ୍ମିନି ମହାନ୍ତ, ସ୍ୱା.– ନିରଞ୍ଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୫୬ | ୨୪୩/ ୮୯ | ୧୭୮୮<br>୨୦୨୬ | ୦.୧୮<br>୩.୪୩ | ୦.୦୪<br>୦.୧୨ | ଶାରଦ ଏକ<br>ଶାରଦ ଏକ | ରସିକେଶ୍ୱର ମହାଦେବ ବିଜେ ନିଜଗାଁ, ମା– ପଞ୍ଚାନନ ପଣ୍ଡା, ମହେନ୍ଦ୍ର ପଣ୍ଡା, ପି.– ଜଗବନ୍ଧୁ ପଣ୍ଡା, ଜା: ବ୍ରାହ୍ମଣ, ବା: ରସମତଳା | |
| ୫୭ | ୨୪୩/ ୯୦ | ୨୦୯୩ | ୦.୧୧ | ୦.୦୫ | ଶାରଦ ଏକ | ଦୁର୍ଯ୍ୟୋଧନ ମହାନ୍ତ, ପି.– କୃପାସିନ୍ଧୁ ମହାନ୍ତ, ଜା: କୁଡୁମି, ବା: ରସମତଳା | |
| ୫୮ | ୨୪୩/ ୯୧ | ୪୯୫ | ୦.୩୨ | ୦.୧୬ | ଡାହି ଏକ | ବୀଣା ମହାନ୍ତ, ସ୍ୱା.– ପରମାନନ୍ଦ ମହାନ୍ତ, ଶଶିଧର ମହାନ୍ତ, ଦେବଶଙ୍କର ମହାନ୍ତ, ପି.– ପରମାନନ୍ଦ, ଜା: କୁଡୁମି, ବା: ରସମତଳା | |
| ୫୯ | ୨୪୩/ ୯୪ | ୨୧୬୧ | ୦.୧୦ | ୦.୦୭ | ଶାରଦ ଏକ | ଭଗବତୀ ମହାନ୍ତ, ସ୍ୱା.– ରାଜେନ୍ଦ୍ର ମହାନ୍ତ, ରମାକାନ୍ତ ମହାନ୍ତ, ପି.– ରାଜେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ରସମତଳା | |
| ୬୦ | ୨୪୩/ ୧୧୦ | ୪୯୯/ ୨୯୬୭ | ୦.୦୬ | ୦.୦୬ | ଡାହି ଏକ | ଜେମାମଣି ମହାନ୍ତ, ସ୍ୱା.– ହେମନ୍ତ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୬୧ | ୨୪୩/ ୧୨୧ | ୪୯୯/ ୨୯୭୫ | ୦.୦୬ | ୦.୦୧ | ଡାହି ଏକ | ଆରଏମ ହୃଦାନନ୍ଦ ମହାନ୍ତ, ପି.– ରବୀନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୬୨ | ୨୪୩/ ୨୦୫ | ୪୮୨/ ୩୦୪୫ | ୦.୮୦ | ୦.୨୨ | ଡାହି ଏକ | ଗଣେଶ ଲାଲ ସ୍ୱାଇଁ, ପି.– ବଳରାମ ସ୍ୱାଇଁ, ଜା: ଖଣ୍ଡାୟତ, ବା: ଅଙ୍କୁରା | |
| ୬୩ | ୨୪୩/ ୧୪୨ | ୪୪୯ | ୧.୬୭ | ୦.୩୦ | ଡାହି ଏକ | ବନମାଳି ଓରଫ ଦେବେନ୍ଦ୍ର ନାରାୟଣ ପୁଷ୍ଟି, ବାଞ୍ଛାନିଧି ପୁଷ୍ଟି, ପି.– ବିରଞ୍ଚି ନାରାୟଣ ପୁଷ୍ଟି, ଜା: ତେଲି, ବା: କରଞ୍ଜିଆ | |
| | | ମୋଟ | ୫୫.୬୨ | ୬.୪୬ | | | |

OIPR-24001/14/0072/2021

**ମାଙ୍କଡ଼ା ଖଣିରେ ଚଢ଼ାଉ, ୧୩ ଗାଡ଼ି ଜବତ**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରୁ ଜାତୀୟ ରାଜପଥରେ ଦୈନିକ ଶହ ଶହ ଟ୍ରକ୍ ମାଙ୍କଡ଼ା ପଥର ଓ ମୋରମ ବାହାରକୁ ଚୋରା ଚାଲାଣ କରାଯାଉଛି। ଗୁରୁବାର ଜିଲାପାଳ ସନତ୍ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉବେଳେ ୬ଟି ଟ୍ରକ୍, ଗୋଟିଏ ଟ୍ରାକ୍ଟର ଓ ମାଙ୍କଡ଼ା ପଥର କଟାରେ ନିୟୋଜିତ ୬ଟି ପାୱାର ଟିଲର ଜବତ୍ କରାଯାଇଥିବା ଜିଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଆଗାମୀ ଦିନରେ ଏହି ଚଢ଼ାଉ ଜାରି ରହିବ ବୋଲି ଜିଲାପାଳ ମହାନ୍ତି କହିଛନ୍ତି।

## ସଂକ୍ଷେପରେ

### ଓଡ଼ିଶାରେ ଔଷଧ, ମେଡିକାଲ ଯନ୍ତ୍ରାଂଶ ପାର୍କ ପାଇଁ କେନ୍ଦ୍ରର ପ୍ରସ୍ତାବ

**ଭୁବନେଶ୍ୱର, ୬।୮(ବ୍ୟୁରୋ):** ରାଜ୍ୟରେ ଔଷଧ ଶିଳ୍ପ ପାର୍କ ଓ ମେଡିକାଲ ଯନ୍ତ୍ରାଂଶ ପାର୍କ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶା ପୁଞ୍ଜିନିବେଶର ଅନ୍ୟତମ ପ୍ରକୃଷ୍ଟ ସ୍ଥାନ। ଏଠାରେ ମେକ୍ ଇନ୍ ଇଣ୍ଡିଆର ପ୍ରୋତ୍ସାହନ ଲାଗି ବ୍ୟାପକ ସୁଯୋଗ ରହିଥିବାରୁ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏଭଳି ପ୍ରସ୍ତାବ ଦିଆଯାଇଛି। ଦେଶରେ ୩ଟି ଔଷଧ ପାର୍କ ଓ ୪ଟି ମେଡିକାଲ ଯନ୍ତ୍ରାଂଶ ପାର୍କ ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଔଷଧ ପାର୍କ ପାଇଁ ରାଜ୍ୟଗୁଡ଼ିକୁ ୧୦୦୦ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯିବ। ୩ଟି ରାଜ୍ୟକୁ ଔଷଧ ପାର୍କ ପ୍ରତିଷ୍ଠା ଲାଗି ଏହି ଅର୍ଥ ଦିଆଯିବ। ସେହିଭଳି ମେଡିକାଲ ଯନ୍ତ୍ରାଂଶ ପାର୍କ ପ୍ରତିଷ୍ଠା ଲାଗି ରାଜ୍ୟଗୁଡ଼ିକକୁ ୧୦୦ କୋଟି ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ଏଭଳି ପାର୍କ ପ୍ରତିଷ୍ଠା ଯୋଜନାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଶିଳ୍ପ ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଛି, ଯେଉଁଠାରେ ଅଳ୍ପ ଖର୍ଚ୍ଚରେ ଉନ୍ନତମାନର ସାମଗ୍ରୀ ଉତ୍ପାଦନ ହୋଇପାରିବ। ଏଥିପାଇଁ ଆବଶ୍ୟକ ପଡୁଥିବା ବିଭିନ୍ନ ଭିତ୍ତିଭୂମି ଯଥା ପରୀକ୍ଷାଗାର ଏବଂ ଗୋଟିଏ ସ୍ଥାନରେ ଅନ୍ୟାନ୍ୟ ସୁବିଧା ଆଦି ରାଜ୍ୟ ସରକାର ଯୋଗାଇଦେବେ।

### ରାୟଗଡ଼ାରେ ହେବ ୫୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ଚିକିତ୍ସାକେନ୍ଦ୍ର

**ଭୁବନେଶ୍ୱର, ୬।୮(ବ୍ୟୁରୋ):** ରାୟଗଡ଼ା ଜିଲାରେ ୧୧୭୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୬୯୦ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟମାନେ ଚିକିତ୍ସିତ ଅଛନ୍ତି। ଜିଲାରେ ଦୈନିକ ୧୫୦ରୁ ୨୦୦ ନମୁନା ପରୀକ୍ଷା କରାଯାଉଛି। କରୋନା ଆକ୍ରାନ୍ତଙ୍କ ଏବେ ୧୪୧୩ ଶଯ୍ୟା ଉପଲବ୍ଧ ରହିଛି। ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଏହାକୁ ୧୬୦୦ ଶଯ୍ୟାକୁ ବୃଦ୍ଧି କରାଯିବ। ଜିଲାରେ ଖୁବ୍‌ଶୀଘ୍ର ଏକ ୫୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ଚିକିତ୍ସା କେନ୍ଦ୍ର ପ୍ରସ୍ତୁତ କରାଯିବ ବୋଲି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ସୂଚନା ଦେଇଛନ୍ତି। କୋଭିଡ୍ ପରିଚାଳନା ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଗୁରୁବାର ଦାସବର୍ମା ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଏବଂ ସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସରେ ବିସ୍ତୃତ ଆଲୋଚନା କରିଛନ୍ତି। ଏସ୍‌ସିଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଆଲୋଚନାରେ ଅଂଶଗ୍ରହଣ କରିବା ସହ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ।

### ବାରଙ୍ଗରେ ୮୭ ଆଣ୍ଟିଜେନ ଟେଷ୍ଟ

**ନରାଜ,୬।୮(ଡି.ଏନ୍.ଏ.):** କଟକ ଜିଲା ବାରଙ୍ଗ ବ୍ଲକରେ ଗୁରୁବାର ପ୍ରଥମଥର ପାଇଁ ଆଣ୍ଟିଜେନ ପରୀକ୍ଷା ହୋଇଛି । ବ୍ଲକର ବିଭିନ୍ନ ପଞ୍ଚାୟତରୁ ପଜିଟିଭ ଚିହ୍ନଟ ହେବାପରେ ସେମାନଙ୍କ ସଂସ୍ପର୍ଶରେ ଆସି ହୋମ୍ କ୍ୱାରାଣ୍ଟାଇନରେ ଥିବା ୮୭ ଜଣଙ୍କ ଏହି ପରୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ଲକର ଦାଢ଼ାପାଟଣା, ନରାଜ, ମାର୍ଥାପୁର ଓ ଶ୍ରୀବନ୍ତପୁର ଆଦି ପଞ୍ଚାୟତରୁ ଆସିଥିବା ସନ୍ଦିଗ୍ଧଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିଲା ବୋଲି ବିଡିଓ ପ୍ରଭାକର ପଣ୍ଡା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହୀଧରପଡା ମେଡିକାଲ ଅଫିସର, ସ୍ୱାସ୍ଥ୍ୟବିଭାଗ ଟିମ୍ ଓ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଏବେ ବି ତନ୍ତ ବନ୍ଦ, ବୁଣାକାରଙ୍କ ହାତ ବନ୍ଦ

**ଭୁବନେଶ୍ୱର, ୬।୮(ବ୍ୟୁରୋ)**



**ସଙ୍କଟରେ ହସ୍ତତନ୍ତ ବ୍ୟବସାୟ**

- ବିକ୍ରି ହୋଇ ନ ପାରି ପଡ଼ି ରହିଛି ସାମଗ୍ରୀ
- ମିଳୁନି କଞ୍ଚାମାଲ, ଭବିଷ୍ୟତ ଚିନ୍ତାରେ ବୁଣାକାର ପରିବାର

କରୋନା ଆଣିଛି ସଂକଟ। ଏବେ କଟକଣା କୋହଳ ହୋଇଥିଲେ ମଧ୍ୟ ହସ୍ତତନ୍ତ ବ୍ୟବସାୟ ପାଇଁ ଆନୁକୂଳ ବାତାବରଣ ସୃଷ୍ଟି ହୋଇ ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ହଜାର ହଜାର ବୁଣାକାର ପରିବାରରେ ଭାଳେଣି ପଡ଼ିଛି। ଲୁଗା ବୁଣି ପେଟ ପୋଷୁଥିବା ଲକ୍ଷଲକ୍ଷ ବୁଣାକାର ଉପବାସରେ ରହୁଛନ୍ତି। ସେପଟେ ପୁରୁଣା ସାମଗ୍ରୀ ବିକ୍ରି ହୋଇ ନ ପାରି ପଡ଼ି ରହିଥିବାବେଳେ ଏପଟେ ନୂଆ ଉତ୍ପାଦ ପାଇଁ କଞ୍ଚାମାଲ ମିଳୁନି। ଫଳରେ ବୁଣାକାରମାନେ ହାତବାନ୍ଧି ବସି ରହି ଭବିଷ୍ୟତ ଚିନ୍ତାରେ ଘାରି ହେଉଛନ୍ତି। ଗତବର୍ଷ ବାତ୍ୟା ଫନୀରେ ବେଉସା ଉଜୁଡି ଯାଇଥିବାବେଳେ ଏବେ କରୋନାରେ ସେମାନଙ୍କ ଜୀବନଜୀବିକା ସମ୍ପୂର୍ଣ୍ଣ ବିପନ୍ନ ହୋଇଯାଇଛି।

ରାଜ୍ୟରେ ବର୍ତ୍ତମାନ ୪୦,୬୮୩ ପଞ୍ଜୀକୃତ ବୁଣାକାର ପରିବାର ଅଛନ୍ତି। ୧ଲକ୍ଷ ୨୨ହଜାର ୩୩୫ ବୁଣାକାର ହସ୍ତତନ୍ତ କ୍ଷେତ୍ରରେ ନିଜକୁ ନିୟୋଜିତ କରି ଜୀବିକା ନିର୍ବାହ କରୁଛନ୍ତି। କରୋନା କଟକଣା ପାଇଁ ରାଜ୍ୟର ୪୩,୬୧୨ ତନ୍ତ ଏବେ ବନ୍ଦ ରହିଛି। ବୁଣାକାରମାନେ ହାତବାନ୍ଧି ବସିଥିବାରୁ ପରିବାରରେ ଆର୍ଥିକ ସମସ୍ୟା ଜଟିଳ ରୂପ ଧାରଣ କରିଛି। କେବେ ବଜାର ସୁଧୁରିବ ତାହା ମଧ୍ୟ କହି ହେଉନି। ସେମାନଙ୍କ ସାମଗ୍ରୀର ବିକ୍ରିବଟା ପାଇଁ ନାଁ ଅଛି ଇ-ମାର୍କେଟିଂ ଅବା ପଡୁଛି ମେଳା ମହୋତ୍ସବ। ପର୍ଯ୍ୟଟକଙ୍କ ଆଗମନଠାରୁ ଆରମ୍ଭ କରି ସବୁକିଛି ବନ୍ଦ କରିଦେଇଛି କରୋନା। କଞ୍ଚାମାଲ କିଣିବା ପାଇଁ ମଧ୍ୟ ବୁଣାକାରଙ୍କ ସାମର୍ଥ୍ୟ ପାଉନି। ଫନୀ ବାତ୍ୟା ପରେ କ୍ଷତିପୂରଣ ବାବଦକୁ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିବା ୧୭.୪୧ କୋଟି ସହାୟତା ଏପର୍ଯ୍ୟନ୍ତ ମିଳିପାରିନି। ଏପରି ସ୍ଥଳେ ଏବେ ରାଜ୍ୟ ସରକାର ଘୋଷଣା କରିଥିବା କରୋନା ପ୍ୟାକେଜ୍‌ରେ ମଧ୍ୟ ସେମାନଙ୍କ ପାଇଁ ସେମିତି କିଛି ବ୍ୟବସ୍ଥା କରାଯାଇ ନ ଥିବାରୁ ଚିନ୍ତା ବଢ଼ିଛି। ଏଭଳି ସମସ୍ୟା ଭିତରେ ବୁଡ଼ି ରହି ଅନେକ ନିଜର କୌଳିକ ବୃତ୍ତି ଛାଡ଼ିଥିବାବେଳେ ଆଗକୁ ଆହୁରି ଅନେକ ବୁଣାକାର ଅନ୍ୟ ବୃତ୍ତିକୁ ଆପଣାବା ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା ରାଜ୍ୟର ଶିଳ୍ପୀ ଓ ବୁଣାକାରଙ୍କ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା ନିମନ୍ତେ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ସମ୍ପାଦକ ପ୍ରିୟରଞ୍ଜନ କର ଦାବି କରିଛନ୍ତି।

ଅନ୍ୟପକ୍ଷରେ ହସ୍ତତନ୍ତ ଉପରେ କାର୍ଯ୍ୟ କରୁଥିବା ଫ୍ୟାଶନ ଡିଜାଇନର ପଙ୍କଜା ସେଠୀ କହିଛନ୍ତି, ଲକ୍‌ଡାଉନ୍‌ରେ କ'ଣ ହେବ କେହି ଜାଣି ନ ଥିଲେ। ମାଲ୍ ମିଳିବା କଷ୍ଟ ହେବା ସହ ଯେଉଁ ଉତ୍ପାଦ ପୂର୍ବରୁ ଥିଲା ତାକୁ ବିକ୍ରି କରିବାରେ ଅସୁବିଧା ହେଲା। ବୁଣାକାରମାନେ ଭାବି ପାରୁ ନ ଥିଲେ କ'ଣ କରିବେ, କ'ଣ ନ କରିବେ। ସେମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଲା। କାରଣ ସେମାନେ ମଧ୍ୟ ଦିନ ମଜୁରିଆ ସହିତ ସମାନ। ବୁଣାକରଟିଏ ଶାଢ଼ୀଟିଏ ବୁଣି ବିକ୍ରି କରିବା ପରେ ପେଟକୁ ଦାନା ଯୋଗାଡ଼ କରେ। କିନ୍ତୁ କରୋନା ସେମାନଙ୍କ ଜୀବନରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଦେଲା। ବର୍ତ୍ତମାନ ଯଦିଓ ସ୍ଥିତିରେ ସୁଧାର ଆସୁଛି, ତଥାପି ସମସ୍ୟା ଟଳିନାହିଁ। ଏବେ ମାତ୍ର ଏକ ପ୍ରତିଶତ ସୁଧାର ଆସିଛି ବୋଲି ମୁଁ ଭାବୁଛି। ଏବେବି ବୁଣାକାର ପାଖରେ ତା'ର ଷ୍ଟକ୍ ପଡ଼ି ରହିଛି। ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେବା ଉଚିତ୍ ବୋଲି ସେ କହିଛନ୍ତି।

### କୋଣାର୍କ ଚତୁଃପାର୍ଶ୍ୱ ହେବ ସୌନ୍ଦର୍ଯ୍ୟକରଣ

**କୋଣାର୍କ,୬।୮(ଡି.ଏନ.ଏ)**

କୋଣାର୍କ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ରାଜ୍ୟ ସରକାର ହାତକୁ ନେଇଛନ୍ତି। ଏ ନେଇ ଗୁରୁବାର ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଓବିସିସି (ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେଶନ ଲିଃ) ପ୍ରତିନିଧି ଦଳ, ଏନଏସି ନୋଡାଲ ଅଫିସର ଭାଗୀରଥି ବରାଳ, ଆରଆଇ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ସୂର୍ଯ୍ୟମନ୍ଦିର ଆଗରୁ ରିଂରୋଡ, ଆଇଓଏଫ ବସ ପାର୍କିଂସ୍ଥଳ ଆଦି ବୁଲି ଦେଖିଥିଲେ। ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯିବ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରଥମେ ପ୍ରସ୍ତାବିତ ନୂଆ ୬ଲେନ ବିଶିଷ୍ଟ ରିଂରୋଡ ଓ ପାର୍କ ପାଇଁ କାର୍ଯ୍ୟ ଆରମ୍ଭ ହେବ। ସୂର୍ଯ୍ୟମନ୍ଦିର ମୁଖ୍ୟ ପ୍ରବେଶ ପଥରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇ ଅନ୍ୟତ୍ର ଥଇଥାନ କରାଯିବ। ସୂର୍ଯ୍ୟମନ୍ଦିର ଆଗରୁ ରିଂରୋଡ ପାର୍ଶ୍ୱ ଓ ମେଡିକାଲ ଛକ ଦେଇ ନବଗ୍ରହ ରାସ୍ତା ସମ୍ମୁଖରେ ମିଶିବ। ଜବରଦଖଲ ମୁକ୍ତ ପରେ ନିର୍ମାଣ କାର୍ଯ୍ୟ ଚାଲିବ।

# ଏମ୍‌ସରେ ପଦବୀ ଖାଲି, ବହୁ ମେଶିନ ଅଚଳ



**ଭୁବନେଶ୍ୱର,୬।୮ (ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍‌ସ)କୁ ପ୍ରତିଦିନ ଓଡ଼ିଶା ତଥା ପଡୋଶୀ ରାଜ୍ୟରୁ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଅଧିକାଂଶ ଜରୁରିକାଳୀନ ଚିକିତ୍ସା ଆଶାରେ ଏହି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଆସିଥାନ୍ତି। ହେଲେ ଏଠାରେ ଆବଶ୍ୟକ ଡାକ୍ତର, କର୍ମଚାରୀ ଓ ଚିକିତ୍ସା ଉପକରଣ ନ ଥିବାରୁ ଉତ୍ତମ ଚିକିତ୍ସା ବଦଳରେ ରୋଗୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଯାଉଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ମାନବାଧିକାର କର୍ମୀ ଅଖଣ୍ଡଙ୍କୁ ମିଳିଥିବା ଉକ୍ତ ତଥ୍ୟ ଅନୁସାରେ, ଏମ୍‌ସରେ ପ୍ରାୟ ଅଧା ପଦବୀ ଖାଲି ପଡ଼ିଛି। ଜରୁରିକାଳୀନ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ବହୁ ଉପକରଣ ଓ ଜୀବନ ରକ୍ଷାକାରୀ ମେଶିନ ସ୍ଥାପନ କରାଯିବାଠାରୁ ଅଚଳ ହୋଇ ରହିଛି। ୨୦୧୭-୧୮ ମଧ୍ୟରେ ପ୍ରାୟ ୬ ଲକ୍ଷ ୫୪ ହଜାର ୭୦୩ ରୋଗୀ ଏମ୍‌ସକୁ ଆସିଛନ୍ତି। ୨୦୧୮-୧୯ ଏହାଠାରୁ ଦୁଇଗୁଣ ଅଧିକ ଅର୍ଥାତ୍ ରେକର୍ଡ ସଂଖ୍ୟା ରୋଗୀ ଆସିଥିବାବେଳେ ୨୦ହଜାର ୧୭୯ ଗୁରୁତର ରୋଗୀ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ହେଲେ ମୋଟ ଅନୁମୋଦିତ ୩୦୫ ଡାକ୍ତରୀ ପଦବୀ ମଧ୍ୟରୁ ୩୭.୩୭ ପ୍ରତିଶତ ବା ୧୧୪ଟି ଖାଲି ପଡ଼ିଛି। ସେହିପରି ନିୟମିତ, ଚୁକ୍ତିଭିତ୍ତିକ ଓ ଡେପୁଟେଶନ ପୋଷ୍ଟ ସହିତ ପ୍ରାୟ ୪୯ ପ୍ରତିଶତ ଅନ୍ୟାନ୍ୟ ପଦବୀ ଯଥା ଖାଉଦାର ଓ ପାରାମେଡିକାଲ ପଦବୀ ଖାଲି ପଡ଼ିଛି। ମୋଟ ୩ହଜାର ୭୭୬ ଅନୁମୋଦିତ ପଦବୀରୁ ୧ହଜାର ୮୬୪ରେ ନିଯୁକ୍ତି ନ ଥିବାରୁ ଚିକିତ୍ସା ସେବାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ହୃଦ୍‌ଘାତ ରୋଗୀଙ୍କୁ ମରଣମୁହଁରୁ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଡେଫିବ୍ରିଲାଟର ଭଳି କେତେକ ଜୀବନ ରକ୍ଷାକାରୀ ମେଶିନ ଦୀର୍ଘଦିନ ହେବ ଅଚଳ ହୋଇପଡିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି।

ଏ ସମ୍ପର୍କରେ ଏମ୍‌ସ ନିର୍ଦ୍ଦେଶିକା ଗୀତାଞ୍ଜଳୀ ବ୍ରହ୍ମ କୁହନ୍ତି, ଖାଲି ଥିବା ପଦବୀ ପୂରଣ ପାଇଁ ବିଜ୍ଞାପନ ଦିଆଯାଉଛି। କିନ୍ତୁ ଅଧିକାଂଶ ସଂରକ୍ଷିତ ଥିବାରୁ କମ୍ ସଂଖ୍ୟକ ଆବେଦନ ହେଉଛି। ତଥାପି ଖୁବ୍‌ଶୀଘ୍ର ପୂରଣ ପାଇଁ ଚେଷ୍ଟା କରୁଛୁ। ଅନ୍ୟପକ୍ଷରେ କିଛି ମେଶିନ ଖରାପ ରହିଛି। ହେଲେ ଆମ ପାଖରେ ବହୁତ ଅତିରିକ୍ତ ମେଶିନ ରହିଥିବାରୁ ଚିକିତ୍ସାରେ ଏହାର ପ୍ରଭାବ ପଡୁନି। ଖରାପ ମେଶିନ ସଜାଡ଼ିବାକୁ ମଧ୍ୟ ଟେଣ୍ଡର ଦେଇଛୁ। ଆଶା କରୁଛୁ, ଆଗାମୀ ଦିନରେ ସବୁକିଛି ଠିକ୍ ହୋଇଯିବ ବୋଲି ସେ କହିଛନ୍ତି।

### ଏଥର ପରେଡରେ ଭାଗନେବେନି ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୬।୮**

ଖୋର୍ଦ୍ଧା ଜିଲା ସଦର ମହକୁମାରେ ସ୍ୱାଧୀନତା ଦିବସ ପାଳନ ପାଇଁ ଗୁରୁବାର ଜିଲାପାଳ ସନତ୍ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଯୋଗଦେଇ କହିଥିଲେ, କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସ୍ୱାଧୀନତା ଦିବସ ପାଳନ କରାଯିବ। ପ୍ରାତଃ ସାଢ଼େ ୪ଟାରେ ଖୋର୍ଦ୍ଧା ପୌରାଞ୍ଚଳରେ ଡାକବାଜି ଯନ୍ତ୍ରରେ ରାମଧୁନ ପରିବେଷଣ କରାଯିବ। ସକାଳ ୭ଟାରେ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ସାଢେ ୭ଟା ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରାଯିବ। ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚବିଦ୍ୟାଳୟ ଖେଳପଡିଆରେ ସକାଳ ୯ଟା ୧୫ରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ପାଳନ ହେବ। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପରେଡରେ କୌଣସି ସ୍କୁଲ, କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ନାହିଁ। କେବଳ ପୋଲିସ ବାହିନୀ ଅଂଶଗ୍ରହଣ କରିବେ। ବିଭିନ୍ନ ବିଭାଗ ପକ୍ଷରୁ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଆୟୋଜନ ଲାଗି ଆଲୋଚନା ହୋଇଥିଲା। ବୈଠକରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ ଅଶୋକ ବେହୁରିଆ, ସଦର ଡିଏସ୍‌ପି ସୁଶୀଲ କୁମାର ମିଶ୍ର, ଖୋର୍ଦ୍ଧା ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ଟାଉନ୍ ଥାନା ଅଧିକାରୀ ଉମାକାନ୍ତ ସିଂ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### 'ଉଚ୍ଛେଦ ଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ କର'

**କଟକ ଅଫିସ,୬।୮**

ନବୀକରଣ କାର୍ଯ୍ୟ ପାଇଁ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ କେତେଜଣ ଦୋକାନୀଙ୍କୁ ଉଚ୍ଛେଦ କରାଯିବ। ଫଳରେ ସମ୍ପୃକ୍ତ ବ୍ୟବସାୟୀ ରୋଜଗାର ହରାଇବେ। ଉଚ୍ଛେଦକୁ ବିରୋଧ କରି ନକୁଳ ସାହୁ ନାମକ ବ୍ୟବସାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ବିଚାରପତି ବିଶ୍ୱନାଥ ରଥ ଏହି ମାମଲାର ଶୁଣାଣି କରି ଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ କରିବା ପାଇଁ ଓଡ଼ିଶା ସଡ଼କ ପରିବହନ ନିଗମ (ଓଏସ୍‌ଆରସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଅନ୍ୟତ୍ର ଥଇଥାନ କରାଯାଇପାରୁ ନାହିଁ ତେବେ ବସ୍‌ଷ୍ଟାଣ୍ଡ ନବୀକରଣ ପରେ ସେଠାରେ ଦୋକାନଘର ଆବଣ୍ଟନ ପାଇଁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୧୮୦ କୋଟି ଟଙ୍କା ବ୍ୟୟରେ ୧୫ ଏକର ଜାଗାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଚାଲିଛି। ଏଥିଯୋଗୁ ଦୋକାନୀଙ୍କୁ ଉଚ୍ଛେଦ ପାଇଁ ଓଏସ୍‌ଆର୍‌ସି ନୋଟିସ୍ ଦେଇଥିଲା।

### ଶିଳ୍ପୀ ନାରାୟଣ ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି




ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

**ପୁରୀ ଅଫିସ, ୬।୮**

ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ନାରାୟଣ ମହାରଣାଙ୍କ ବିୟୋଗରେ ଗୁରୁବାର ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଦେବୀଘାଟସ୍ଥିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୁର୍ଗାମାଧବ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ଶଶିକାନ୍ତ ସାହୁ, ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା, ଅଜିତ କୁମାର ମୁଦୁଲି, ଅଭିନେତା ପ୍ରସନ୍ନ କୁମାର ମିଶ୍ର, ସାହିତ୍ୟିକ ଦେବୀ ପ୍ରସନ୍ନ ନନ୍ଦ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଗୀତିକାର ବିମଳକୃଷ୍ଣ ଦାସ, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ମହାରଣା ଚିତ୍ରକଳା ସହିତ ସ୍ଥାପତ୍ୟ କଳାରେ ଜଣେ ସୁଦକ୍ଷ ଶିଳ୍ପୀ ଥିଲେ। ପଟିଦିଅଁ ଅଙ୍କନଠାରୁ ଆରମ୍ଭକରି ରଥରେ ସେ ଚିତ୍ର ଅଙ୍କନ କରୁଥିଲେ। ତାଙ୍କ ପ୍ରତିଭା ଲାଗି ସେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଥିଲେ ବୋଲି ସଭାରେ ସ୍ମୃତିଚାରଣ କରାଯାଇଥିଲା।

# ତଦନ୍ତ କରି ରିପୋର୍ଟ ଦେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୬।୮(ବ୍ୟୁରୋ)**

**ମହିଳାଙ୍କୁ ପୋଲିସର ଗଣବଳାତ୍କାର ଘଟଣା**

ଶହୀଦନଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗତ ମେ ୩୧ ରାତିରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ କମିଶନରେଟ ପୋଲିସର ୩ଜଣ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଖାକିପ୍ରୀତି ଓ ବଦନାମ ଏଡ଼ାଇବାକୁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ କୋହଳ ଦଫାରେ ଗିରଫ କରାଯାଇଥିବା ଅଭିଯୋଗ ଆଣି ମାନବାଧିକାର କର୍ମୀ ହିମାଂଶୁଶେଖର ନାୟକ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପିଟିଶନ କରିଛନ୍ତି। ଏହାର ବିଚାର କରି କମିଶନ ଉଚ୍ଚ ସ୍ତରୀୟ ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ପୋଲିସ ଡିଜି ଅଭୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନଙ୍କ ଏହି ନିର୍ଦ୍ଦେଶ ପାଇବା ପରେ ଏବେ କମିଶନରେଟ ପୋଲିସ ପାଇଁ ଅଡୁଆ ବଢ଼ିଛି।

ସୂଚନାନୁସାରେ, ମହିଳା ଜଣକ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ଚାଲି ଚାଲି ଥାନାକୁ ଯାଉଥିଲେ। ଏହି ସମୟରେ ୩ଜଣ ପୋଲିସ ତାଙ୍କୁ ଏକ ଅଟୋରେ ଖଣ୍ଡଗିରିର ଏକ ବସ୍ତିକୁ ନେଇ ଗଣବଳାତ୍କାର କରିବା ପରେ ଫିଙ୍ଗି ଦେଇଥିଲେ। ଥାନା ଘେରାଉ ପରେ ପୀଡିତାଙ୍କ ଅଭିଯୋଗକୁ ପୋଲିସ ବାଧହୋଇ ଗ୍ରହଣ କରିଥିଲେ ମଧ୍ୟ କୋହଳ ଦଫା ଲଗାଇ ମାମଲା ରୁଜୁ କରାଯାଇଥିଲା ବୋଲି ପିଟିଶନରେ ଉଲ୍ଲେଖ ରହିଛି।

# କଣ୍ଟେନମେଣ୍ଟ ଜୋନ୍ ଘୋଷଣା କଲେ ଗ୍ରାମବାସୀ

**କଟକ ଅଫିସ, ୬।୮**




- ୭ଦିନ ସଙ୍ଗରୋଧରେ ରହିବେ ୨୬ ପରିବାର
- ସଚେତନତାର ନିଆରା ଚିତ୍ର

ସଚେତନତାର ଏକ ନିଆରା ଚିତ୍ର କଟକରେ ଦେଖିବାକୁ ମିଳିଛି। ସାମନ୍ତସାହିରୁ ୨୦ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଏଠାକାର ବାସିନ୍ଦା ପ୍ରଶାସନ ନିଷ୍ପତ୍ତିକୁ ଅପେକ୍ଷା କରିନାହାନ୍ତି। ଗ୍ରାମବାସୀ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ସମ୍ପୃକ୍ତ ଅଞ୍ଚଳର ୨୬ଟି ପରିବାର ଏବେ ସଙ୍ଗରୋଧରେ ରହିବେ। ସେମାନଙ୍କୁ ଆବଶ୍ୟକ ସହାୟତା ଗ୍ରାମବାସୀ ଯୋଗାଇଦେବେ।

କଟକରେ ଗୋଟିକ ପରେ ଗୋଟିଏ ସାହିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ଗୋଟିଏ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ମାତ୍ରାଧିକ ନ ହେବା ଯାଏ ସିଏମ୍‌ସି କଣ୍ଟେନମେଣ୍ଟ ଜୋନ ଘୋଷଣା କରୁନାହିଁ ବୋଲି ଅଭିଯୋଗ ହେଉଛି। କିଛି ଦିନ ତଳେ ଉଗରପଡ଼ା ଅଞ୍ଚଳରୁ ୨୦ଜଣ ପଜିଟିଭ ଚିହ୍ନଟ ହେବା ପରେ ଏଠାକାର ଲୋକେ କଣ୍ଟେନମେଣ୍ଟ ଜୋନ କରାଯିବାକୁ ଦାବି କରିଥିଲେ। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲା। ତେବେ ସାମନ୍ତସାହି କ୍ଷେତ୍ରରେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ଗତ ଦୁଇ ଦିନରେ ଏଠାରେ ୨୦ଜଣ ପଜିଟିଭ ଚିହ୍ନଟ ହେଲେଣି। ଗୋଟିଏ ପରିବାରର ୭ଜଣ ଆକ୍ରାନ୍ତ ରହିଛନ୍ତି। ଏବେ ସ୍ଥାନୀୟ ଲୋକେ ନିଜସ୍ୱ ଉଦ୍ୟମରେ ସଂକ୍ରମଣକୁ ରୋକିବା ପାଇଁ ଏକଜୁଟ ହୋଇଛନ୍ତି। ଗୁରୁବାର ଗ୍ରାମବାସୀ ଏକ ବୈଠକ କରିଥିଲେ। ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳଙ୍କ ସମେତ ଅଧିକାରୀ ଧୀରେନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ଦୟାନିଧି ରାଉତ, ମହନ୍ତ ସଦୟ ବୋଷ, ମୁରବୀ ସିନ୍ଧୁ ମୁଳିଆ ପ୍ରମୁଖ ଉପସ୍ଥିତ ଥିଲେ। ସାମନ୍ତ ସାହି ଶିବ ମନ୍ଦିର ନିକଟରୁ କିଛି ନିର୍ଦ୍ଦିଷ୍ଟ ସ୍ଥାନକୁ କଣ୍ଟେନମେଣ୍ଟ ଜୋନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ପ୍ରବେଶ ପଥକୁ ବାଉଁଶ ବାନ୍ଧି ବନ୍ଦ କରି ଦିଆଯାଇଛି। ସାହିର ଯୁବକମାନେ ଏହି ସ୍ଥାନକୁ ଜଗିବେ। ପ୍ରତ୍ୟେକ ଦିନ ସାହି ଲୋକଙ୍କ ଦ୍ୱାରା ସଙ୍ଗରୋଧରେ ଥିବା ୨୬ଟି ପରିବାରକୁ ଖାଦ୍ୟ ଯୋଗାଇ ଦିଆଯିବ। ଏବେ ୭ଦିନ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ। ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଏ କ୍ଷେତ୍ରରେ ସିଏମ୍‌ସି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ପୂର୍ବତନ କର୍ପୋରେଟର ବିଶ୍ୱାଳ କହିଛନ୍ତି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଘରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ଆର୍‌ବିଆଇ ସ୍ଥାପନ କରିବ ଇନୋଭେଶନ ହବ୍**

ରିଜର୍ଭ ବ୍ୟାଙ୍କ ଇନୋଭେଷନ ହବ ସ୍ଥାପନ କରିବାକୁ ଯୋଜନା ରଖିଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଉନ୍ନତ ବ୍ୟାଙ୍କିଙ୍ଗ ସେବାକୁ ଉତ୍ସାହିତ କରିବା ଲାଗି ଏଭଳି ବ୍ୟବସ୍ଥା ଆସିବ। ଏହା ସାଧାରଣତଃ ଇନକ୍ୟୁବେଶନ ହବ୍ ଭାବେ କାର୍ଯ୍ୟ କରିବ ବୋଲି କୁହାଯାଉଛି। ଅଭିନବ ଏବଂ ନୂଆ ଫାଇନାନ୍ସିଆଲ ପ୍ରଡକ୍ଟ ଆଣିବା ଦିଗରେ ଏହା ବିଭିନ୍ନ ଯୋଜନା ହାତକୁ ନେବା ସହ ହ୍ୟାଣ୍ଡହୋଲ୍ଡିଂ ସହାୟତା ଯୋଗାଇ ଦେବ।

# ନେଗେଟିଭ୍ ଜୋନ୍‌ରେ ରହିବ ଅର୍ଥ ବ୍ୟବସ୍ଥା

**ନୂଆଦିଲ୍ଲୀ,୬।୮**

ଦେଶ ମଧ୍ୟରେ କରୋନା ମାମଲା ବୃଦ୍ଧି ହେଉଥିବାରୁ ଏହା ଘରୋଇ ବଜାରକୁ କ୍ଷତିଗ୍ରସ୍ତ କରୁଛି। ଏଥିଯୋଗୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନିମ୍ନଗାମୀ ହେଉଥିବା ନଜରକୁ ଆସିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥା ନେଗେଟିଭ ଜୋନ୍‌ରେ ରହିବ ବୋଲି ରିଜର୍ଭ ବ୍ୟାଙ୍କ ଗୁରୁବାର ପୂର୍ବାନୁମାନ କରିଛି। ଦ୍ୱିମାସିକ ମୁଦ୍ରାନୀତି ଘୋଷଣା ସମୟରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ମହାମାରୀକୁ ଯଦି ଶୀଘ୍ର ନିୟନ୍ତ୍ରଣାଧୀନ କରାଯିବ ତେବେ ଅର୍ଥନୈତିକ ଅଭିବୃଦ୍ଧିକୁ ଉପରେ ଏହା ସକରାତ୍ମକ ପ୍ରଭାବ ପକାଇବ। ଅଭିବୃଦ୍ଧି ପୂର୍ବାନୁମାନରେ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି(ଏମ୍‌ପିସି) କହିଛି ଯେ, ଗ୍ରାମାଞ୍ଚଳ ଅର୍ଥ ବ୍ୟବସ୍ଥା ଶୀଘ୍ର ଟ୍ରାକ୍‌କୁ ଫେରିବ। ଖରିଫ ଚାଷ ଉନ୍ନତ ହୋଇଥିବାରୁ ଏହା ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଦ୍ୱିତୀୟ ତ୍ରୈମାସରେ ଘରୋଇ ଚାହିଦା ଫେରିବା ନେଇ ମାନୁଫାକଚରିଂ ଫାର୍ମଗୁଡିକ ଆଶାବାଦୀ ରହିଛନ୍ତି।


ଶକ୍ତିକାନ୍ତ ଦାସ

୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଚାହିଦା ଉନ୍ନତ ସ୍ତରକୁ ଫେରିବା ନେଇ ଆଶାକରାଯାଉଛି।

ଜୁଲାଇ ମାସରେ ଖାଉଟି ଆତ୍ମବିଶ୍ୱାସ ଏକ ନିରାଶାଜନକ ସ୍ଥିତିରେ ରହିଥିବା କେନ୍ଦ୍ରୀୟ ବ୍ୟାଙ୍କ ଏହାର ରିପୋର୍ଟରେ ପ୍ରକାଶ କରିଛି। ବିଶ୍ୱ ମାନ୍ଦାବସ୍ଥା ଏବଂ ବାଣିଜ୍ୟରେ ହ୍ରାସ ହେବା ଯୋଗୁ ଏହା ବାହ୍ୟ ଚାହିଦାକୁ ମଧ୍ୟ ପ୍ରଭାବିତ କରି ରଖିବ ବୋଲି ଆଶଙ୍କା କରାଯାଇଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ଦେଶର ରିୟଲ ଜିଡିପି ରଣାତ୍ମକ ରହିବ। ସେହିଭଳି ୨୦୨୦-୨୧ କଥା ବିଚାରକଲେ ସାରା ବର୍ଷ ଅର୍ଥ ବ୍ୟବସ୍ଥା ଏକ ନେଗେଟିଭ ଜୋନରେ ରହିବ ବୋଲି ଶକ୍ତିକାନ୍ତ କହିଛନ୍ତି। ସେହିଭଳି ୨୦୨୦ର ପ୍ରଥମ ୬ ମାସ ବିଶ୍ୱ ବଜାରର ଆର୍ଥିକ କାର୍ଯ୍ୟକଳାପ କ୍ଷତିଗ୍ରସ୍ତ ହୋଇ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ସେହିଭଳି କାର୍ଡ ଏବଂ ମୋବାଇଲ ଡିଭାଇସ ବ୍ୟବହାର ଦ୍ୱାରା ଦେଶ ମଧ୍ୟରେ ଅଫ୍‌ଲାଇନ ପେମେଣ୍ଟ ହୋଇପାରିବ। ଏ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗୁରୁବାର ଘୋଷଣା କରିଛି। ପରୀକ୍ଷାମୂଳକ ଭିତ୍ତିରେ ଏହି ସେବାକୁ ଘରୋଇ ବଜାରରେ ଆରମ୍ଭ କରାଯିବା ନେଇ ବ୍ୟବସ୍ଥା ରହିଛି। ଇଣ୍ଟରନେଟ ସଂଯୋଗ ନ ଥିଲେ ମଧ୍ୟ ଲୋକମାନେ ଯେଭଳି ଡିଜିଟାଲ ପେମେଣ୍ଟ କରିପାରିବେ ସେ ନେଇ ଏକ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଅଫ୍‌ଲାଇନ ପେମେଣ୍ଟ ସଲ୍ୟୁଶନ ଉନ୍ନତ କରିବା ଲାଗି ରିଜର୍ଭ ବ୍ୟାଙ୍କ କମ୍ପାନୀଗୁଡ଼ିକୁ ଉତ୍ସାହିତ କରୁଛି। ୟୁଜରଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି କ୍ଷୁଦ୍ର ମୂଲ୍ୟ ବିଶିଷ୍ଟ ପେମେଣ୍ଟ ସୁବିଧା ସହ ବିଲ୍ଟ ଇନ୍ ଫିଚର ଆଣିବାକୁ ଯୋଜନା ରହିଛି।

# ବଜାରରେ ହିରୋ ଏକ୍ସଟ୍ରିମ୍ ୧୬୦ ଆର୍

**ଭୁବନେଶ୍ୱର,୬।୮**

ପ୍ରମୁଖ ୨ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ଲିମିଟେଡ୍ ପକ୍ଷରୁ 'ହିରୋ ଏକ୍ସଟ୍ରିମ୍ ୧୬୦ ଆର୍' ଓଡିଶା ବଜାରରେ ପ୍ରବେଶ କରିଛି। କମ୍ପାନୀର ଏହି ବହୁ ପ୍ରତୀକ୍ଷିତ ମଡେଲରେ ଗ୍ରାହକମାନେ ଅତୁଳନୀୟ ପରଫରମାନ୍ସ, ଫିଚର ଏବଂ ଷ୍ଟାଇଲ ଲାଭ କରିପାରିବେ। ସେହିଭଳି ନୂଆ ମଡେଲଟିରେ କ୍ଲାସ୍ ଲିଡିଂ ଆକ୍ସିଲରେଶନ ସୁବିଧା ଏଥିରେ ରହିଛି। ଫାଷ୍ଟ ଇନ୍ ସେଗ୍‌ମେଣ୍ଟ ଫିଚର ଭାବେ ଗ୍ରାହକମାନେ ଏହି ମଡେଲରେ ଅଲ୍ ଏଲ୍‌ଇଡି ଲାଇଟ ପ୍ୟାକେଜ, ସାଇଡ୍ ଷ୍ଟାଣ୍ଡ ଇଞ୍ଜିନ କଟ୍‌ଅଫ୍ ପାଇପାରିବେ। ଏହାବାଦ୍ ସ୍ପୋର୍ଟି, ଆରାମ ଏବଂ ନିୟନ୍ତ୍ରଣର ମିଶ୍ରଣ ସୁବିଧା ସହ ଆସୁଥିବା ଉକ୍ତ ମଡେଲଟିକୁ ଗ୍ରାହକମାନେ କମ୍ପାନୀର ବିଭିନ୍ନ ଡିଲରଶିପଗୁଡ଼ିକରେ ଲାଭ କରିପାରିବେ। ଯାନଟିର ବଜାର ଦର ୧.୦୪ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।


ନୂଆ ଯାନ ସହ ଭାରତ ହିରୋର ନିର୍ଦ୍ଦେଶକ ଦେବ୍ ପ୍ରକାଶ ଦିଦ୍ୱାନିଆ ଏବଂ ଜିଏମ୍ ପ୍ରତୀକ ଅଗ୍ରୱାଲ ।


ନୂଆ ମଡେଲ ସହ ଏସେନ ହିରୋର ନିର୍ଦ୍ଦେଶକ ହେମନ୍ତ ଠାକରେ, ସୌରଭ ଠାକରେ।


ନୂଆ ଯାନବଜାର ପ୍ରବେଶ ଅବସରରେ ସନି ମୋଟର୍ସ ଓନର ଉମରଜିତ ସିଂ, ଅର୍ସଦୀପ ସିଂ ଏବଂ ମ୍ୟାନେଜର ଏ.ସିହ୍ନା ।

# ସାନିଟାଇଜର ମେଶିନ ଦେଲା ହୋଣ୍ଡା

**ଯାଜପୁର ରୋଡ୍, ୬।୮ (ଡି.ଏନ୍.ଏ.)**

ଯାଜପୁର ରୋଡ୍ ତେଜ ହୋଣ୍ଡା ପକ୍ଷରୁ ଗୁରୁବାର ଯାଜପୁର ରୋଡ୍ ଜୀବନ ବୀମା ନିଗମ (ଏଲ୍‌ଆଇସି) କାର୍ଯ୍ୟାଳୟକୁ ଏକ ଫୁଟ୍ ସାନିଟାଇଜର ମେଶିନ ଯୋଗାଇ ଦିଆଯାଇଛି। କରୋନା ସମୟରେ ଏଲ୍‌ଆଇସି କାର୍ଯ୍ୟାଳୟରେ ଅହେତୁକ ଭିଡ଼କୁ ଦୃଷ୍ଟିରେ ରଖି ତେଜ ହୋଣ୍ଡାର ମାଲିକ ରାକେଶ କୁମାର ରାଉତ ଫୁଟ୍ ସାନିଟାଇଜର ମେଶିନକୁ ଏଲ୍‌ଆଇସି କାର୍ଯ୍ୟାଳୟର ଶାଖା ପରିଚାଳକ ଶୁଭ୍ରାଂଶୁ କୁମାର ହୋତାଙ୍କୁ ପ୍ରଦାନ କରିଛନ୍ତି। ଏହାସହ ଫୁଟ୍ ସାନିଟାଇଜର ବ୍ୟବହାର ସମ୍ପର୍କରେ ସେ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ବୁଝାଇ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ରାଉତ ଗତ ଏପ୍ରିଲ ମାସରୁ ଗରିବମାନଙ୍କୁ ରନ୍ଧାଖାଦ୍ୟ ଦେବା ସହ ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ଏହାସହ ବିଭିନ୍ନ ସରକାରୀ ଓ ବେସରକାରୀ




କାର୍ଯ୍ୟାଳୟରେ ବିଭିନ୍ନ ସାନିଟାଇଜର ମେଶିନ, ମାସ୍କ ଆଦି ବଣ୍ଟନ କରିଛନ୍ତି। କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ୧୧ ହଜାର ଟଙ୍କା ଓ ଜିଲାପ୍ରଶାସନ ପାଣ୍ଠିକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି। ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ତାଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି।

## ସୁପ୍ରିମକୋର୍ଟରେ ହଜିଲା ମାଲ୍ୟା ମାମଲାର ଦସ୍ତାବିଜ

**ନୂଆଦିଲ୍ଲୀ,୬।୮:** ବିଜୟ ମାଲ୍ୟା ମାମଲାରେ ପୁଣି ଥରେ ନୂଆ ଘଟଣା ସାମ୍ନାକୁ ଆସିଛି। ଏହି ମାମଲା ସହ ଜଡ଼ିତ ଏକ ନିର୍ଦ୍ଦିଷ୍ଟ ଦସ୍ତାବିଜ ସୁପ୍ରିମକୋର୍ଟଙ୍କ ଫାଇଲରୁ ହଜିଥିବା ଘଟଣା ନଜରକୁ ଆସିଛି। ଜଷ୍ଟିସ ୟୁ.ୟୁ. ଲଳିତ ଏବଂ ଜଷ୍ଟିସ ଅଶୋକ ଭୂଷଣ ଏହି ମାମଲାର ଶୁଣାଣି କରୁଥିବା ଅଗଷ୍ଟ ୨୦ ପର୍ଯ୍ୟନ୍ତ ଏହି ମାମଲାର ଶୁଣାଣିକୁ ମୁଲତବୀ ରଖିଛନ୍ତି। ୯ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଫେରସ୍ତ ମାମଲାରେ ସୁପ୍ରିମକୋର୍ଟ ବିଜୟ ମାଲ୍ୟାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ବ୍ୟାଙ୍କଗୁଡ଼ିକ ବାରମ୍ବାର କହିବା ପରେ ସେ ଋଣ ଫେରସ୍ତ କରି ନ ଥିଲେ। ସେ ପଳାତକ ଘୋଷିତ ହୋଇ ବର୍ତ୍ତମାନ ଲଣ୍ଡନରେ ରହୁଥିବା ବେଳେ ଏହି ମାମଲାରେ ସେ ରିଭ୍ୟୁ ପିଟିଶନ ଦାୟର କରିଛନ୍ତି।

# ରିଲାଏନ୍ସ ଡିଜିଟାଲରେ ଡିଜିଟାଲ ଇଣ୍ଡିଆ ସେଲ୍

**ନୂଆଦିଲ୍ଲୀ,୬।୮**

ରିଲାଏନ୍ସ ଡିଜିଟାଲ ପକ୍ଷରୁ ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୧୧ ତାରିଖ ଯାଏ ଚାଲିବ। ଏହି ସମୟରେ ବିସ୍ତୃତ ବର୍ଗର ଇଲେକ୍ଟ୍ରୋନିକ୍ସ ଉପରେ ଗ୍ରାହକମାନେ ଆକର୍ଷଣୀୟ ଅଫର ଲାଭ କରିପାରିବେ। ରିଲାଏନ୍ସ ଡିଜିଟାଲ ଏବଂ ମାଇଁ ଜିଓ ଷ୍ଟୋରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କାର୍ଡ ଉପରେ ଗ୍ରାହକ ନିଶ୍ଚିତ ୧୦% ତ୍ୱରିତ ରିହାତି ପାଇବେ। ଚଳିତ ବର୍ଷର ଡିଜିଟାଲ ଇଣ୍ଡିଆ ସେଲ୍ ଗ୍ରେଡ୍ ଡିଲ୍ ଇଭ୍ରିଡେ ଥିମ ସହ ଆସିଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ସେଲ୍ ରେ ପ୍ରତିଦିନ ସ୍ୱତନ୍ତ୍ର ଅଫର ଗ୍ରାହକ ପାଇବେ। ଟିଭି, ହୋମ୍ ଆପ୍ଲାଏନ୍ସ, ମୋବାଇଲ ଫୋନ, ଲାପ୍‌ଟପ୍, ଆସେସୋରିଜ ଉପରେ ଅଫର ଉପଲବ୍ଧ ରହିବ। ଏହି ସମୟରେ ୪୮,୪୯୦ ଟଙ୍କା ଆରମ୍ଭ ମୂଲ୍ୟରୁ ସାଇଡ୍ ବାଏ ସାଇଡ୍ ରେଫ୍ରିଜରେଟର, ୧୮,୯୯୦ ଟଙ୍କାରେ ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର, ୧୦,୭୯୦ ଟଙ୍କା ଆରମ୍ଭ ମୂଲ୍ୟରେ ଡାଇରେକ୍ଟ କୁଲ ରେଫ୍ରିଜରେଟର ଭଳି ଅନ୍ୟ ବର୍ଗରେ ଅଫର ଲାଭ କରିପାରିବେ। ଏହାର ଲାଭ ନେବାକୁ କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ନିବେଦନ କରାଯାଇଛି।

## ଚେକ୍ କ୍ଲିୟରିଂ ହେବ ଅଧିକ ସୁରକ୍ଷିତ

**ନୂଆଦିଲ୍ଲୀ,୬।୮:** ଆର୍‌ବିଆଇ ପଜିଟିଭ୍ ପେ ନାମକ ଏକ ଫିଚର ଆଣିବାକୁ ଯାଉଛି। ଏହାଦ୍ୱାରା ଚେକ୍ କ୍ଲିୟରିଂ ଅଧିକ ନିରାପଦ ଏବଂ ଦକ୍ଷ ହୋଇପାରିବ। ଆକାଉଣ୍ଟଧାରୀ ଜାରି କରିଥିବା ଚେକ୍‌ର ବ୍ୟାଙ୍କ ସଂକ୍ରାନ୍ତ ତଥ୍ୟ ତୃତୀୟ ପକ୍ଷଙ୍କୁ ଏହାଦ୍ୱାରା ସହଜରେ ପଠାଇପାରିବେ। ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଚେକ୍ ନିରାପଦ ତଥା ତ୍ୱରିତ ଭାବେ କ୍ଲିୟର କରିବାରେ ଏହା ସହାୟକ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଜାରି ହୋଇଥିବା ଚେକ୍ ଠିକ୍ ରହିଛି ଏବଂ ଏଥିରେ କୌଣସି ଠକାମି ହୋଇ ନାହିଁ ବୋଲି ମଧ୍ୟ ଏହି ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କଗୁଡ଼ିକ ଅବଗତ ହୋଇପାରିବେ। ନୂଆ ବ୍ୟବସ୍ଥା ଆସିଲେ ଚେକ୍ ଇସ୍ୟୁ କରାଯିବା ସମୟରେ ଦିଆଯାଉଥିବା ସୂଚନାକୁ ଭିତ୍ତିକରି ଚେକ୍ ଗ୍ରହଣ କରୁଥିବା ବ୍ୟାଙ୍କ ଚେକ୍ ପ୍ରୋସେସ୍ କରିବେ।

**ଖେଳ ଖବର**

# ରୋଜେରିଓ ରାମୋସ୍ ଓଡ଼ିଶା ଏଫ୍‌ସି ଗୋଲ୍‌କିପିଂ କୋଚ୍

**ଭୁବନେଶ୍ୱର,୬।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ବ୍ରାଜିଲର ରୋଜେରିଓ ରାମୋସ୍‌ଙ୍କୁ ଓଡ଼ିଶା ଏଫ୍‌ସି ତା'ର ନୂଆ ଗୋଲକିପିଂ କୋଚ୍ ହିସାବରେ ନିଯୁକ୍ତ କରିଛି। ହିରୋ ଇଣ୍ଡିଆ ସୁପର ଲିଗ୍ (ଆଇଏସ୍ଏଲ୍)ର ସପ୍ତମ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ନେଇଛି। ରାମୋସ୍ ପୂର୍ବରୁ ଭାରତୀୟ ଜାତୀୟ ଦଳର ଗୋଲ୍‌କିପିଂ କୋଚ୍ ହିସାବରେ କାର୍ଯ୍ୟ କରିଛନ୍ତି। ଦୁଇବର୍ଷ ପାଇଁ ସେ ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫ୍‌ସି ସହିତ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।

ଭାରତୀୟ ସିନିୟର ଦଳ ବ୍ୟତୀତ ସେ ବିଭିନ୍ନ ବୟସବର୍ଗର ଦଳ ସହ ମଧ୍ୟ କାର୍ଯ୍ୟ କରିଛନ୍ତି। ରାମୋସ୍ ମଧ୍ୟ ଆଫ୍ରିକୀୟ ଦେଶ ସୁଦାନ ଜାତୀୟ ଦଳର ଗୋଲକିପିଂ କୋଚ୍ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ୪୬ ବର୍ଷୀୟ ଏହି ପୂର୍ବତନ ପେସାଦାର ଗୋଲକିପର ଗୋଲକିପିଂ କୋଚ୍ ଭାବେ ବିଭିନ୍ନ କ୍ଲବ ପାଇଁ ଦାୟିତ୍ୱ ନେଇଛନ୍ତି। ସେ ବ୍ରାଜିଲରେ ଇସି ସାଣ୍ଟୋ ଆନ୍ଦ୍ରେ ଏସ୍‌ପି ଓ ଇସି ନୋଭୋ ହାମ୍‌ବୁର୍ଗୋ ଆରଏସ୍ ପାଇଁ କାର୍ଯ୍ୟ କରିଛନ୍ତି। ସେହିପରି ଭାରତର ଭାସ୍କୋ ସ୍ପୋର୍ଟ୍ସ କ୍ଲବ, ଦକ୍ଷିଣ କୋରିଆର ୟଙ୍ଗ ଇନ୍ ଏକାଡେମୀ ଓ ସାଇପ୍ରସ୍‌ର ଏନ୍‌ଇଏ ସାଲାମିନା କ୍ଲବ ତରଫରୁ ମଧ୍ୟ ସେ ଗୋଲ୍‌କିପିଂ କୋଚ୍ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି।



ରାମୋସ୍‌ଙ୍କ ନିଯୁକ୍ତିରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବେକ୍ସଟର ଖୁସି ଜାହିର କରିଛନ୍ତି। ଆମ କୋଚିଂ ଟିମ୍‌ରେ ରାମୋସ୍ ସାମିଲ ହେବା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ। ଏହାଦ୍ୱାରା ଓଡ଼ିଶା ଏଫ୍‌ସିର ପ୍ରଦର୍ଶନରେ ଉନ୍ନତି ହେବ ବୋଲି ଷ୍ଟୁଆର୍ଟ ଆଶା ପ୍ରକାଶ କରିଛନ୍ତି। ଭାରତରେ କାର୍ଯ୍ୟ କରିବାର ଅଭିଜ୍ଞତା ତାଙ୍କ ପାଖରେ ରହିଛି। ସେ ମଧ୍ୟ ସହକାରୀ କୋଚ୍ ଗେରୀ ପେଟନଙ୍କ ସହିତ କଥା ହୋଇଛନ୍ତି। ଦଳର ଗୋଲକିପରମାନଙ୍କ ପ୍ରଦର୍ଶନରେ ଉନ୍ନତି ପାଇଁ ଆମେ ସମସ୍ତେ କାର୍ଯ୍ୟ କରିବୁ। ରାମୋସ୍‌ଙ୍କ ନିଯୁକ୍ତି ପରେ ଦଳ ନିଶ୍ଚିତ ଭାବେ ଫାଇଦାରେ ରହିବ ବୋଲି ଷ୍ଟୁଆର୍ଟ କହିଛନ୍ତି।

## ଭେନେଜୁଏଲା ଫୁଟବଲ ଫେଡେରେଶନ ଅଧ୍ୟକ୍ଷଙ୍କ ପରଲୋକ

**କାରାକାସ, ୬।୮ (ଏପି)**

ଦକ୍ଷିଣ ଆମେରିକୀୟ ଫୁଟବଲ ପାୱାର ହାଉସ୍ ଭେନେଜୁଏଲାର ଫୁଟବଲ ଫେଡେରେଶନ ଅଧ୍ୟକ୍ଷ ଜେସସ୍ ବେରାର୍ଡିନେଲିଙ୍କ ବୁଧବାର ପରଲୋକ ହୋଇଛି। ସେ ହଠାତ୍ ଅଚେତ ହୋଇପଡ଼ିଥିଲେ ଓ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାର ଠିକ୍ ଦୁଇ ସପ୍ତାହ ପରେ ସେ ମୃତ୍ୟୁବରଣ କରିଛନ୍ତି। ଅବଶ୍ୟ ତାଙ୍କର ଏକାଧିକ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା ବୋଲି ଭେନେଜୁଏଲା ଫୁଟବଲ ଫେଡେରେଶନ ତରଫରୁ କୁହାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା। ତାଙ୍କ ବିରୋଧରେ ସର୍ବସାଧାରଣଙ୍କ ଅର୍ଥ ତୋସରପାତ କରିବାର ଅଭିଯୋଗ ମଧ୍ୟ ଆସିଥିଲା। ଗତ ଜୁଲାଇ ୨୨ ତାରିଖରେ ତାଙ୍କୁ କାରାକାସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନିଃଶ୍ୱାସ ନେବାରେ ତାଙ୍କର ସମସ୍ୟା ଥିଲା। ଫଳରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତେବେ ମୃତ୍ୟୁର କାରଣ ସମ୍ପର୍କରେ ଫେଡେରେଶନ କିଛି ସୂଚନା ଦେଇନାହିଁ। କୋଭିଡ୍-୧୯ ମହାମାରୀର ପ୍ରକୋପ ସାରା ବିଶ୍ୱରେ ଜାରି ରହିଥିବା ବେଳେ ବେରାର୍ଡିନେଲି ଦକ୍ଷିଣ ଆମେରିକାର ଦ୍ୱିତୀୟ ହାଇପ୍ରୋଫାଇଲ୍ ଫୁଟବଲ ପ୍ରଶାସକ ଭାବେ ମୃତ୍ୟୁବରଣ କରିଛନ୍ତି। ପୂର୍ବରୁ ବଲିଭିଆ ଫୁଟବଲ ଫେଡେରେଶନ ମୁଖ୍ୟ ସିଜର ସାଲିନାସ୍ ଗତ ଜୁଲାଇ ୧୯ ତାରିଖରେ କରୋନ ଭାଇରସ୍ ସଂକ୍ରମଣ କାରଣରୁ ମୃତ୍ୟୁବରଣ କରିଥିଲେ।

# ପାକିସ୍ତାନ ୩୨୬ରେ ଅଲଆଉଟ

**ମାଞ୍ଚେଷ୍ଟର, ୬।୮**

ଓପନର ଶାନ ମାସୁଦଙ୍କ କ୍ୟାରିୟର ଶ୍ରେଷ୍ଠ ଶତକୀୟ ଇନିଂସ ସତ୍ତ୍ୱେ ପାକିସ୍ତାନ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୩୨୬ ରନରେ ଅଲଆଉଟ ହୋଇଛି। ୩୧୯ ବଲ୍ ଖେଳିଥିବା ମାସୁଦ ୧୮ ଚୌକା ଓ ୨ ଛକା ସହାୟତାରେ ୧୫୬ ରନ କରି ପାକ୍ ଇନିଂସର ମେରୁଦଣ୍ଡ ସାଜିଛନ୍ତି। ଗୁରୁବାର ଦ୍ୱିତୀୟ ଦିବସରେ ଖବର ମିଳିବା ବେଳକୁ ଇଂଲଣ୍ଡ ପ୍ରଥମ ଇନିଂସରେ ୩ ଉଇକେଟ ହରାଇ ୩୧ ରନ ସଂଗ୍ରହ କରିଛି। ଓପନର ରୋରି ବର୍ନ୍ସ ୪ ରନ କରି ଶାହିନ ଆଫ୍ରିଦୀଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇଛନ୍ତି। ସେହିପରି ଡୋମିନିକ୍ ସିବ୍‌ଲେ (୮ ରନ)ଙ୍କୁ ଏଲବିଡବ୍ଲ୍ୟୁ ଏବଂ ବେନ୍ ଷ୍ଟୋକ୍ସ(୦)ଙ୍କୁ କ୍ଲିନ୍ ବୋଲ୍ଡ କରି ଇଂଲଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି ମହମ୍ମଦ ଆବାସ।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୩୯/୨ରୁ ଖେଳ ଆରମ୍ଭ କରିଥିବା ପାକିସ୍ତାନ ଆଉ କୌଣସି ରନ ଯୋଗ କରିବା ପୂର୍ବରୁ ନିର୍ଭରଯୋଗ୍ୟ ବାବର ଆଜମଙ୍କ ଉଇକେଟ ହରାଇଥିଲା। ଆଜମ ପୂର୍ବଦିନର ସ୍କୋର ୬୯ ରନରେ ହିଁ ଆଉଟ ହୋଇ ଯାଇଥିଲେ। ଜେମ୍ସ ଆଣ୍ଡରସନ ଏହି ଉଇକେଟ ନେଇଥିଲେ। ମିଡଲ ଅର୍ଡରରେ ଅସଦ ସଫିକ୍(୭) ଓ ଉଇକେଟ କିପର ମହମ୍ମଦ ରିଜୱାନ(୯) ବିଫଳ ହେବାରୁ ୧୭୬ ରନରେ ପାକିସ୍ତାନର ୫ମ ଉଇକେଟର ପତନ ଘଟିଥିଲା। ମାସୁଦ ଓ ଶାଦବ ଖାଁ ୬ଷ୍ଠ ଉଇକେଟ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ିବାରୁ ପାକିସ୍ତାନ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଥିଲା। ଦୁହେଁ ୧୦୫ ରନ ଯୋଗ କରିବାପରେ ଶାଦବ ବ୍ୟକ୍ତିଗତ ୪୫(୭୬ ବଲ, ୩ ଚୌକା) ରନ କରି ସ୍ପିନର ଡୋମିନିକ୍ ବେସଙ୍କ ଶିକାର ପାଲଟିଥିଲେ। ଟେଲ୍ ଏଣ୍ଡରେ କୌଣସି ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ ହେଁ ମାସୁଦ ଦୃଢ଼ ବ୍ୟାଟିଂ ଜାରିରଖି କ୍ୟାରିୟର ଶ୍ରେଷ୍ଠ ୧୫୬ ରନର ଇନିଂସ ଖେଳିଥିଲେ। ପୂର୍ବରୁ ଟେଷ୍ଟରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୧୩୫ ରନ। ଇଂଲଣ୍ଡ ବୋଲରଙ୍କୁ ସଫଳ ମୁକାବିଲା କରିଥିବା ଏହି ଯୁବ ଓପନର କ୍ୟାରିୟରର ୪ର୍ଥ ଟେଷ୍ଟ ଶତକ ପୂରଣ କରିବା ପାଇଁ ୨୫୧ ବଲ୍‌ର ସହାୟତା ନେଇଥିଲେ। ଶେଷଭାଗ ଖେଳାଳିଙ୍କ ମଧ୍ୟରେ ୟାସିର ଶାହା ୫, ଶାହିନ ଆଫ୍ରିଦୀ ୯* ରନ କରିଥିବାବେଳେ ମହମ୍ମଦ ଆବାସ ଓ ନସିମ ଶାହା ଖାତା ଖୋଲିପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ୍ ଓ ଜୋଫ୍ରା ଆର୍ଚର ୩ଟି ଲେଖାଏ, କ୍ରିସ୍ ୱୋକ୍ସ ୨ଟି ଏବଂ ଜେମ୍ସ ଆଣ୍ଡରସନ ଓ ଡୋମିନିକ୍ ବେସ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୨୬/ଅଲଆଉଟ( ମାସୁଦ-୧୫୬, ଆଜମ-୬୯, ଶାଦବ-୪୫, ବ୍ରଡ୍-୩/୫୪, ଆର୍ଚର-୩/୫୯, ୱୋକ୍ସ-୨/୪୩, ଆଣ୍ଡରସନ-୧/୬୩, ବେସ୍-୧/୭୪)।


ଶତକ ହାସଲ ପରେ ଶାନ୍ ମାସୁଦ

# ରେସ୍ ବେଳେ ଦୁର୍ଘଟଣା ଯୋଗୁ କୋମାରେ ସାଇକ୍ଲିଷ୍ଟ

**ୱାରସ (ପୋଲାଣ୍ଡ), ୬।୮ (ଏପି)**

ଡଚ୍ ସାଇକ୍ଲିଷ୍ଟ ଫାବିଓ ଜାକବସେନ୍ ଏବେ କୋମା ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପୋଲାଣ୍ଡରେ ଚାଲିଥିବା ଟୁର୍ ଡି' ପୋଲୋନେ ରେସ୍‌ର ଫାଇନାଲ ଷ୍ଟ୍ରେଚ୍‌ରେ ଦୁର୍ଘଟଣା ଯୋଗୁ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଛି। ବୁଧବାର ଇଭେଣ୍ଟର ଓପନିଂ ଷ୍ଟେଜ୍ ଶେଷ ଭାଗରେ ବିଜୟୀ ହେବାଲାଗି ଉଦ୍ୟମ କରୁଥିବା ବେଳେ ନିଜ ଦେଶର ତଥା ଡଚ୍ ସାଇକ୍ଲିଷ୍ଟ ଡାଇଲାନ୍ ଗ୍ରୋଏନିୱେଗେନ୍‌ଙ୍କ ସହିତ ଧକ୍କା ହେବାରୁ ସେ ରାସ୍ତାକଡ଼ ବାଡ଼ରେ ପିଟି



ହୋଇ ତଳେ ପଡ଼ିଯାଇଥିଲେ। ଡେସେଉନିକ୍ କ୍ୱିକ୍-ଷ୍ଟେପ୍ ଟିମ୍ ତରଫରୁ ରେସ୍ କରୁଥିବା ଜାକବସେନ୍‌ଙ୍କୁ ବିମାନ ଯୋଗେ ହସ୍ପିଟାଲ ନିଆଯାଇଥିଲା। ରେସ୍ ଡାଇରେକ୍ଟର ଜେସ୍‌ଲା ଲାଙ୍ଗ୍ ଏହି ଦୁର୍ଘଟଣା ପାଇଁ ଗ୍ରୋଏନିୱେଗେନ୍‌ଙ୍କୁ ଦାୟୀ କରିଛନ୍ତି। ଏହି ରାଇଡରଙ୍କ ଆକ୍ସନ ଠିକ୍ ନ ଥିଲା ବୋଲି ସେ କହିଛନ୍ତି। ଗ୍ରୋଏନିୱେଗେନ୍ ତାଙ୍କ ଟ୍ରାଜେକ୍ଟୋରି ବଦଳାଇଥିଲେ ଏବଂ ଜାକବସେନ୍‌ଙ୍କୁ ତାଙ୍କ ଡାହାଣପାର୍ଶ୍ୱକୁ ଯିବା ଲାଗି ଚାପ ସୃଷ୍ଟି କରିଥିଲେ। ଏହି ପରିସ୍ଥିତିରେ ତାଙ୍କ କହୁଣି ଜାକବସେନ୍‌ଙ୍କ ଦେହରେ ବାଜିବାରୁ ସେ ସନ୍ତୁଳନ ହରାଇଥିଲେ ବୋଲି କହିଛନ୍ତି। ଓପନିଂ ଷ୍ଟେଜ୍‌ରେ ଜାକବସେନ୍‌ଙ୍କୁ ବିଜେତା ଘୋଷଣା କରାଯାଇଥିଲା।

# ଆଇସିସି ବୋର୍ଡ ବୈଠକ ଆଜି

**ନୂଆଦିଲ୍ଲୀ, ୬।୮ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ବୋର୍ଡ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ ଅଂଶଗ୍ରହଣ କରି ଆସନ୍ତା ୨ ବର୍ଷରେ କିପରି ୨ଟି ଟି୨୦ ବିଶ୍ୱକପ ଆୟୋଜନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିବେ। ଆଇସିସିର ପରବର୍ତ୍ତୀ ଚେୟାରମ୍ୟାନ ପାଇଁ ଅନୁଷ୍ଠାନିକଭାବେ ନୋମିନେଶନ ପ୍ରକ୍ରିୟା ଘୋଷଣା ହୋଇ ନ ଥିଲେ ହେଁ ଦୁଇ ବୋର୍ଡର କର୍ମକର୍ତ୍ତା ଏ ସମ୍ପର୍କରେ ମଧ୍ୟ ଆଲୋଚନା କରିବେ। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହା ଏବଂ କ୍ରିକେଟ ଅଷ୍ଟ୍ରେଲିଆର ଇର୍ଲ ଇଡ୍‌ଙ୍ଗ୍ସ ଓ ନିକ୍ ହକ୍‌ଲେ ୨୦୨୧ ଓ ୨୦୨୨ ସଂସ୍କରଣ ଟି୨୦ ବିଶ୍ୱକପ ପାଇଁ ଏକମତ ଭିତ୍ତିରେ କିଛି ନିଷ୍ପତ୍ତି ନେଇପାରନ୍ତି।



ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତଙ୍କ ବୟାନ ସାମ୍ନାକୁ ଆସିଛି। ମୁମ୍ବାଇ ପୋଲିସଠାରୁ ନ୍ୟାୟପୂର୍ଣ୍ଣ ତଦନ୍ତ ଆଶା କରାଯାଇପାରିବ ନାହିଁ । ସେମାନେ ମାମଲାର ସମାଧାନ କରିବା ପାଇଁ ବହୁତ ବ୍ୟଗ୍ରତା ଦେଖାନ୍ତି, କିନ୍ତୁ କାର୍ଯ୍ୟ ତ୍ୱରାନ୍ୱିତ ହୁଏ ନାହିଁ। ମୋ କ୍ଷେତ୍ରରେ ସେଇଆ ହୋଇଥିଲା। ସୁଶାନ୍ତ ମୃତ୍ୟୁ ମାମଲା ପଛରେ ଅଣ୍ଡରୱାର୍ଲ୍ଡର ହାତ ରହିଛି। ତେଣୁ ଇଣ୍ଟରପୋଲକୁ ଏହାର ତଦନ୍ତ ଦାୟିତ୍ୱ ଦେବା ଉଚିତ। ଟିକିନିଖି କରି ଏଭଳି ମାମଲାର ତଦନ୍ତ କରାଯାଉ ବୋଲି ତନୁଶ୍ରୀ ଦାବି କରିଛନ୍ତି । ବୁଧବାର ସିବିଆଇ ଯାଞ୍ଚ ଲାଗି କେନ୍ଦ୍ର ସରକାର ଅନୁମତି ଦେଇଥିବାରୁ ତନୁଶ୍ରୀ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ସୁଶାନ୍ତଙ୍କୁ ନ୍ୟାୟ ମିଳୁ ବୋଲି ଇନ୍‌ଷ୍ଟାରେ ଏକ ପୋଷ୍ଟ ଶେୟାର କରିଛନ୍ତି।

# ‘ପ୍ରେମରେ ନ ଥାଏ ବାଛବିଚାର’



ଦୀପିକା କକ୍କର

**ମୁମ୍ବାଇ**

ଟେଲି ଅଭିନେତ୍ରୀ ଦୀପିକା କକ୍କର ଧୁମ୍‌ଧାମ୍‌ରେ ନିଜ ଜନ୍ମଦିନ ପାଳନ କରିଛନ୍ତି। ମିଡ୍‌ନାଇଟ୍‌ରେ ସ୍ୱାମୀ ସୋଏବ୍‌ଙ୍କ ସହ ବାର୍ଥ ଡେ ସେଲିବ୍ରେଶନ ମେମୋରେବଲ୍ ବୋଲି ଦୀପିକା କହିଛନ୍ତି। ଅଧାରାତିରେ ସୋଏବ୍ ତାଙ୍କ ପାଇଁ ସରପ୍ରାଇଜ୍ କେକ୍ ରଖିଥିଲେ। ଯାହାକୁ ସେ ନିଜେ ବନାଇଥିଲେ ମଧ୍ୟ। ରାତିରେ ସେଲିବ୍ରେଟ୍ କରିଥିବା ଫଟୋ ପରେ ସୋସିଆଲ ମିଡିଆରେ ସେ ପୋଷ୍ଟ କରିଥିଲେ। ଉଭୟ ଦମ୍ପତିଙ୍କର ଏହି ଫଟୋ ଗୁଡିକୁ ତାଙ୍କ ଫ୍ୟାନ୍‌ମାନେ ବେଶ୍ ଲାଇକ୍ କରିଥିଲେ। ବିଗ୍ ବସ୍- ୱିନର ଦୀପିକାଙ୍କର ଫ୍ୟାନ୍ ଫଲୋଇଙ୍ଗ ମଧ୍ୟ କିଛି କମ୍ ନୁହେଁ। ଟିଭିର ଡେଲି ଶୋ’ରେ ସେ ଜଣେ ସଫଳ ଅଭିନେତ୍ରୀ ମଧ୍ୟ। ତାଙ୍କ ଅଭିନୟରେ ଯେପରି ଯାଦୁ ରହିଛି। ‘ଶଶୁରାଲ ଶିମର୍ କା’ରେ ଶିମର୍ ଏବଂ ‘କହାଁ ହମ୍ କହାଁ ତୁମ୍’ରେ ସୋନାକ୍ଷୀର ଚରିତ୍ର ଲୋକଙ୍କର ହୃଦୟ ଜିଣିପାରିଛି। ଦୀପିକା ଏବଂ ସୋଏବ୍ କରୋନା ପାଇଁ ଶୁଟିଂ ବନ୍ଦ ଥିବାରୁ ଘରେ ରହି ସମୟ ବିତାଉଛନ୍ତି। ପୂର୍ବରୁ ଲକ୍‌ଡାଉନ୍‌ରେ ସୋଏବଙ୍କ ଜନ୍ମଦିନ ଦୀପିକା ବହୁତ ସ୍ପେଶିଆଲ କରିଥିବାରୁ ସୋଏବ୍ ମଧ୍ୟ କୌଣସି ସୁଯୋଗ ହାତଛଡ଼ା କରିନାହାନ୍ତି। ଦୀପିକାଙ୍କର ବାର୍ଥ ଡେ’କୁ ସ୍ପେଶିଆଲ କରିଦେଇଛନ୍ତି। ମହାରାଷ୍ଟ୍ରର ପୁଣେ ହେଉଛି ତାଙ୍କ ଜନ୍ମସ୍ଥଳ। ମୁମ୍ବାଇ ୟୁନିଭର୍ସିଟିରୁ ପାଠପଢ଼ା ସାରି ସେ ଏୟାରହଷ୍ଟେସ୍ ଥିଲେ। କିନ୍ତୁ ତାଙ୍କର ସ୍ୱପ୍ନ ଥିଲା ଅଭିନୟ କରିବା। ବହୁତ ସିରିୟଲ କରିଛନ୍ତି, କିନ୍ତୁ ‘ଶଶୁରାଲ ଶିମର୍ କା’ରୁ ସେ ଘରେ ଘରେ ପରିଚିତ ହେଲେ। ସୋଏବ ମୁସ୍‌ଲିମ୍ ହୋଇଥିଲେ ମଧ୍ୟ ଏହି ଯୋଡ଼ି ଉଭୟ ଇଦ୍ ଏବଂ ଦିୱାଲିକୁ ଖୁସିରେ ପାଳନ କରନ୍ତି। ପ୍ରେମ ଶାଶ୍ୱତ ଏବଂ ପବିତ୍ର। ଆମେ ଦୁହିଁଙ୍କର ଧର୍ମ ଅଲଗା ସତ କିନ୍ତୁ ଆମେ ଦୁହେଁ ଦୁହିଁଙ୍କ ଧର୍ମକୁ ସମ୍ମାନ ଜଣାଉ ବୋଲି ଦୀପିକା ତାଙ୍କ ଇନ୍‌ଷ୍ଟାରେ ଶେୟାର କରି କହିଛନ୍ତି। ସୋଏବଙ୍କୁ ଏହି ସେଲିବ୍ରେଶନ ପାଇଁ ସେ ଥ୍ୟାଙ୍କ୍ ୟୁ ଜଣାଇଛନ୍ତି।

# ଶେଷ ହୋଇଯିବେ ଶାକାହାରୀ







**ମାଂସାଶୀ ତୁଳନାରେ ଶାକାହାରୀ ପ୍ରାଣୀଙ୍କ ବିଲୁପ୍ତି ଆଶଙ୍କା ବେଶି । ଦୀର୍ଘ ୫୦ ହଜାର ବର୍ଷ ଧରି ଏହି ପ୍ରକ୍ରିୟା ଅନବରତ ଜାରି ରହିଛି। ଏହି ଧାରା ଚାଲିଥିଲା। ଚାଲିଛି। ଆଗକୁ ବି ଚାଲିବ। ଏହି କାରଣରୁ ବହୁ ଶାକାହାରୀଙ୍କ ସତ୍ତା ଲିଭିଯାଇଥିବାବେଳେ ଅନେକ ପ୍ରଜାତି ବିଲୁପ୍ତ ପଥେ। ପୁରାତନ ଜୀବଜନ୍ତୁ ଏବଂ ଭୂପୃଷ୍ଠରେ ଅଦ୍ୟାବଧି ତିଷ୍ଠି ରହିଥିବା ପ୍ରାଣୀଙ୍କ ସଂଖ୍ୟାଭିତ୍ତିକ ତୁଳନାତ୍ମକ ଅଧ୍ୟୟନରୁ ଏପରି ରୋଚକ ତଥ୍ୟ ପଦାକୁ ଆସିଛି ।**

## ୫୦ହଜାର ବର୍ଷ ଧରି ଚାଲିଛି ବିଲୁପ୍ତି ପ୍ରକ୍ରିୟା

ନୂଆଦିଲ୍ଲୀ: ପ୍ରାକୃତିକ ବାସସ୍ଥଳୀ, ପରିସଂସ୍ଥା, ଆର୍ଦ୍ରଭୂମି ଉପରେ ମନୁଷ୍ୟର ମାତ୍ରାଧିକ ହସ୍ତକ୍ଷେପ ଅନେକ ଜୀବଜନ୍ତୁଙ୍କ ଅସ୍ତିତ୍ୱକୁ ସଙ୍କଟ ମଧ୍ୟକୁ ଠେଲିଦେଇଛି। ବିଶେଷ କରି ଜଙ୍ଗଲରେ ରାଜତ୍ୱ କରୁଥିବା ଶିକାରୀ ଜନ୍ତୁଙ୍କ ଉପରେ ବିପଦ ବଢ଼ିବାରେ ଲାଗିଛି ବୋଲି ଦୀର୍ଘଦିନରୁ ଜୀବବିଜ୍ଞାନୀମାନେ ଦାବି କରି ଆସୁଛନ୍ତି। ହେଲେ ନିକଟରେ କରାଯାଇଥିବା ଏକ ଅଧ୍ୟୟନରେ ଏହାର ଓଲଟା ଚିତ୍ର ସାମ୍ନାକୁ ଆସିଛି। ପୃଥିବୀ ପୃଷ୍ଠରେ ମାଂସାହାରୀ ଅପେକ୍ଷା ଶାକାହାରୀ ଜୀବଙ୍କ ବିଲୁପ୍ତି ହେବା ଆଶଙ୍କା ବେଶି। ବଦଳୁଥିବା ଜଳବାୟୁ, ମନୁଷ୍ୟକୃତ କାର୍ଯ୍ୟକଳାପ ପାଇଁ କେଇଟା ବର୍ଷ ଭିତରେ ସ୍ତନ୍ୟପାୟୀ, ପକ୍ଷୀ, ସରୀସୃପ ନିଜର ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରିବେ। ସେମାନଙ୍କ ଉପରେ ସଙ୍କଟର କଳାବାଦଲ ଘୋଟି ଆସିବ ବୋଲି ଏକ ନୂତନ ଅଧ୍ୟୟନରେ ଆଶଙ୍କା ବ୍ୟକ୍ତ କରାଯାଇଛି।

‘ସାଇନ୍ସ ଆଡଭାନ୍ସ’ ପତ୍ରିକାରେ ପ୍ରକାଶିତ ଏହି ଗବେଷଣାତ୍ମକ ରିପୋର୍ଟରେ କୁହାଯାଇଛି, ଖାଦ୍ୟଜାଲିର ଅନ୍ୟ ଜୀବଜନ୍ତୁଙ୍କ ତୁଳନାରେ ଶାକାହାରୀଙ୍କ ବିଲୁପ୍ତି ଆଶଙ୍କା ବେଶି। ଏହା ଆଜିକାଲିର ଘଟଣା ନୁହେଁ। ଦୀର୍ଘ ୫୦ ହଜାରରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି ପ୍ରକ୍ରିୟା ଚାଲିଛି। ଆଗକୁ ମଧ୍ୟ ଏହା ଜାରି ରହିବ। ୨୪,୫୦୦ ବିଲୁପ୍ତ ଏବଂ ଜୀବିତ ଥିବା ଜୀବଜନ୍ତୁଙ୍କୁ ନେଇ କରାଯାଇଥିବା ଏହି ପରୀକ୍ଷଣ ଶାକାହାରୀଙ୍କ ଅସ୍ତିତ୍ୱ ବଞ୍ଚାଇବା ଦିଗରେ ମାଇଲଖୁଣ୍ଟ ହେବ ବୋଲି ଅଧ୍ୟୟନକାରୀମାନେ ଆଶାବାଦୀ ଅଛନ୍ତି।

ସାଧାରଣତଃ ସମସ୍ତଙ୍କ ଧାରଣା ରହିଛି ମାଂସାଶୀ ଜୀବଜନ୍ତୁଙ୍କ ଉପରେ ବିପଦ ମାଡ଼ିଆସୁଛି। ମାଂସହାରୀ ପ୍ରାଣୀମାନେ ବିସ୍ତୀର୍ଣ୍ଣ ଇଲାକାରେ ବସବାସ କରନ୍ତି। ମନୁଷ୍ୟର ହସ୍ତକ୍ଷେପ ପରେ ସେମାନଙ୍କ ଆବାସସ୍ଥଳୀ ସଙ୍କୁଚିତ ହୋଇଯାଉଛି। ଫଳରେ ସେମାନଙ୍କ ବଂଶବୃଦ୍ଧିର ଗତି ଶିଥିଳ ହୋଇଯାଉଛି। ତେଣୁ ମାଂସାଶୀ ପ୍ରାଣୀମାନେ ଶୀଘ୍ର ପୃଥିବୀରୁ ନିଶ୍ଚିହ୍ନ ହେବେ ବୋଲି ଅନେକେ ବିଶ୍ୱାସ କରନ୍ତି। ହେଲେ ଏହି ଭାବନା ଶତ ପ୍ରତିଶତ ସତ୍ୟ ନୁହେଁ। ଅଧ୍ୟୟନରେ ଆହୁରି ମଧ୍ୟ କୁହାଯାଇଛି, ସଂରକ୍ଷଣ କରା ନ ଗଲେ ପୃଥିବୀରେ ବସବାସ କରୁଥିବା ସରୀସୃପ ଏବଂ ହାତୀ ଭଳି ବୃହତ୍‌କାୟ ଶାକାହାରୀ ଜୀବ ଦୁନିଆରୁ ଶୀଘ୍ର ବିଦାୟ ନେବା ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ଓଟା ଷ୍ଟେଟ୍ ୟୁନିଭର୍ସିଟିର ଇକୋଲୋଜିଷ୍ଟ ତଥା ଏହି ଅଧ୍ୟୟନର ପ୍ରଥମ ଲେଖିକା ତୃଷା ଏଟ୍‌ବୁଡ୍ କୁହନ୍ତି, ଖାଦ୍ୟ ଜାଲିରେ ବିଲୁପ୍ତ ଅବସ୍ଥାକୁ ଚାଲି ଆସିଥିବା ଜୀବଜନ୍ତୁଙ୍କୁ ଦୀର୍ଘଦିନ ଧରି ନିରୀକ୍ଷଣ କରାଯାଉଛି। ସ୍ତନ୍ୟପାୟୀ, ପକ୍ଷୀ, ସରୀସୃପ, ଶାକାହାରୀ, ସର୍ବଭୁକ୍, ମାଂସାହାରୀଙ୍କ ଗତିବିଧିକୁ ପୃଥକ୍ ପୃଥକ୍ ଭାବେ ଅଧ୍ୟୟନ କରାଯାଉଛି। ଆମ ପାଖରେ କେବଳ ସଂଖ୍ୟା ରହିଛି। ଏହାକୁ କେବଳ ବ୍ୟବସ୍ଥିତ ଢଙ୍ଗରେ ସଜାଇବାର ଆବଶ୍ୟକତା ରହିଛି। ଫଳରେ ଏହାର ତଥ୍ୟଭିତ୍ତିକ ପ୍ରାମାଣିକ ଚିତ୍ର ମିଳିପାରିବ।

ଗବେଷକମାନେ ହିମଯୁଗରେ ଦେଖାଯାଉଥିବା ଜୀବଜନ୍ତୁଙ୍କ ଉପରେ ମଧ୍ୟ ଅଧ୍ୟୟନ କରିଥିଲେ। ଏଥିରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ, ହାରାହାରି ୧୧,୦୦୦ବର୍ଷ ପୂର୍ବେ ଆଫ୍ରିକା, ଉତ୍ତର ଆମେରିକା, ଦକ୍ଷିଣ ଆମେରିକାରେ ଦେଖାଯାଉଥିବା ଜୀବଜନ୍ତୁ ୫ ହଜାର ବର୍ଷ ପୂର୍ବେ ଅଷ୍ଟ୍ରେଲିଆରେ ନିଜର ଉପସ୍ଥିତି ଜାହିର କରିଥିଲେ। ଅଧ୍ୟୟନକାରୀମାନେ ୨୨,୧୬୬ ପ୍ରଜାତିର ଜୀବଜନ୍ତୁଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଗବେଷଣା କରିଥିଲେ। ଶରୀରର ଆକାର, ଖାଦ୍ୟଜାଲିରେ ସ୍ଥିତି କିଭଳି ସେମାନଙ୍କ ଅସ୍ତିତ୍ୱକୁ ସଙ୍କଟରେ ପକାଇଥିଲା, ସେ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସେମାନଙ୍କର ହାତରେ ଲାଗିଛି। ପ୍ରାକୃତିକ ଆବାସସ୍ଥଳୀ ଉପରେ ମନୁଷ୍ୟର ଦଖଲରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି ଶାକାହାରୀ ପ୍ରାଣୀ। ହିଂସ୍ର ମେରୁଦଣ୍ଡୀ ପ୍ରାଣୀ, ମୂଷା, ଫାୟାର ଆଣ୍ଟସ୍ ସମେତ କେତେକ ଗଛଲତା ମଧ୍ୟ ଶାକାହାରୀ ପ୍ରଜାତିର ବିଲୁପ୍ତି ପଛର କାରଣ। ଏହାକୁ ବାଦ୍ ଦେଲେ ପ୍ରଦୂଷଣ, ପ୍ରାକୃତିକ ଆବାସସ୍ଥଳୀରେ ପରିବର୍ତ୍ତନ ଶାକାହାରୀ ପକ୍ଷୀଙ୍କୁ ଅତ୍ୟଧିକ ପ୍ରଭାବିତ କରିଛି। ଅସ୍ତିତ୍ୱ ବଞ୍ଚାଇବା ଲାଗି ଜଳଚର ଶିକାରୀ ପ୍ରାଣୀମାନେ ଅଧିକ ସଂଘର୍ଷ କରୁଥିବା ଏହି ଅଧ୍ୟୟନରେ ଉଲ୍ଲେଖ କରାଯାଇଛି।

# ଡରାଉଛି ହୁଇୟାଙ୍ଗ୍‌ଶାନ ବନୟାଙ୍ଗ୍ ଭାଇରସ୍

ବେଜିଂ: କରୋନା ମହାମାରୀ ସଂକ୍ରମଣର ଏନ୍ତୁଡ଼ିଶାଳ ପାଲଟିଥିବା ଚାଇନା ଉପରେ ପୁଣି ଏକ ନୂଆ ବିପଦ ମାଡ଼ି ଆସୁଛି। ଏଠାରେ ନୂଆ ସଂକ୍ରମଣରେ ୬୦ ଜଣ ଆକ୍ରାନ୍ତ ହୋଇଥିବାବେଳେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଗ୍ଲୋବାଲ ଟାଇମ୍ସ ରିପୋର୍ଟ ଅନୁସାରେ ପୂର୍ବ ଚାଇନାର ଜିୟାଙ୍ଗଶୁ ଏବଂ ଅନଶୁଇ ପ୍ରଦେଶରେ ହୁଇୟାଙ୍ଗ୍‌ଶାନ ବନୟାଙ୍ଗ୍ ଭୂତାଣୁ ସଂକ୍ରମଣ ଆରମ୍ଭ ହୋଇଛି। ଏହାକୁ ଏସ୍‌ଏଫ୍‌ଟିଏସ୍ ଭୂତାଣୁ ମଧ୍ୟ କୁହାଯାଉଛି। ଏକ ପ୍ରକାର କୀଟ କାମୁଡ଼ାରୁ ଏହି ଭୂତାଣୁ ସଂକ୍ରମିତ ହୋଇଥାଏ। ଏହି ଭୂତାଣୁ ଦ୍ୱାରା ଶରୀରର ଉତ୍ତାପ ବୃଦ୍ଧି ପାଇବା ସହିତ କାଶ, ଡାଇରିଆ ଏବଂ ବାନ୍ତି ହୋଇଥାଏ।



**କରୋନା ପରେ ଚାଇନାରେ ମାଡ଼ିଚାଲିଛି**

ଧୀରେଧୀରେ ରକ୍ତରେଥିବା ଲ୍ୟୁକୋସାଇଟ୍ ମାତ୍ରା କମିବାରେ ଲାଗିଥାଏ। ଏହାପରେ ମଲ୍ଟି ଅର୍ଗାନ୍ ଫେଲ୍ୟୁର ହୋଇଥାଏ। ଏହି ଭୂତାଣୁ କବଳରୁ ଚାଇନା ୨୦୧୧ରେ ମୁକ୍ତ ହୋଇଥିଲା। ତେବେ ପୁଣି ୯ ବର୍ଷ ପରେ ଏହା ପ୍ରଭାବ ଦେଖିବାକୁ ମିଳିଛି। ସଂକ୍ରମିତ ମଣିଷଙ୍କଠାରୁ ଏହି ଭୂତାଣୁ ସୁସ୍ଥ ଲୋକଙ୍କୁ ବ୍ୟାପିଥାଏ ବୋଲି ଜେଝିୟାଙ୍ଗ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡାକ୍ତର ଶେଙ୍ଗ୍ ଜିଫାଙ୍ଗ୍ ସୂଚନା ଦେଇଛନ୍ତି। ଏହି ଭୂତାଣୁ ଜାପାନ, ଭିଏତ୍‌ନାମ୍, ଦକ୍ଷିଣ କୋରିଆ, ତାଇୱାନ୍ ଆଦି ଦେଶରେ ଦେଖାଯାଇଥାଏ । ଏହି ଭୂତାଣୁର ଫର୍ଟିଲିଟି ହାର ୧୨ ପ୍ରତିଶତ ରହିଥାଏ ବୋଲି ବିଶେଷଜ୍ଞ କହିଛନ୍ତି।

# ଅମାନିଆ ଦେଖିବେ ଟ୍ରାଫିକ୍ ଫିଲ୍ମ

**ଫରିଦାବାଦ**

ଟ୍ରାଫିକ୍ ନିୟମ ପାଳନ କରୁ ନ ଥିବା ଅମାନିଆଙ୍କ ପାଇଁ ହରିୟାଣାର ଫରିଦାବାଦ ପୋଲିସ ପକ୍ଷରୁ ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ଜରିମାନା ଦେଇ ମଧ୍ୟ ଅମାନିଆ ସୁଧୁରୁ ନ ଥିବାରୁ ଏବେ ସେମାନଙ୍କୁ ପାନେ ଦେବାକୁ ଟ୍ରାଫିକ୍ ପୋଲିସ ଚିନ୍ତା କରିଛନ୍ତି। ଏଭଳି ଅମାନିଆଙ୍କୁ ଧରି କଣ୍ଟ୍ରୋଲ ରୁମ୍‌ରେ ଟ୍ରାଫିକ୍ ନିୟମ ସମ୍ପର୍କିତ ୨ ଘଣ୍ଟିଆ ଫିଲ୍ମ ଦେଖାଯିବ। ପୂରା ଫିଲ୍ମ ଦେଖିବା ପରେ ଅମାନିଆଙ୍କୁ ଛାଡ଼ି ଦିଆଯିବ। ଅମାନିଆଙ୍କୁ

**ଫରିଦାବାଦ୍ ପୋଲିସର ନୂଆ ନିୟମ**

୨ ଘଣ୍ଟା ଏଭଳି ରୋକା ଯିବା ପରେ ସେମାନେ ପରବର୍ତ୍ତୀ ସମୟରେ ଏଭଳି ଭୁଲ୍ ଦୋହରାଇବେ ନାହିଁ ବୋଲି ପୋଲିସ କମିଶନର ଓ.ପି. ସିଂ ସୂଚନା ଦେଇଛନ୍ତି। ଫରିଦାବାଦ୍ ପୋଲିସ ପକ୍ଷରୁ ଅମାନିଆଙ୍କ ଲାଗି କରାଯାଇଥିବା ଏହି ନୂଆ ଦଣ୍ଡ ବ୍ୟବସ୍ଥା ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



# ରେଲୱେ ଟ୍ରାକ୍‌ରେ ଚାଲିଲା ବୋଟ୍

ମୁମ୍ବାଇ: କରୋନା ମହାମାରୀ ସଂକ୍ରମଣ ଯୋଗୁ ମହାରାଷ୍ଟ୍ର ସ୍ଥିତି ଉଗ୍ରରୂପ ଧାରଣ କରିଥିବାବେଳେ ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିଛି। ଲୋକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏମିତିକି ରେଳଯାତ୍ରା ମଧ୍ୟ ପ୍ରଭାବିତ ହୋଇଛି। ଅନେକ ସ୍ଥାନରେ ଟ୍ରେନ୍‌ଗୁଡ଼ିକ ଅଟକି ରହିଥିବାବେଳେ କେତେକ ରୁଟ୍‌ରେ ଯାତ୍ରା ବାତିଲ ମଧ୍ୟ କରାଯାଇଛି। ରେଲ୍‌ୱେ ଟ୍ରାକ୍ ସମ୍ପୂର୍ଣ୍ଣ ଭାବେ ବୁଡ଼ିରହିଛି। ଲୋକାଲ ଟ୍ରେନ୍ ଏବଂ ଷ୍ଟେଶନରେ ଥିବା କର୍ମଚାରୀଙ୍କୁ ଉଦ୍ଧାର କରିବା ଲାଗି ରେଲୱେ ଟ୍ରାକ୍‌ରେ ଉଦ୍ଧାରକାରୀ ଦଳ ବୋଟର ସହାୟତା ନେଇଛନ୍ତି। ୧୫୦ରୁ ଅଧିକ ଯାତ୍ରୀଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ରେଲୱେ ଟ୍ରାକ୍‌ରେ ବୋଟ୍ ଚାଲୁଥିବାର ଫଟୋ ଏବଂ ଭିଡ଼ିଓ ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।



# ମଣିଷଙ୍କ ଭଳି ଘୁମାଉଛି ମାଙ୍କଡ଼



**ନୂଆଦିଲ୍ଲୀ**

ଅନେକ ସମୟରେ ଜୀବଜନ୍ତୁମାନଙ୍କର ବିରଳ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ଧରି ରଖିହୁଏ, ଯାହାକୁ ପରେ ଦେଖିବା ପାଇଁ ବହୁତ ମଜା ଲାଗେ। ଏମିତି ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ମଣିଷ ଭଳି ଏକ ମାଙ୍କଡ଼ ମଧ୍ୟ ଘୁମାଉଥିବାର ଏକ ଭିଜୁଆଲ୍ ଏବେ ଭାଇରାଲ୍ ହେବାରେ ଲାଗିଛି।

ଅନେକ ସମୟରେ ମଣିଷମାନେ ଘୁମାଇପଡ଼ନ୍ତି ଓ ଏକ ଅସ୍ୱାଭାବିକ ମୁହୂର୍ତ୍ତକୁ ସାମ୍ନା କରିଥାନ୍ତି। ଅବଶ୍ୟ ଘୁମାଉଥିବାବେଳେ ହଠାତ୍ ସେମାନେ ନିଜେ ସତର୍କ ହୋଇ ଚମକି ପଡୁଥିବା ବି ପ୍ରାୟ ସମସ୍ତଙ୍କର ଅନୁଭବ ରହିଥିବ। ତେବେ ଏଭଳି ଏକ ଘଟଣା ମାଙ୍କଡ଼ ସହିତ ବି ହୋଇପାରେ। ଭିଡିଓରେ ଘୁମାଉଥିବା ମାଙ୍କଡଟି ଏକ ଗଛ ମୂଳରେ ସୁନ୍ଦର ଭାବରେ ଏକୁଟିଆ ବସି ଘୁମାଉଛି। କିଛି ସମୟ ପରେ ମାଙ୍କଡ଼ଟି ହଠାତ୍ ଚମକି ପଡ଼ି ଉଠିଯାଉଛି। ମାଙ୍କଡ଼ଟିର ଏଭଳି ଭିଡିଓଟିକୁ ଦେଖିବା ବେଶ୍ ମଜାଦାର ହୋଇପାରିଛି। ସେଥିପାଇଁ ଏହାକୁ ସୋସିଆଲ୍ ମିଡିଆରେ ଶେୟାର କରିବା ପରେ ଏହା ଭାଇରାଲ୍ ହେବାରେ ଲାଗିଛି। ଏହାକୁ ପ୍ରଥମେ ଶେୟାର କରିଥିଲେ ଆଇଏଫ୍‌ଏସ୍ ଅଫିସର ସୁଧା ରମଣ। ଏହାପରେ ଅନେକେ ଏହି ଭିଡିଓକୁ ଶେୟାର କରିବା ସହ ସୁନ୍ଦର କମେଣ୍ଟ ମଧ୍ୟ ଦେବାରେ ଲାଗିଛନ୍ତି। ଅଧିକାଂଶ ଲୋକ ମାଙ୍କଡ଼କୁ ଦେଖି ନିଜର ଅନୁଭୂତି ଶେୟାର କରିଛନ୍ତି। କିଏ କେଉଁ ସମୟରେ ଏଭଳି ଘୁମାଇଛନ୍ତି ଏବଂ ସେତେବେଳେ କି ପରିସ୍ଥିତିର ସାମ୍ନା କରିଥିଲେ ସେନେଇ ସୋସିଆଲ୍ ମିଡିଆରେ ଅନୁଭୂତି ପ୍ରକାଶ କରିଛନ୍ତି। ଜୀବନରେ ଏଇ ଛୋଟ ଛୋଟ ମୁହୂର୍ତ୍ତ ଅନେକଙ୍କୁ ରିଲାକ୍ସ ମଧ୍ୟ କରିଛି। ତେବେ ମାଙ୍କଡର ଏହି ଭିଜୁଆଲ ଏବେ ଦେଖିବା ମାତ୍ରେ ଯାହା ବି ହେଉ ମଜାର ଖୋରାକ ଆଣିପାରିବ ନିଶ୍ଚୟ।

Happy Birthday Baba



ରାଧାକ୍ରିଷ୍ଣ ଦାଶ
ଖୋଡାସିଙ୍ଗି, ବ୍ରହ୍ମପୁର
ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବାବା ଦୀର୍ଘାୟୁ ନୀରୋଗ ଏବଂ ସୁସର୍ବଦା ଖୁସୀ ରୁହନ୍ତୁ।
—:ଶୁଭେଚ୍ଛା ସହ:—
ବନ୍ଧୁ ଓ ପରିବାରବର୍ଗ ।
ଧ-୧୭୮୯୫

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



(ଗୁଡ଼ି)
ଆଶିଲିପ୍ସା ଓଝା
ନୂଆହାଟ, ଜାବେରା, ଯାଜପୁର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛିକି ତୋର ଚଲାପଥ କୁସୁମିତ ହେଉ।
—:ଶୁଭେଚ୍ଛା ସହ:—
ଜେଜେ, ବାପା, ମାମା, ବଡ଼ ବାପା, ବଡ଼ ବୋଉ, ମଉସା, ମାଉସୀ, ପିଉସା, ପିଉସୀ, ଅଜା, ଆଈ, ମାମୁ, ବାବି, ବେବୁ, ସାନୁ, ଗୁଲୁ, ବେବ୍, ବର୍ଷା ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୧୩୯

Birthday Wish



Rohit Ranjan Patro
Happy Birthday to an amazing person. May your birthday be sprinkled with fun, love and laughter. Enjoy your day to the fullest.
D-66645

# ଆଇପିଏଲ୍ ଉତ୍ସାହ

**ଇଂଲଣ୍ଡ– ଓ୍ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜ ସହ ଦୀର୍ଘ ୪ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିଛି। କିନ୍ତୁ ଭାରତୀୟ କ୍ରିକେଟରମାନେ ଏପର୍ଯ୍ୟନ୍ତ ଆକ୍ସନକୁ ଫେରି ପାରିନାହାନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ ଏମାନଙ୍କ ଲାଗି ଆଶାର କିରଣ ସାଜିଛି । କ୍ରିକେଟପ୍ରେମୀଙ୍କ ମନରେ ଖୁସି ଦେଖାଦେଇଛି। ଫଟାଫଟ କ୍ରିକେଟର ମଜାନେବାକୁ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି...**



ନିର୍ମଳ କୁମାର ମିଶ୍ର



କୋଭିଡ୍-୧୯ ସଂକ୍ରମଣ ପାଇଁ ପାଖାପାଖି ୪ ମାସର ବ୍ରେକ୍ ପରେ ଇଂଲଣ୍ଡରେ ପ୍ରଥମେ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ ହୋଇଛି। ଜୈବ ସୁରକ୍ଷିତ ପରିବେଶରେ କୋଭିଡ୍-୧୯ ଗାଇଡଲାଇନ୍ ଅନୁସାରେ ଇତିମଧ୍ୟରେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ଓ ଆୟର୍ଲାଣ୍ଡ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ ଖେଳି ସାରିଛି ଇଂଲଣ୍ଡ। ଏବେ ଇଂଲଣ୍ଡ-ପାକିସ୍ତାନ ଟେଷ୍ଟ ସିରିଜ ଆରମ୍ଭ ହୋଇଛି। ତେବେ ଭାରତୀୟ କ୍ରିକେଟରମାନେ ଏପର୍ଯ୍ୟନ୍ତ ଆକ୍ସନକୁ ଫେରିବା ସମ୍ଭବ ହୋଇନାହିଁ। ଭାରତରେ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ଶୀର୍ଷସ୍ଥାନୀୟ କ୍ରିକେଟରମାନେ ଅଭ୍ୟାସକୁ ମଧ୍ୟ ଓହ୍ଲାଇପାରି ନାହାନ୍ତି। ଭାରତୀୟ କ୍ରିକେଟପ୍ରେମୀଙ୍କ ପାଇଁ ଆଶାର କିରଣ ସାଜିଛି ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)। ଟି୨୦ ବିଶ୍ୱକପ ଆସନ୍ତା ବର୍ଷକୁ ଘୁଞ୍ଚି ଯିବା ଯୋଗୁ ଆଇପିଏଲ ପାଇଁ ୱିଣ୍ଡୋ ମିଳିଛି। ଭାରତରେ ଏବର୍ଷ ଏହି ବ୍ୟୟବହୁଳ ଲିଗ୍ ସମ୍ଭବ ହେଉ ନ ଥିବାରୁ ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ସରକାରୀ ଅନୁମତି ମିଳି ସାରିଛି। ତେବେ ଭାରତ-ଚାଇନା ମଧ୍ୟରେ କୂଟନୈତିକ ଉତ୍ତେଜନା ବୃଦ୍ଧି ପାଇଥିବାରୁ ଚାଇନିଜ୍ ମୋବାଇଲ୍ କମ୍ପାନୀ ଭିଭୋକୁ ଏଇ ବର୍ଷ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟାଇଟଲ୍ ସ୍ପନ୍ସରସିପ୍‌ରୁ ସସ୍‌ପେଣ୍ଡ କରିଛି। ଏହା ଏବେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଥିବାବେଳେ ବିସିସିଆଇ ବିକଳ୍ପ ସନ୍ଧାନରେ ରହିଛି। ଏଥର ଆଇପିଏଲ ବିଦେଶରେ ହେବାକୁ ଥିଲେ ମଧ୍ୟ କ୍ରିକେଟପ୍ରେମୀଙ୍କ ମନରେ ଖୁସି ଦେଖାଦେଇଛି। ଫଟାଫଟ କ୍ରିକେଟର ମଜାନେବାକୁ ସେମାନେ ଚାତକ ପରି ଚାହିଁ ରହିଥିଲେ। ସେମାନଙ୍କର ସ୍ୱପ୍ନ ବାସ୍ତବ ରୂପ ନେବାକୁ ଯାଉଛି।

କରୋନା ସଂକ୍ରମଣଜନିତ ଲକ୍‌ଡାଉନ୍ ଏବଂ ଶଟ୍‌ଡାଉନ୍ ଯୋଗୁ ଏହାର ଆୟୋଜନକୁ ନେଇ ବିସିସିଆଇ ଆଶଙ୍କା ମଧ୍ୟରେ ଗତି କରୁଥିଲା। ଏବେ ଏହାର ଅବସାନ ଘଟିଛି। ପ୍ରାୟୋଜକଜନିତ ସମସ୍ୟା ଦେଖାଦେଇଥିଲେ ହେଁ ଏହା ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି କ୍ରିକେଟପ୍ରେମୀ ଆଶା ରଖିଛନ୍ତି।

ଆଇପିଏଲ ପାଇଁ ୫୧ଦିନର କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ଏବଂ ଲିଗ୍ କାର୍ଯ୍ୟସୂଚୀରେ କୌଣସି କାଟଛାଣ୍ଟ କରାଯାଇ ନ ଥିବାରୁ ଫ୍ରାଞ୍ଚାଇଜମାନେ ଖୁସି ବ୍ୟକ୍ତ କରିଛନ୍ତି। ଇଂଲଣ୍ଡରେ ଆୟୋଜିତ ସିରିଜଗୁଡ଼ିକ ବିନା ଦର୍ଶକରେ ଅନୁଷ୍ଠିତ ହୋଇଛି। ମାତ୍ର ଆଇପିଏଲ ଅବସରରେ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିବେ କି ନାହିଁ ତାହା ୟୁଏଇ ସରକାର ନିଷ୍ପତ୍ତି ନେବେ।

ଦୁବାଇରେ ଆଇପିଏଲ ମ୍ୟାଚ ଖେଳାଯିବା ଏହା ପ୍ରଥମ ନୁହେଁ। ପୂର୍ବରୁ ୨୦୧୪ରେ ଆଇପିଏଲର ୨୦ଟି ମ୍ୟାଚ ସେଠାରେ ଆୟୋଜିତ ହୋଇଥିଲା। ଆବୁଧାବି ଓ ଦୁବାଇରେ ୭ଟି ଲେଖାଏ ଏବଂ ଶାରଜାରେ ୬ଟି ମ୍ୟାଚ ଖେଳାଯାଇଥିଲା। ଅବଶିଷ୍ଟ ମ୍ୟାଚଗୁଡ଼ିକ ଭାରତରେ ଆୟୋଜିତ ହୋଇଥିଲା। ତେଣୁ ଦ୍ୱିତୀୟ ଥର ପାଇଁ ଆଇପିଏଲ ୟୁଏଇକୁ ଫେରିଛି। ବିଦେଶରେ ସମ୍ପୂର୍ଣ୍ଣ ଆଇପିଏଲ ଆୟୋଜନ ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ଦେଶରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୨୦୦୯ରେ ପ୍ରତିଯୋଗିତାକୁ ଦକ୍ଷିଣ ଆଫ୍ରିକାରେ ଆୟୋଜନ କରାଯାଇଥିଲା। ସେଠାରେ ଏହି ଲିଗ୍ ବେଶ୍ ସଫଳତା ମଧ୍ୟ ପାଇଥିଲା। ଆଇପିଏଲର ଏହା ଦ୍ୱିତୀୟ ସଂସ୍କରଣ ଥିଲା ଏବଂ ଏଥିରେ ଡେକାନ୍ ଚାର୍ଜର୍ସ ଚାମ୍ପିୟନ ହୋଇଥିଲା। ୨୦୦୮ରେ ଏହାର ପ୍ରଥମ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ଚାମ୍ପିୟନ ହୋଇଥିବା ବେଳେ ୨୦୧୯ ସଂସ୍କରଣରେ ଏକ ରୋମାଞ୍ଚକର ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିୟନ ହୋଇଥିଲା। ୨୦୧୩,୨୦୧୫, ୨୦୧୭ ଏବଂ ୨୦୧୯ରେ ଚାମ୍ପିୟନ ହୋଇ ମୁମ୍ବାଇ ଇଣ୍ଡିଆନ୍ସ ସର୍ବାଧିକ ସଫଳ ଦଳ ରୂପେ ରେକର୍ଡ କରିଛି।

ଏଥର ପ୍ରତିଯୋଗିତାରେ ଭାଗ ନେଉଥିବା ସମସ୍ତ ୮ଟି ଟିମ୍‌ର ଅଫିସିଆଲ ୟୁଏଇର ସମସ୍ତ ଷ୍ଟାଡିୟମ ଏବଂ ଏଥିରେ ଥିବା ସୁବିଧା ସୁଯୋଗ ବିଷୟରେ ଜାଣିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୫୧ଦିନରେ ମୋଟ ୬୦ଟି ମ୍ୟାଚ ଖେଳାଯିବ। ପୂର୍ବରୁ ଅନେକଗୁଡ଼ିଏ ଅନ୍ତର୍ଜାତୀୟ ମ୍ୟାଚ ଆବୁଧାବି, ଶାରଜା ଏବଂ ଦୁବାଇର ଷ୍ଟାଡିୟମଗୁଡିକରେ ସଫଳତାର ସହିତ ଅନୁଷ୍ଠିତ ହୋଇଛି। ବିଭିନ୍ନ ଦଳର ଖେଳାଳି ଏବଂ ଅଫିସିଆଲ୍‌ମାନେ କୋଭିଡ୍-୧୯ ଗାଇଡଲାଇନ୍ ପାଳନ କରିବା ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ୟୁଏଇ ସରକାର ଦୃଢୋକ୍ତି ପ୍ରକାଶ କରିଛନ୍ତି।

କ୍ରିକେଟପ୍ରେମୀଙ୍କ ପାଇଁ ଖୁସିର କଥା ଯେ ପ୍ରତୀକ୍ଷିତ ଆଇପିଏଲ୍ ସେପ୍ଟେମ୍ବରରେ ଆରମ୍ଭ ହେବାକୁ ଯାଉଛି। ବିସିସିଆଇର ପ୍ରସ୍ତାବକୁ ଗ୍ରହଣ କରିଥିବାରୁ ଆଇପିଏଲ୍ ଚେୟାରମ୍ୟାନ ବ୍ରିଜେଶ ପଟେଲ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

ଯୁବ ଖେଳାଳିଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। କ୍ରିକେଟ ପ୍ରେମୀମାନେ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି। କେବଳ ଭାରତୀୟ କ୍ରିକେଟର ନୁହନ୍ତି ଅନ୍ତର୍ଜାତୀୟ ସ୍ତରରେ ଅନେକ ଖେଳାଳି ଏହାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ଶନିବାର ଏବଂ ରବିବାରକୁ ଛାଡ଼ିଦେଲେ ଅନ୍ୟ ସବୁଦିନ ଗୋଟିଏ ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ବିସିସିଆଇ ସ୍ୱତନ୍ତ୍ର ଡ୍ରାଫ୍ଟ ପ୍ରସ୍ତୁତ କରିଛି। ଏହି ଡ୍ରାଫ୍ଟ ଅନୁସାରେ ୟୁଏଇରେ ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନଙ୍କୁ କୋଭିଡ୍-୧୯ ଟେଷ୍ଟରେ ଅତିକମ୍‌ରେ ୫ଥର ନେଗେଟିଭ୍ ହେବାକୁ ପଡିବ। ଏହାପରେ ଆଇପିଏଲ୍ ଖେଳିବା ଅବସରରେ ଖେଳାଳିମାନଙ୍କୁ ପ୍ରତ୍ୟେକ ୫ ଦିନରେ ଏହି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଖେଳାଳିଙ୍କ ପରିବାରବର୍ଗ ସାଥିରେ ଯିବା ନେଇ ବିସିସିଆଇ ଦଳଗୁଡିକୁ ସ୍ୱାଧୀନତା ଦେଇଛି। ତେବେ ସମସ୍ତଙ୍କୁ କଡ଼ାକଡ଼ି ଭାବେ ନିୟମ ମାନିବାକୁ ହେବ ବୋଲି ବୋର୍ଡ ତରଫରୁ ସ୍ପଷ୍ଟ କରାଯାଇଛି।

## ଆଉ ଏକ ସୁଯୋଗ

**ଭାରତୀୟ ତାରକା ରେସଲର ନରସିଂହ ଯାଦବଙ୍କ ଲାଗି ନୂଆ ଆଶା ସୃଷ୍ଟି ହୋଇଛି। ୪ ବର୍ଷ ତଳେ ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ତାଙ୍କ ଉପରେ ଜାରି କରାଯାଇଥିବା ବାସନ୍ଦ ଅବଧି ଏବେ ଶେଷ ହୋଇଛି। ରିଓ ଅଲିମ୍ପିକ୍ସ ଖେଳିବାରୁ ବଞ୍ଚିତ ହୋଇଥିବା ନରସିଂହଙ୍କ ଲାଗି ଆଉ ଏକ ସୁଯୋଗ ସୃଷ୍ଟି ହୋଇଛି। ଟୋକିଓ ଅଲିମ୍ପିକ୍ସରେ ପଦକ ଜିତି କ୍ରୀଡ଼ା ଜୀବନର କାହାଣୀ ଶେଷ କରିବା ତାଙ୍କର ଲକ୍ଷ୍ୟ।**



ନରସିଂହ ଯାଦବଙ୍କ ବାସନ୍ଦ ଅବଧି ଶେଷ ହୋଇଛି। ୪ ବର୍ଷ ତଳେ ତାଙ୍କୁ ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ବାସନ୍ଦ କରାଯାଇଥିଲା। ୨୦୧୬ ରିଓ ଅଲିମ୍ପିକ୍ସ ଠିକ୍ ପୂର୍ବରୁ ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡ଼ା) ତାଙ୍କୁ ୪ ବର୍ଷ ପାଇଁ ବାସନ୍ଦ କରିଥିଲା, ଯାହା ଫଳରେ ସେ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ। ସେତେବେଳେ ସାରା ଦେଶର କ୍ରୀଡ଼ାପ୍ରେମୀ ଏହି ଘଟଣାରେ ନିରାଶ ହୋଇଥିଲେ। ରିଓ ଅଲିମ୍ପିକ୍ସ ପୂର୍ବରୁ ନରସିଂହ ଓ ଦୁଇଥର ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାରଙ୍କ ମଧ୍ୟରେ ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ରିଓ ଅଲିମ୍ପିକ୍ ପାଇଁ ଘୋଷିତ ଭାରତୀୟ ଦଳରେ ଏହି ଦୁଇ ରେସଲର ୭୪ କେ.ଜି. ବର୍ଗ ସ୍ଥାନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏପରି କି ସେ କୋର୍ଟର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ସୁଶୀଲ ଧୋକା ଦେଇଥିବା ନରସିଂହ ଅଭିଯୋଗ ଆଣିଥିଲେ। ତେବେ ନରସିଂହ ବାସନ୍ଦ ହେବା ପରେ ଏହି କାହାଣୀର ଏକପ୍ରକାର ଅନ୍ତ ହୋଇଥିଲା।

ମାତ୍ର ୧୩ ବର୍ଷ ବୟସରୁ ରେସଲି ଆରମ୍ଭ କରିଥିବା ନରସିଂହଙ୍କ କ୍ୟାରିୟରକୁ ଏହି ବାସନ୍ଦାଦେଶ ସେତେବେଳେ ଶେଷ କରିଦେଇଥିଲା ବୋଲି କୁହାଯାଉଥିଲା। କାରଣ ସେତେବେଳେ ନରସିଂହଙ୍କୁ ୨୬ ବର୍ଷ ହୋଇଥିଲା ଓ ସେ କ୍ୟାରିୟରର ଶୀର୍ଷରେ ରହିଥିଲେ। କୋଭିଡ୍-୧୯ ମହାମାରୀ କାରଣରୁ ଟୋକିଓ ଅଲିମ୍ପିକ୍ସକୁ ଘୁଞ୍ଚାଇ ଦିଆଯାଉଥିବାରୁ ନରସିଂହଙ୍କ ପାଇଁ ନୂଆ ଆଶା ସଞ୍ଚାର ହୋଇଛି। ଅଲିମ୍ପିକ୍ସ ସ୍ଥଗିତ ରହିଥିବାରୁ ପ୍ରସ୍ତୁତ ପାଇଁ ତାଙ୍କ ପାଖରେ ଗୋଟିଏ ବର୍ଷ ହାତରେ ରହିଛି।

ଗତ ସପ୍ତାହରେ ନରସିଂହ ୱାଡା ତରଫରୁ ଏ ସଂକ୍ରାନ୍ତ ଅଫିସିଆଲ ଇମେଲ୍ ପାଇଥିଲେ। ଏବେ ସେ ସବୁ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ପଥ ପରିଷ୍କାର ହୋଇଛି। ପୁଣି ଥରେ ରେସଲିଂ ଆରମ୍ଭ କରିବା ଉପରେ ନରସିଂହ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ୭୪ କେ.ଜି. ବର୍ଗରେ ଆଗକୁ ଆୟୋଜନ ହେବାକୁ ଥିବା ଜାତୀୟ କ୍ୟାମ୍ପରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେବାକୁ ସେ ରେସିଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ)କୁ ଚିଠି ଲେଖି ଜଣାଇଛନ୍ତି। ୱାଡା ତରଫରୁ ସେ ପାଇଥିବା ଇମେଲ ନେଇ ଫେଡେରେଶନକୁ ସେ ଅବଗତ କରାଇଛନ୍ତି।

ରେସଲିଂର ସବୁ ପ୍ରକାର ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ସେ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ବୋଲି ନରସିଂହ କହିଛନ୍ତି। ଏବେ ବିଶ୍ୱ ଚାମ୍ପିୟନଶିପ୍ ଖେଳି ଅନ୍ତର୍ଜାତୀୟ ରେସଲିଂକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ସେ ରହିଛନ୍ତି। ଆଗାମୀ ଡିସେମ୍ବରରେ ସର୍ବିଆର ବେଲଗ୍ରେଡ୍‌ରେ ବିଶ୍ୱ ଚାମ୍ପିୟନଶିପ୍ ଖେଳାଯିବ। ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ପଦକ ଜିତିବା ମୋର ମୁଖ୍ୟ ଲକ୍ଷ୍ୟ ରହିଛି। ଏକ ଅଲିମ୍ପିକ୍ ପଦକ ସହ ମୋର କାହାଣୀ ଶେଷ ହେବ ବୋଲି ସେ କହିଛନ୍ତି। ଭାଗ୍ୟଦେବୀ ପୁଣି ଦ୍ୱାର ଖୋଲିଛନ୍ତି। ତେବେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆହୁରି କଠିନ ପରିଶ୍ରମ କରିବାକୁ ହେବ ବୋଲି ଜାଣିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ମଧ୍ୟ ନରସିଂହଙ୍କୁ ସ୍ୱାଗତ କରିଛି।

## ଭିଭୋ ସହ ବର୍ଷକ ପାଇଁ ପାର୍ଟନରଶିପ୍ ସସ୍‌ପେଣ୍ଡ କଲା ବିସିସିଆଇ

ନୂଆଦିଲ୍ଲୀ, ୬।୮ (ପି.ଟି.)

ଭାରତ ଓ ଚାଇନା ମଧ୍ୟରେ କୂଟନୈତିକ ଉତ୍ତେଜନା ଦେଖା ଦେଇଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚାଇନିଜ ମୋବାଇଲ କମ୍ପାନୀ ଭିଭୋ ସହିତ ବର୍ଷକ ପାଇଁ ଆଇପିଏଲ୍ ଟାଇଟଲ ପାର୍ଟନରଶିପ୍‌କୁ ସସ୍‌ପେଣ୍ଡ କରିଛି। ଭିଭୋ ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ସହ ସମ୍ପୃକ୍ତ ରହିବ ନାହିଁ ବୋଲି ବିସିସିଆଇ ଏକ ଧାଡ଼ିକିଆ ବିବୃତିରେ କହିଛି। ଅନ୍ୟପକ୍ଷରେ କମ୍ପାନୀ ତରଫରୁ କୁହାଯାଇଛି ବର୍ତ୍ତମାନ ପରିସ୍ଥିତିରେ ୨୦୨୦ ସିଜନ ଆଇପିଏଲ୍ ପାର୍ଟନରଶିପ୍‌କୁ ରୋକାଯାଇଛି। ଭିଭୋ ମୋବାଇଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ବର୍ଷ ପିଛା ହାରାହାରି ୪୪୦ କୋଟି ଟଙ୍କା ଏବଂ ମୋଟ ଉପରେ ୨୧୯୦କୋଟି ଟଙ୍କା ବିନିମୟରେ ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଆଇପିଏଲ୍ ଟାଇଟଲ ସ୍ପନସରଶିପ୍ ସ୍ୱତ୍ୱାଧିକାର ହାସଲ କରିଥିଲା। ଦୁଇପକ୍ଷ ଏକ ଯୋଜନା କାର୍ଯ୍ୟକାରୀ କରିବା ଲାଗି ବିଚାର କରୁଛନ୍ତି। ତଦନୁସାରେ ୨୦୨୧ ଆରମ୍ଭରେ ଭିଭୋ ସଂଶୋଧିତ ସର୍ତ୍ତାବଳୀ ସହ ସାନି ୩ବର୍ଷିଆ ଚୁକ୍ତି କରିପାରେ। ହେଲେ ବିସିସିଆଇର ଜଣେ ଟପ୍ ଅଫିସିଆଲ ଭିନ୍ନ ମତପୋଷଣ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ଦୁଇ ପଡୋଶୀ ମଧ୍ୟରେ କୂଟନୈତିକ ଉତ୍ତେଜନା ବିଷୟରେ ଆମେ ଆଲୋଚନା କରୁଛେ। ତେଣୁ ନଭେମ୍ବରରେ ଆଇପିଏଲ୍ ଶେଷ ହେଲେ ଏବଂ ୨୦୨୧ ଏପ୍ରିଲରେ ପରବର୍ତ୍ତୀ ଆଇପିଏଲ୍ ଆରମ୍ଭ ମଧ୍ୟରେ ସାନି ଚୁକ୍ତି ବିଷୟରେ ଆଲୋଚନା କରାଯାଇପାରେ। ଇଷ୍ଟର୍ନ ଲଦାଖରେ ଚାଇନିଜ୍ ଓ ଭାରତୀୟ ସେନାଙ୍କ ମଧ୍ୟରେ ସଂଘର୍ଷ ଘଟିବା ପରେ ଦେଶରେ ଚାଇନା ବିରୋଧୀ ମନୋଭାବ ଶୀର୍ଷରେ ପହଞ୍ଚିଥିଲା। ଏଥିରେ ଭାରତର ୨୦ଜଣ ଯବାନ ଶହୀଦ ହୋଇଥିବାବେଳେ ଚାଇନା କିନ୍ତୁ ଏହାର ମୃତାହତଙ୍କ ସଂଖ୍ୟା ପ୍ରକାଶ କରି ନାହିଁ। ପ୍ରକୃତ ନିୟନ୍ତ୍ରଣରେଖା ନିକଟରେ ପରିସ୍ଥିତି ସ୍ୱାଭାବିକ ହୋଇ ନ ଥିବାରୁ ଭାରତରେ ବିଭିନ୍ନ ମହଲରୁ ଚାଇନିଜ୍ କମ୍ପାନୀ ଏବଂ ଏହାର ଉତ୍ପାଦକୁ ବର୍ଜନ କରିବା ଲାଗି ଆହ୍ୱାନ ଦିଆଯାଇଛି। ବିସିସିଆଇ ବର୍ତ୍ତମାନ ଏହାର ସମ୍ବିଧାନ ଅନୁସାରେ ନୂଆ ଆଇପିଏଲ୍ ସ୍ପନସର ଲାଗି ଟେଣ୍ଡର କରିବ। କୋଭିଡ୍-୧୯ ଯୋଗୁ ଚଳିତବର୍ଷ ଏହି ବ୍ୟୟବହୁଳ ଟି୨୦ ଲିଗ୍ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ବୈଠକ ବସିଥିଲା। ଭିଭୋ ସମେତ ଅନ୍ୟ ସମସ୍ତ ପ୍ରାୟୋଜକଙ୍କ ସହିତ ଚୁକ୍ତି କାଏମ ରହିବ ବୋଲି ଏଥିରେ ସ୍ଥିର କରାଯାଇଥିଲା। କିନ୍ତୁ ଗଲୱାନ ଉପତ୍ୟକାରେ ଉତ୍ତେଜନା ପରେ ବିସିସିଆଇ ଜୁନ୍‌ରେ ଘୋଷଣା କରିଥିଲା ଯେ, ଆଇପିଏଲ୍ ସହିତ ହୋଇଥିବା ସମସ୍ତ ଚୁକ୍ତିର ସମୀକ୍ଷା ହେବ। ପରେ ରବିବାର ବୈଠକରେ ବିସିସିଆଇ ଭିଭୋକୁ ରଖିବା ଲାଗି ନିଷ୍ପତ୍ତି ନେବାପରେ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉଭୟ ପକ୍ଷ ଆପୋସ ବୁଝାମଣା ଭିତ୍ତିରେ ଅତିକମ୍‌ରେ ଏହି ସିଜନ ପାଇଁ ଅଲଗା ରହିବା ଲାଗି ସ୍ଥିର କରିଥିଲେ। ଅନ୍ୟପକ୍ଷରେ ଭିଭୋ ବାର୍ଷିକ ସ୍ପନସରଶିପ୍‌ର ଅଧା ୮ଟି ଫ୍ରାଞ୍ଚାଇଜକୁ ୨୭.୫ କୋଟି ଟଙ୍କା ଲେଖାଏ ବାଣ୍ଟି ଦିଆଯାଇଛି। ମାତ୍ର ନୋଟିସ ଜରିଆରେ ସ୍ୱଳ୍ପ ସମୟ ମଧ୍ୟରେ ଏହି ଅର୍ଥ ଫେରାଇ ଆଣିବା ସହଜ ନୁହେଁ। ଭିଭୋର ପ୍ରସ୍ଥାନ ଯୋଗୁ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ପ୍ରାୟ ୧୫ କୋଟି ଟଙ୍କା ଲେଖାଏ ହରାଇ ପାରନ୍ତି। ଚଳିତ ବର୍ଷ ସମସ୍ତଙ୍କ ପାଇଁ ସମସ୍ୟା ରହିବ। ତଥାପି ଟୁର୍ନାମେଣ୍ଟ ହେବ ବୋଲି ବିସିସିଆଇ ଅଫିସିଆଲ ଜଣକ କହିଛନ୍ତି।




## ପ୍ରସ୍ତୁତି ଆରମ୍ଭ

ଦୁବାଇରେ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ୍) ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଟୁର୍ନାମେଣ୍ଟର ଗଭର୍ନିଂ କାଉନ୍‌ସିଲ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜର୍ସ(ଏସ୍‌ଓପି) ଡ୍ରାଫ୍ଟ ପଠାଇବାପରେ କିଛି ଆଇପିଏଲ୍ ମାଲିକ ନିଜ ଭିତରେ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ସେମାନେ ପ୍ରୋଟୋକଲ ଅନୁସାରେ କ୍ୱାରାଣ୍ଟାଇନ୍ ଆଦି ବିଭିନ୍ନ କାର୍ଯ୍ୟକଳାପ ଆରମ୍ଭ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଏକ ହୋଟେଲରେ ଏହାର ଭାରତୀୟ ଖେଳାଳିଙ୍କ କ୍ୱାରାଣ୍ଟାଇନ୍ ଆରମ୍ଭ କରିଛି। ନିୟମ ଅନୁସାରେ କୋଭିଡ୍-୧୯ ଟେଷ୍ଟ ମଧ୍ୟ କରାଯିବା କାର୍ଯ୍ୟକ୍ରମ ରହିଛି। ଯେଉଁ ଖେଳାଳି କ୍ୱାରାଣ୍ଟାଇନ୍ ଅବଧି ପୂରଣ କରିବେ ସେମାନଙ୍କୁ ନଭି ମୁମ୍ବାଇଠାରେ ଅଭ୍ୟାସ ପାଇଁ ଅନୁମତି ମିଳିବ। ରାଜସ୍ଥାନ ରୟାଲ୍ସ ମଧ୍ୟ ଆଗାମୀ ୨ ସପ୍ତାହ ମଧ୍ୟରେ ଏହାର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ କୋଭିଡ୍-୧୯ ଟେଷ୍ଟ ପାଇଁ ଯୋଜନା କରିଛି। ଦୁବାଇ ଯିବା ପୂର୍ବରୁ ଏହା ବାଧ୍ୟତାମୂଳକ ହୋଇଥିବାରୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଏହାକୁ ଗୁରୁତ୍ୱର ସହ ନେଉଛନ୍ତି। ଅନ୍ୟ ଏକ ଫ୍ରାଞ୍ଚାଇଜ୍ ଏହାର ଭାରତୀୟ ଖେଳାଳିଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦେଇଛି। ଏହି ଫ୍ରାଞ୍ଚାଇଜ୍ ଏକ ସମୟରେ ସବୁ ଖେଳାଳିଙ୍କ କୋଭିଡ୍-୧୯ ଟେଷ୍ଟ କରିବାକୁ ନିଷ୍ପତ୍ତି ନେଇଛି।

‘‘ବର୍ତ୍ତମାନ ପରିସ୍ଥିତିରେ ଆଉଟଡୋର ଟ୍ରେନିଂ ସମ୍ଭବ ନୁହେଁ। ଏସ୍‌ଓପି ଡ୍ରାଫ୍ଟ ଅନୁସାରେ ଏବେ ସବୁକିଛିକୁ ନେଇ ଅନିଶ୍ଚିତତା ଥିବାରୁ ଆମେ ସାବଧାନତା ଅବଲମ୍ବନ କରୁଛୁ। ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରିଛୁ। ଆମେ ଆମର ଉଦ୍‌ବେଗ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ୍‌କୁ ଜଣାଇ ଦେଇଛୁ। ଚଳିତ ସପ୍ତାହ ଶେଷସୁଦ୍ଧା ସବୁକିଛି ସ୍ପଷ୍ଟ ହୋଇଯିବାନେଇ ଆଶା ରହିଛି। ଯାହାଦ୍ୱାରା ଆମେ ଯୋଜନା ପ୍ରସ୍ତୁତ କରିପାରିବୁ’’ ବୋଲି ଏକ ଫ୍ରାଞ୍ଚାଇଜ୍ ସୂତ୍ରରୁ ପ୍ରକାଶ କରାଯାଇଛି। ଆଇପିଏଲ ପାଇଁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନଙ୍କୁ ପ୍ରଥମେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଏହା ବ୍ୟତୀତ ସମସ୍ତଙ୍କର ୪ ଥର କୋଭିଡ୍-୧୯ ଟେଷ୍ଟ ହେବ। ତା’ ପରେ ଯାଇ ୟୁଏଇରେ ସେମାନେ ଟ୍ରେନିଂ ଆରମ୍ଭ କରିପାରିବେ। କେତେକ ଫ୍ରାଞ୍ଚାଇଜ୍ କ୍ୱାରାଣ୍ଟାଇନ୍ ଅବଧିକୁ କମାଇ ୟୁଏଇର ଜୈବ-ସୁରକ୍ଷିତ ପରିବେଶରେ ପ୍ରବେଶ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିବା ଜଣାଯାଇଛି।

ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ମଧ୍ୟରେ ଆଇପିଏଲ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ୭ ଦିନିଆ କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ ହେଲେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏହାର ପ୍ରଥମ ୨ଟି ମ୍ୟାଚ ପାଇଁ ଡେଭିଡ ୱାର୍ନର ଓ ଜନି ବେୟାରଷ୍ଟୋଙ୍କ ସେବାରୁ ବଞ୍ଚିତ ହେବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟି୨୦ ସିରିଜ ସେପ୍ଟେମ୍ବର ୧୫ରେ ଶେଷ ହେବ। ଏହା ପରେ ଯାଇ ଏହି ଦୁଇ ଖେଳାଳି ୟୁଏଇ ଆସିପାରିବେ। ସେତବେଳକୁ ଆଇପିଏଲ ସିଜନ ଆରମ୍ଭ ହେବାକୁ ମାତ୍ର ୪ ଦିନ ସମୟ ଥିବ। ଏହା ବ୍ୟତୀତ ଖେଳାଳିଙ୍କୁ ନେଇ ବିଜ୍ଞାପନ ଶୁଟିଂ ଓ ପ୍ରମୋଶନାଲ କାର୍ଯ୍ୟକଳାପ ପାଇଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। କାରଣ ୟୁଏଇ ଗସ୍ତ ଏବଂ ବିଜ୍ଞାପନ ଶୁଟିଂ ମଧ୍ୟରେ ୧୦ ଦିନ ଅନ୍ତର ରହିବା ଆବଶ୍ୟକ। ଶୁଟିଂ କେବଳ ଏକ ଫାଇଭ୍‌ଷ୍ଟାର ହୋଟେଲର ବଲ୍‌ରୁମ୍‌ରେ ହୋଇପାରିବ। ସାମାଜିକ ଦୂରତ୍ୱ ନିୟମ ଅନୁସାରେ ସେହି ସ୍ଥାନକୁ ଏକ ସମୟରେ କେବଳ ୫ ସଦସ୍ୟ ଯାଇ ପାରିବେ ଏବଂ ଫିଜିକାଲ କଣ୍ଟାକ୍ଟରୁ ଦୂରେଇ ରହିବାକୁ ହେବ। ଏ ସମ୍ପର୍କରେ ଆଲୋଚନା ପାଇଁ ଫ୍ରାଞ୍ଚାଇଜ୍‌ମାନେ ଶୁକ୍ରବାର ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଆଇପିଏଲ ଗଭର୍ନିଂ କାଉନ୍‌ସିଲ ସହିତ ଆଲୋଚନା କରିବା ସମ୍ଭାବନା ରହିଛି।

ଚେନ୍ନାଇ ସୁପରକିଙ୍ଗ୍ସ ଦଳ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ୟୁଏଇରେ ପହଞ୍ଚିବାକୁ ଯୋଜନା କରିଥିଲା। ମାତ୍ର ଆନୁଷ୍ଠାନିକଭାବେ ଏସଓପି ଆସି ନ ଥିବାରୁ ସେମାନେ ଏହାକୁ ବାତିଲ କରିଛନ୍ତି। ଆଇପିଏଲ ପକ୍ଷରୁ ଏସଓପି ଜାରି କରାଯିବା ପରେ ଯାଇ ଚେନ୍ନାଇରେ ପହଞ୍ଚିବାକୁ ଭାରତୀୟ ଖେଳାଳିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଲକାତା ନାଇଟ ରାଇଡର୍ସ ଏହାର ବେସ୍ ଆବୁଧାବିରେ ଅଗଷ୍ଟ ୨୧ କିମ୍ବା ୨୨ରେ ପହଞ୍ଚିବାକୁ ଯୋଜନା କରିଛି। କାରିବିୟନ ପ୍ରିମିୟର ଲିଗ୍ ଖେଳିବା ପରେ ସେପ୍ଟେମ୍ବର ୧୦ ବେଳକୁ ଏହାର ବିଦେଶୀ ଖେଳାଳି ବ୍ରେଣ୍ଡନ ମ୍ୟାକକୁଲମ, ସୁନୀଲ ନାରିନ ଓ ଆନ୍ଦ୍ରେ ରସେଲ ଦଳସହ ଯୋଗଦେବେ। କିଙ୍ଗ୍ସ ଇଲେଭେନ ପଞ୍ଜାବ ସେହିପରି ୟୁଏଇ ଯିବା ପୂର୍ବରୁ ଭାରତୀୟ ଖେଳାଳିଙ୍କୁ ଏକତ୍ରିତ କରିବାକୁ ନିଷ୍ପତ୍ତି ନେଇଛି।



ଆବୁଧାବିର ଶେଖ୍ ଜାୟେଦ୍ ଷ୍ଟାଡିୟମ

## ତହସିଲ ଅଫିସ୍ ସିଲ୍, ୨ ପଞ୍ଚାୟତ ଶଟ୍‌ଡାଉନ

ନରସିଂହପୁର,(ଡି.ଏନ୍.ଏ.): ନରସିଂହପୁର ତହସିଲ କାର୍ଯ୍ୟାଳୟର ୨ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହେବାପରେ ସେମାନଙ୍କୁ କୋଭିଡ୍ ହସ୍ପିଟାଲ ପଠାଇ ଦିଆଯାଇଛି। ତହସିଲ କାର୍ଯ୍ୟାଳୟକୁ ୮୧ ଘଣ୍ଟା ପାଇଁ ସିଲ୍ କରିଦିଆଯାଇଛି ବୋଲି ତହସିଲଦାର ଆକାଶରଞ୍ଜନ ସାହୁ କହିଛନ୍ତି। ସଂକ୍ରମଣକୁ ଦୃଷ୍ଟିରେ ରଖି ପାଇକପଡ଼ା ପାଟଣା ସରପଞ୍ଚ ବୀଣାପାଣି ବେହେରା, ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ର ନିଜ ନିଜ ପଞ୍ଚାୟତକୁ ୩୩ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏଥିସହ କେତେକ ରାସ୍ତା ସିଲ୍ କରାଯାଇଛି।



**ସଂକ୍ଷେପରେ**

### ୪ ସାହି ୭୨ଘଣ୍ଟା ଶଟ୍‌ଡାଉନ

ଖୋର୍ଦ୍ଧା ଅଫିସ,୬।୮: ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଡ଼ମଲ୍ଲ ପଞ୍ଚାୟତ ଅଧୀନ କୁରାଡ଼ମଲ୍ଲ ଗ୍ରାମର ଜଣେ ମହିଳା କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସରପଞ୍ଚ ପୁଷ୍ପାଞ୍ଜଳି ସାମନ୍ତରାୟ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଏହି ପଞ୍ଚାୟତର ୪ ସାହିକୁ ୭୨ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଗୁରୁବାର ସକାଳ ୯ଟାରୁ ଆସନ୍ତା ରବିବାର ସକାଳ ୯ଟା ପର୍ଯ୍ୟନ୍ତ ଶବର ସାହି, ପୁରୁଣାସାହି, ମଙ୍ଗଳା ସାହି ଓ ନୂଆସାହିରେ ଏହି କଟକଣା ବଳବତ୍ତର ରହିବ। ଉକ୍ତ ଅଞ୍ଚଳର ଲୋକେ ବାହାରକୁ ଯିବେ ନାହିଁ ଏବଂ ବାହାର ଲୋକ ଏହି ଅଞ୍ଚଳ ମଧ୍ୟରେ ପ୍ରବେଶ କରିବେ ନାହିଁ। ସମସ୍ତ ଦୋକାନ ବନ୍ଦ ରହିବ। ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ସାମନ୍ତରାୟ କହିଛନ୍ତି।

### ଚୌଦ୍ୱାର ଜେଲରେ ପୁଣି ଜଣେ ପଜିଟିଭ୍

ଚୌଦ୍ୱାର,୬।୮(ଡି.ଏନ୍.ଏ.): ଚୌଦ୍ୱାର ଜେଲରେ ଗୁରୁବାର ପୁଣି ଜଣେ ଅଭିଯୁକ୍ତ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତାଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଜଣାଯାଇଛି ବୋଲି ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ସୂଚନାଥାଉ କି, କଟକ ସଦର ପୋଲିସ ଦ୍ୱାରା ଗିରଫ ହୋଇ ଅଭିଯୁକ୍ତ ଜଣକ ମଙ୍ଗଳବାର ଚୌଦ୍ୱାର ଜେଲକୁ ଆସିଥିଲେ। ନିୟମ ଅନୁଯାୟୀ ତାଙ୍କୁ ଜେଲ ଆଇସୋଲେଶନରେ ରଖାଯାଇଥିଲା। ଗିରଫ ଦିନ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଗୁରୁବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ଜଣାପଡ଼ିଛି।

### ୭୨ଘଣ୍ଟା କାପ୍ତାବରାଇ ଗ୍ରାମ ଶଟ୍‌ଡାଉନ

ଚୌଦ୍ୱାର,୬।୮(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡି ପଞ୍ଚାୟତର କାପ୍ତାବରାଇ ଗ୍ରାମରେ ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହେବା ପରେ ସରପଞ୍ଚ ଶାନ୍ତିପ୍ରିୟା ମହାନ୍ତି ଉକ୍ତ ଗ୍ରାମକୁ ୭୨ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ନିୟମ ଗୁରୁବାର ସକାଳ ୧୦ଟା ଠାରୁ ୯ତାରିଖ ରବିବାର ରାତ୍ର ୧୦ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ଯଦି କୌଣସି ବ୍ୟକ୍ତି ଅବା ବ୍ୟବସାୟ ପ୍ରତିଷ୍ଠାନ ଆଇନ ଉଲ୍ଲଂଘନ କରନ୍ତି ତେବେ କୋଭିଡ-୧୯ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରପଞ୍ଚ ଗ୍ରାମରେ ନୋଟିସ ଜାରି କରିଛନ୍ତି।

### ଖୋର୍ଦ୍ଧା: ୧୫୯ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୬।୮: ଖୋର୍ଦ୍ଧା ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ୧୫୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ଟାଙ୍ଗୀରୁ ୫୬, ବାଣପୁର ୪୨, ବାଲୁଗାଁ ୮, ହଳଦିଆ ୨, ବେଗୁନିଆ ୧୩, ବୋଲଗଡ଼ ୧୩, ଜଟଣୀ ୭, ମେଣ୍ଢାଶାଳ ୮, ବାଳକାଟୀ ୪, ବାଲିପାଟଣା ୧ ଏବଂ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ୫ଜଣ ରହିଛନ୍ତି। ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୬୪୭ରେ ପହଞ୍ଚିଛି। ବାଣପୁର, ବାଲୁଗାଁ ଏବଂ ଟାଙ୍ଗୀ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ଅଞ୍ଚଳଗୁଡ଼ିକ ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବେଗୁନିଆ: ୧୦୦ ଛୁଇଁଲା ସଂକ୍ରମିତଙ୍କ ସଂଖ୍ୟା

ବେଗୁନିଆ,୬।୮(ଡି.ଏନ୍.ଏ.): ବେଗୁନିଆ ବ୍ଲକରେ ଗୁରୁବାର ୧୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ବେଗୁନିଆ ନୂଆସାହି ଅଞ୍ଚଳରୁ ୯, ହଜ୍ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ୪ଜଣ ରହିଛନ୍ତି। ବ୍ଲକ ଅଞ୍ଚଳରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଯୋଗୁ ୩ୟ ଥର ପାଇଁ ବେଗୁନିଆ ନୂଆସାହି ଅଞ୍ଚଳକୁ ୭୨ଘଣ୍ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି ବୋଲି ବିଡିଓ(ଦାୟିତ୍ୱ) ରତିକାନ୍ତ ମିଶ୍ର କହିଛନ୍ତି। ଗୁରୁବାର ସନ୍ଧ୍ୟା ୭ଟାରୁ ଆସନ୍ତା ୯ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସୂଚନାଥାଉ କି, ଏହି ବ୍ଲକ ମୁଖ୍ୟାଳୟର ବେଗୁନିଆ ପଞ୍ଚାୟତରେ ସ୍ଥିତି ଜଟିଳ ହେବାକୁ ଲାଗିଛି। ଗତ ୭ଦିନ ମଧ୍ୟରେ ଏହି ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୧ ଜଣ ଚିହ୍ନଟ ହୋଇଥିବା ବେଳେ ଲୋକାଲ କଣ୍ଟାକ୍ଟରେ ୨୫ଜଣ ଜଣ ଚିହ୍ନଟ ହୋଇଛନ୍ତି।

# ଧରାପଡ଼ିଲା ବାଇକ୍ ଲୁଟେରା ଗ୍ୟାଙ୍ଗ



ଡେଲାଙ୍ଗ,୬।୮(ଡି.ଏନ୍.ଏ.)

ପୁରୀ ଜିଲା ଡେଲାଙ୍ଗ ଥାନା ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିବା ସହ ଗୁରୁବାର କୋର୍ଟଚାଲଣ କରିଛି। ସେମାନେ ହେଲେ

**୪ ଗିରଫ, ୨୫ ଗାଡ଼ି ଜବତ**

ଏହି ଥାନା ଅଧୀନ ବେଗୁନିଆପଡ଼ା ଗ୍ରାମର ଟୁକୁନା ବେହେରା(୨୪), ପବିତ୍ର ମଲ୍ଲିକ(୩୫), କୁଆପଦା ଗ୍ରାମର ନଟବର ଜେନା(୨୮) ଓ କୃଷ୍ଣଚନ୍ଦ୍ର ପହାଡା ସିଂ (୨୭)। ପୋଲିସ ସେମାନଙ୍କଠାରୁ ୨୫ଟି ଗାଡ଼ି ଜବତ କରାଯାଇଛି। ଏ ନେଇ ପୋଲିସ ନଂ. ୧୧୧/୨୦ରେ ଏକ ମାମଲା ରୁଜୁ କରିଛି। ପୁରୀ ଏସପି ଅଖିଳେଶ୍ୱର ସିଂଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବଦତ୍ତ ବରାଳ ଖବରଦାତା ସମ୍ମିଳନୀ ଜରିଆରେ ଗୁରୁବାର ଏହି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗତ କିଛିଦିନ ମଧ୍ୟରେ ଅଞ୍ଚଳରେ ବାଇକ୍ ଚୋରି ବୃଦ୍ଧି ପାଉଥିବାରୁ ଏଥିରେ ଏକ ଗ୍ୟାଙ୍ଗ ସକ୍ରିୟ ଥିବା ପୋଲିସ ଜାଣିପାରିଥିଲା। ଏହି ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍‌ପି ସିଂଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ନେତୃତ୍ୱରେ ୨ଟି ଟିମ ଗଠନ କରିଥିଲେ। ଗୋଟିଏ ଟିମରେ ଆଇଆଇସି ପଟ୍ଟନାୟକଙ୍କ ନେତୃତ୍ୱରେ କନଷ୍ଟେବଳ ପ୍ରଶାନ୍ତ କୁମାର ପ୍ରଧାନ, ଜିତେନ୍ଦ୍ର ସ୍ୱାଇଁ ଓ ହୋମଗାର୍ଡ ପ୍ରମୋଦ କୁମାର ସେଠୀ ଥିବାବେଳେ ଅନ୍ୟ ଟିମରେ ଏସ୍‌ଆଇ ଉପେନ୍ଦ୍ର ନାଥ ଦାଶଙ୍କ ନେତୃତ୍ୱରେ ଏସ୍‌ଆଇ ଲାଇକା ମହାରଣା, ଏଏସ୍‌ଆଇ ଅଶୋକ ମହାପାତ୍ର ଓ ଗଙ୍ଗାଧର ସାହୁ ରହି ଅପରେଶନ ଆରମ୍ଭ କରିଥିଲେ। ଏକ ବିଶେଷ ସୂତ୍ରରୁ ଏହି ଗ୍ୟାଙ୍ଗରେ ଟୁକୁନା ସମ୍ପୃକ୍ତ ଥିବା ଖବରପାଇ ଆଇଆଇସିଙ୍କ ଟିମ ଗତ ୨/୩ଦିନ ତଳେ ତାଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ବିନା ପଞ୍ଜୀକରଣର ୫ଟି ଚୋରା ବାଇକ୍ ଜବତ କରିବା ସହ ଟୁକୁନାଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ଚୋର ଗ୍ୟାଙ୍ଗର ସୁରାକ ମିଳିଥିଲା। ପରେ ତାଙ୍କ ୩ ସହଯୋଗୀଙ୍କୁ ଉଠାଇ ଆଣି ଜେରା କରିବା ପରେ ସେମାନେ କଟକ, ପୁରୀ, ନୟାଗଡ଼, ଗଞ୍ଜାମ, ଭୁବନେଶ୍ୱର ଓ ଖୋର୍ଦ୍ଧା ଅଞ୍ଚଳରୁ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ତାଙ୍କ ସହ ଆଉ ୪ ଜଣ ଲୁଟେରା ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବା ସହ ଆହୁରି ଅନେକ ଚୋରା ଗାଡ଼ି ଜବତ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଲକ୍ଷଣ ନ ଥିଲେ ଗୃହ ଏକାନ୍ତବାସରେ ରହିପାରିବେ

ପୁରୀ ଅଫିସ,୬।୮

କରୋନା ଲକ୍ଷଣ ନ ଥିବା ସଂକ୍ରମିତ ରୋଗୀଙ୍କ ଗୃହ ଏକାନ୍ତବାସ ସମ୍ପର୍କିତ କାର୍ଯ୍ୟକ୍ରମ ବୁଧବାର ନୀଳାଦ୍ରି ବେଳାଭୂମିରେ ଅନୁଷ୍ଠିତ ହୋଇଛି। ଲକ୍ଷଣ ନ ଥିବା ସଂକ୍ରମିତ ବ୍ୟକ୍ତି ନିଜ ଘରେ ଏକାନ୍ତବାସ ନିମନ୍ତେ ଅଲଗା ଘର ଓ ଶୌଚାଳୟ ଥିବା ଆବଶ୍ୟକ। ସମ୍ପୃକ୍ତ ବ୍ୟକ୍ତିଙ୍କ ଦେଖାଶୁଣା ଓ ଯତ୍ନ ନେବା ପାଇଁ ଜଣେ ସୁସ୍ଥ ଲୋକ ଘରେ ଥିବା ଦରକାର। ସଂକ୍ରମିତ ବ୍ୟକ୍ତିଙ୍କ ଯେପରି ମଧୁମେହ ଓ କର୍କଟ ଭଳି ରୋଗ ନ ଥିବ। ସେ ଶିଶୁ ହୋଇ ନ ଥିବେ ଏବଂ ତାଙ୍କ ବୟସ ୬୦ରୁ ଉର୍ଦ୍ଧ୍ୱ ନ ହେବା ଉଚିତ। ଏକାନ୍ତବାସ ନିମନ୍ତେ ସମ୍ପୃକ୍ତ ବ୍ୟକ୍ତି ଲିଖିତ ଭାବେ ଇଚ୍ଛାବ୍ୟକ୍ତ କରିବେ। ଏଭଳି ଆକ୍ରାନ୍ତ ଚିହ୍ନଟ ପରେ ଡାକ୍ତରୀ ଦଳ ଘରକୁ ଯାଇ ଗୃହ ଏକାନ୍ତବାସ ପାଇଁ ଯାଞ୍ଚ କରିବେ। ଏଥିରେ ସମ୍ପୃକ୍ତ ୱାର୍ଡର ନୋଡାଲ ଅଧିକାରୀ ସହଯୋଗ କରିବେ। ଚିହ୍ନଟଙ୍କ ଘର ଆଗରେ ନାଲି ରଙ୍ଗର ଷ୍ଟିକର ଲଗାଯିବ। ଏଥିରେ ସବିଶେଷ ତଥ୍ୟ ରହିବ। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପରିବାର ସଦସ୍ୟ ଯେପରି ବାହାରେ ବୁଲାବୁଲି ନ କରିବାକୁ ନୋଡାଲ ଅଧିକାରୀମାନେ ନିଶ୍ଚିତ କରିବେ। ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ଜରୁରୀ ବେଳେ ଆବଶ୍ୟକ ସେବା ଯୋଗାଇ ଦିଆଯିବ। ସମ୍ପୃକ୍ତ ବ୍ୟକ୍ତି ସୁସ୍ଥ ହେବା ପରଠାରୁ ଆହୁରି ୭ ଦିନ ଏକାନ୍ତବାସରେ ରହିବେ। ଏଥିପାଇଁ ଏସ୍‌ଓପି ଜାରି କରାଯାଇଛି। ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀ ଯୋଗାଣ ପାଇଁ ୟୁଥ୍ ଫର ବେଟର ପୁରୀ ଭଳି ସଂସ୍ଥାର ସ୍ୱେଚ୍ଛାସେବୀ କାର୍ଯ୍ୟ କରିବେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ଉପ ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁ ଦାଶ, ସିଡିଏମ୍‌ଓ ଡା. ସୁଜାତା ମିଶ୍ର, ଡା. ଲଲାଟେନ୍ଦୁ ମିଶ୍ର, ଜିଲା ଜରୁରୀକାଳିନ ଅଧିକାରୀ ଇତିଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତ୍ୟୁଷାଙ୍କୁ ମିସ୍ ଭର୍ଚୁଆଲ ଇନ୍‌କ୍ଲ୍ୟୁଶନ ୨୦୨୦ ମୁକୁଟ

ଅନୁଗୋଳ ଅଫିସ୍, ୬।୮

ଅନୁଗୋଳ ଝିଅ ପ୍ରତ୍ୟୁଷା ଅମାନ୍ତ ମିସ୍ ଭର୍ଚୁଆଲ ଇନ୍‌କ୍ଲୁଶନ ମଡେଲ-୨୦୨୦ର ମୁକୁଟ ବିଜୟିନୀ ହୋଇଛନ୍ତି। ଅନୁଗୋଳ କଲେଜ ଛକ ସ୍ଥିତ ଅଜିତ କୁମାର ଅମାନ୍ତ ଓ ପ୍ରମୋଦିନୀ ଅମାନ୍ତଙ୍କ ଝିଅ ପ୍ରତ୍ୟୁଷା ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଇଂଲିଶ ସମ୍ମାନରେ ସ୍ନାତକ, ଇଗ୍ନୋରୁ ସ୍ନାତକୋତ୍ତର ପରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଛନ୍ତି। ମିସ୍ ଭର୍ଚୁଆଲ ଇନ୍‌କ୍ଲୁଶନ ମଡେଲ-୨୦୨୦ ପାଇଁ ଗତ ଫେବୃୟାରୀରେ ସେ ରେଜିଷ୍ଟ୍ରେଶନ କରିଥିଲେ। ତେବେ କରୋନା ପାଇଁ ଏହି ପ୍ରତିଯୋଗିତା ଅନ୍‌ଲାଇନ୍‌ରେ ହୋଇଥିଲା। ଏଥିରେ ଓଡ଼ିଶା, ଛତିଶଗଡ଼, ଆସାମ, ବିହାର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକରୁ ୬୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୋଟ୍ ୬ଟି ରାଉଣ୍ଡରେ ସେ ବିଚାରକଙ୍କ ମନ ଜିଣି ମୁକୁଟ ବିଜୟିନୀ ହୋଇଥିଲେ। ଗ୍ଲୋବାଲ ବ୍ୟୁଟି ଇଣ୍ଟରନ୍ୟାଶନାଲ ସଂସ୍ଥା, ଦି ପ୍ରୋ ମହୋତ୍ସବ ଇଭେଣ୍ଟ ଅମରେଶ ଅର୍ଗାନାଇଜେଶନ ଓ ଉଇ ଫର୍ ୟୁ'ର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା।




ମୁକୁଟ ପାଇବା ପରେ ପ୍ରତ୍ୟୁଷା ଅମାନ୍ତ।

## ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ଘଟଣା: ୮ ଗିରଫ

ପୁରୀ ଅଫିସ,୬।୮

ପୁରୀ ପେଣ୍ଠକଟା ଅଞ୍ଚଳରେ କାର୍ଯ୍ୟରତ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ପୋଲିସ ଗୁରୁବାର ଆଉ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପେଣ୍ଠକଟା ଚିନାବାଇ ବରଫର ଚେତଲା ଶିବା, ବାବୋଜି ବରଫର ଚେତଲା ସୁରବାବୁ, ଚନ୍ଦ୍ରଭାଗା ନୋଳିଆସାହିର ଭାସପଲ୍ଲୀ ଲାଜର ଓ ଚୋକା ଶ୍ରୀନୁ, ପେଣ୍ଠକଟା ପେଦୁର ବରଫର ଚପଲା ଜଗଦୀଶ, ଆର୍.ଲକ୍ଷ୍ମୀ, ବନ୍ଦୀ ମାଲେଶ୍ୱରୀ ଓ କୋରୀ ଚିତ୍ତମା। ଏ ସଂକ୍ରାନ୍ତରେ ଗତମାସ ୨୬ ତାରିଖରେ ୩ଟି ମାମଲା (ନଂ. ୧୧୮/୨୦, ୧୧୯/୨୦ ଏବଂ ୧୨୦/୨୦) ରୁଜୁ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ବର୍ଷା ହେଲେ ଘରେ ପଶୁଛି କେନାଲ ପାଣି

ପୁରୁଣା ଭୁବନେଶ୍ୱର,୬।୮(ଡି.ଏନ୍.ଏ.)

ଚାଷୀ ଓ ଚାଷର ଉନ୍ନତି ନେଇ ସୃଷ୍ଟି ଦୟା ଓ୍ୱେଷ୍ଟ କେନାଲ ଏବେ ଶ୍ରୀରାମ ନଗର, ସାମନ୍ତରାପୁର, ଗ୍ୟାରେଜ ଛକ, ଗୌରୀ ନଗର ଆଦି ଅଞ୍ଚଳବାସୀଙ୍କ ପାଇଁ ଦୁର୍ଦ୍ଦଶା ପାଲଟିଛି। ଅସରାଏ ବର୍ଷା ହେଲେ ଏହି କେନାଲର ପାଣି ଉଦ୍‌ବୃତ୍ତ ହୋଇ ନିକଟସ୍ଥ ଘରଗୁଡ଼ିକରେ ପଶୁଛି। କେନାଲରୁ ଆବର୍ଜନା ବାହାର ନ କରିବା ଓ କେନାଲ ବନ୍ଧ ଦୁର୍ବଳ ଥିବା ହେତୁ ପାଣି ରାସ୍ତାରେ ଲହଡ଼ି ମାରୁଛି। ଏ ନେଇ ଅଞ୍ଚଳବାସୀ ବିଏମ୍‌ସିକୁ ବାରମ୍ବାର ଚିଠି କରିଥିଲେ ମଧ୍ୟ ଏହା ଜଳସେଚନ ବିଭାଗର କାମ କହି ଏଡ଼ାଇ ଦେଉଛି। ଏ ସବୁ ଭିତରେ ପ୍ରତିବର୍ଷ ପୁରୁଣା ଭୁବନେଶ୍ୱର ୫୯ ନଂ ଓ୍ୱାର୍ଡବାସୀଙ୍କ ସମସ୍ୟା ବଢ଼ିଚାଲିଛି। ମଙ୍ଗଳବାର ହୋଇଥିବା ଲଘୁଚାପ ବର୍ଷାରେ ଗ୍ୟାରେଜ ଛକଠାରୁ କେଉଟ ସାହି ଛକ ପର୍ଯ୍ୟନ୍ତ ଅନେକ ସ୍ଥାନରେ କେନାଲ ପାଣି ରାସ୍ତାରେ ଜମିବା ସହ ଉଭୟ ପାର୍ଶ୍ୱ ଲୋକଙ୍କ ଘରେ ପଶିଥିଲା। ଏହି ସମସ୍ୟା ପୂର୍ବରୁ ଥିବାରୁ ଏଥିପାଇଁ ଲୋକେ ବିଏମ୍‌ସି ଓ ଜଳସେଚନ ବିଭାଗକୁ ଦାୟୀ କରୁଛନ୍ତି। ବିଏମ୍‌ସି ମଧ୍ୟ ଡ୍ରେନରେ ବେଆଇନ ଭାବେ ଜବରଦଖଲ କରିଥିବା ଲୋକଙ୍କୁ ନ ଉଠାଇ ବିଭିନ୍ନ ସ୍ଥାନରେ କେନାଲ ମଧ୍ୟକୁ ନାଳ ସଂଯୋଗ କରି ଚୁପ ରହିଯାଇଛି। ଏ ନେଇ ବିଏମ୍‌ସି ଡ୍ରେନେଜ ଡିଭିଜନ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ସାଗର ଦୁରିଆ କୁହନ୍ତି, ଏଥିପ୍ରତି ସର୍ବେକ୍ଷଣ କରାଯାଇ ଖୁବଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ। କିନ୍ତୁ କେନାଲର ଦୁର୍ବଳବନ୍ଧ ମରାମତି ପ୍ରତି ଜଳସେଚନ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ୫ ମାସ ପରେ ଚୋରି ସୁନା ଜବତ, ୨ ଗିରଫ

ନିଆଳି,୬.୮(ଡି.ଏନ.ଏ)

ନିଆଳି ଥାନା ଅନ୍ତର୍ଗତ ଦେବୀକନ୍ଦଳ ଦ୍ୱୀପାଞ୍ଚଳ କସର୍ଦା ଫାଣ୍ଡି ଅଧୀନ ଏରଞ୍ଚ ପଞ୍ଚାୟତର କୁଳଶ୍ରୀ ଗ୍ରାମରୁ ଚୋରି ହୋଇଥିବା ୧୦ଭରି ସୁନା ୫ମାସ ପରେ ପୋଲିସ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଅଳତଳଙ୍ଗ ଗ୍ରାମର କାଳିଆ ଭୋଇ ଓ ବରିଷଣ ଗ୍ରାମର ବଟକୃଷ୍ଣ ମହାନ୍ତି। ଏ ନେଇ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାର୍ଚ୍ଚ ୧୫ତାରିଖ ରାତିରେ କୁଳଶ୍ରୀ ଗ୍ରାମର ରଶ୍ମିରଞ୍ଜନ ମହାପାତ୍ରଙ୍କ ଘରୁ କାଳିଆ ପ୍ରାୟ ୧୦ ଭରି ସୁନା ଅଳଙ୍କାର ଚୋରି କରିନେଇଥିଲେ। ଏ ନେଇ ରଶ୍ମିରଞ୍ଜନଙ୍କ ସ୍ତ୍ରୀ ଅଭିଯୋଗ କରିବା ପରେ ପୋଲିସ ନଂ.୬୬/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏକ ବିଶେଷ ସୂତ୍ରରୁ କାଳିଆ ଏଥିରେ ସମ୍ପୃକ୍ତ ଥିବା ଜାଣି ଏକ ଟିମ୍ ଗଠନ କରିଥିଲେ। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏସ୍‌ଆଇ ଏସ୍.ପି. ମହାନ୍ତି, କେ. ଲାକରା, କସର୍ଦା ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଏସ୍.କେ. ବେହେରା ଓ ସହଯୋଗୀମାନଙ୍କୁ ନେଇ ସଦଳବଳେ ମଙ୍ଗଳବାର ରାତିରେ କାଳିଆଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲେ। କାଳିଆ ଚୋରି ସୁନାକୁ ବଟକୃଷ୍ଣଙ୍କୁ ଦେଇଥିଲେ। ବଟକୃଷ୍ଣ ଏହି ସୁନାକୁ ସ୍ଥାନୀୟ ଏକ ଫାଇନାନ୍ସ ସଂସ୍ଥାରେ ବନ୍ଧକ ରଖି ୨ ଲକ୍ଷ ୮୦ହଜାର ଟଙ୍କା ଉଠାଇଥିଲେ। ସେହି ଟଙ୍କାରୁ ୧ ଲକ୍ଷ ୪୦ ହଜାର ଟଙ୍କା କାଳିଆକୁ ଦେଇଥିଲେ। ପୋଲିସ୍ ଏହି ସୁନାକୁ ସଂସ୍ଥାରୁ ଉଦ୍ଧାର କରିବା ସହ ଉଭୟଙ୍କୁ ଗିରଫ କରିଥିଲା।

## 'ସ୍ମୃତି ମୋର ଟିକି ଚଢ଼େଇ' ଉନ୍ମୋଚିତ

ପୁରୀ ଅଫିସ, ୬।୮

ବରିଷ୍ଠ ଆଇନଜୀବୀ, ଓଡ଼ିଶା ଜୁଡ଼ୋ ପ୍ରତିଷ୍ଠାତା, ପୁରୀ ଜିଲା କ୍ରୀଡ଼ା ସଂସଦର ପ୍ରଥମ ଆଜୀବନ ସଦସ୍ୟ କୈଳାସ ନାଥ ରଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ବୁଧବାର ତାଙ୍କ ଜେନାରୀ ଗଛସ୍ଥିତ ବାସଭବନ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଏକ ସ୍ମରଣିକା 'ସ୍ମୃତି ମୋର ଟିକି ଚଢେଇ' ଉନ୍ମୋଚନ କରିଥିଲେ। ଏଥିରେ ସ୍ୱର୍ଗତ ରଥଙ୍କ ଉପରେ ଅନେକ ଲେଖା ରହିଛି। ଏହି ଅବସରରେ ବ୍ରଜକିଶୋର ତ୍ରିପାଠୀ, ରାଜେଶ ମିଶ୍ର, ଶଙ୍କର ପରିଡ଼ା, ସନ୍ତୋଷ କୁମାର ରାଉତ, ଶରତ ମିଶ୍ର, ଅକ୍ଷୟ ସ୍ୱାଇଁ, ରାଜେଶ ପ୍ରଧାନ, ରବୀନ୍ଦ୍ର ସେନାପତି ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସାମାଜିକ ଦୂରତ୍ୱ ରକ୍ଷା ଏବଂ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରାଯାଇ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ତାଳଧ୍ୱଜ ରଥ ଖୋଲା ଆରମ୍ଭ

ପୁରୀ ଅଫିସ, ୬।୮

ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଖୋଲା କାମ ଜାରି ରହିଛି। ବୁଧବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଖୋଲା ଶେଷ ହୋଇଥିବାବେଳେ ଗୁରୁବାରଠାରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଖୋଲା ଆରମ୍ଭ ହୋଇଛି। ଦର୍ପଦଳନ ରଥର ଖୋଲାଯାଇଥିବା ସବୁ ଅଂଶକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ତେବେ ତାଳଧ୍ୱଜ ରଥ ଖୋଲାର ପ୍ରଥମ ଦିନରେ ଅଁଳା, କଳସ, ଓଲଟଶୁଆ, ଖପୁରି, ପାରାଭାଡ଼ି, ବଡ଼ ପୋଟଳ, ପୋଟଳ ଖମ୍ବି, ପୋଟଳ ଓରା ଖୋଲାଯାଇଛି। ୧୫ ଜଣ ଭୋଇ ସେବକ, ୯ କମାର ସେବକ ଏବଂ ତିନିରଥର ମୁଖ୍ୟ ମହାରଣା ଏହି କାମରେ ଲାଗିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷର ତିନିରଥ ଭଙ୍ଗା ନ ଯାଇ ସ୍ମୃତି ସ୍ୱରୂପ ସଂରକ୍ଷଣ କରାଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇ ରଖାଯିବ। ଫଳରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ରଥଗୁଡ଼ିକୁ ବର୍ଷତମାମ୍ ଦେଖିପାରିବେ।



## ଡାକ୍ତରୀ ଛାତ୍ରଙ୍କୁ ରୋଟେଶନରେ ପଠାଯାଉ

**କଟକ ଅଫିସ, ୬।୮:** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କିଛିଦିନ ତଳେ ଏସ୍‌ସିବିରୁ ପିଜି ପାସ୍ କରିଥିବା ସମସ୍ତ ଡାକ୍ତରଙ୍କୁ କୋଭିଡ୍ ପରିଚାଳନା ନିମନ୍ତେ ନିଯୁକ୍ତି ଦିଆଯାଇଛି। ଏବେ ପୁଣି ପିଜି ପ୍ରଥମ ବର୍ଷରେ ନାମ ଲେଖାଇଥିବା ସମସ୍ତ ୨୨୨ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ କୋଭିଡ୍ ଡ୍ୟୁଟିରେ ପଠାଯାଉଛି। ଏହାକୁ ଏସ୍‌ସିବି ଜୁନିୟର ଡାକ୍ତରୀ ଛାତ୍ର ସଂଘ ତୀବ୍ର ବିରୋଧ କରିଛି। ଏ ନେଇ ଗୁରୁବାର ସଂଘ ପକ୍ଷରୁ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରିନ୍ସିପାଲଙ୍କୁ ଏକ ଦାବିପତ୍ର ଦିଆଯାଇଛି।

ସଂଘ କର୍ମକର୍ତ୍ତା କହିଛନ୍ତି ଯେ, ଏକ ତୃତୀୟାଂଶ ଛାତ୍ରଙ୍କୁ କୋଭିଡ୍ ଡ୍ୟୁଟିରେ ନିୟୋଜିତ କରାଯାଉ। ବାକି ଦୁଇ ତୃତୀୟାଂଶ ମଧ୍ୟରୁ ଗୋଟିଏ ଅଂଶକୁ ରୋଟେଶନରେ ପଠାଯାଉ। ନଚେତ ଏସ୍‌ସିବିରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିବ। କାରଣ ଏଠାରେ ଆଇସୋଲେଶନ ୱାର୍ଡ ଓ ଫିଭର କ୍ଲିନିକର ଅଧିକାଂଶ କାର୍ଯ୍ୟ ପିଜି ଛାତ୍ରମାନଙ୍କୁ ତୁଲାଇବାକୁ ପଡୁଛି। ପିଜିରେ ନାମଲେଖା ଏବେ ସରିଛି। ବହୁ ଛାତ୍ରୀଛାତ୍ର ଅନ୍ୟ ରାଜ୍ୟରୁ ଆସିଛନ୍ତି। ଯଦି ନୂଆ କରି ଆସିଥିବା ବାହାର ରାଜ୍ୟର ଛାତ୍ରୀଛାତ୍ରଙ୍କୁ ହଠାତ୍ ଦୂରଦୂରାନ୍ତକୁ ପଠାଇ ଦିଆଯାଏ ତାହାହେଲେ ସେମାନେ ଖାପ୍ ଖୁଆଇ ଚଳିବା କଷ୍ଟକର ହୋଇପଡ଼ିବ।

ସଂଘ ପ୍ରସ୍ତାବ ରଖିଛି ଯେ, ଛାତ୍ରୀଛାତ୍ର ଡ୍ୟୁଟି କରିବେ, କିନ୍ତୁ ଆଂଶିକ ଭାବେ ସେମାନଙ୍କୁ କେବଳ କୋଭିଡ୍ ହସ୍ପିଟାଲରେ ନିୟୋଜିତ କରାଯାଉ। କିନ୍ତୁ କୋଭିଡ ଆଳରେ ଦୂର ଦୂରାନ୍ତର ଅଣକୋଭିଡ ହସ୍ପିଟାଲକୁ ପଠା ନ ଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ଭୁବନେଶ୍ୱର ୧୧୮, କଟକ ୭୮ ଓ ପୁରୀରୁ ୬୭ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୮(ବ୍ୟୁରୋ)

- ସ୍ୱାସ୍ଥ୍ୟ ବିଭାଗର ୧୦ କର୍ମଚାରୀଙ୍କୁ କରୋନା
- ଆଉ ୩ ପୋଲିସ କର୍ମଚାରୀ ମଧ ସଂକ୍ରମିତ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଆଉ ୧୧୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧରୁ ୭୧ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ୪୭ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ସ୍ୱାସ୍ଥ୍ୟ ବିଭାଗର ୧୦ଜଣ ଓ କମିଶନରେଟ ପୋଲିସର ୩ଜଣ କର୍ମଚାରୀ ଥିବା ବିଏମ୍‌ସି ତଥ୍ୟରୁ ଜଣାପଡ଼ିଛି। ଗତ ୧୫ ଦିନ ହେବ ସହରରେ ଥିବା ସରକାରୀ କାର୍ଯ୍ୟାଳୟ ଓ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ସଂକ୍ରମଣ ବଢ଼ିବାରେ ଲାଗିଛି। ଏଯାବତ୍ ୫୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଅନ୍ୟ କାର୍ଯ୍ୟାଳୟର ଶତାଧିକ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି।

ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଳିଙ୍ଗ ଷ୍ଟାଡିୟମ ନିକଟ ରିଜର୍ଭ ପୋଲିସ କଲୋନୀରୁ ୭ଜଣ, ନୟାପଲ୍ଲୀ ନୂଆସାହିରୁ ୬, ବଡ଼ଗଡ଼ରୁ ୫, ସୂର୍ଯ୍ୟନଗରରୁ ଆଉ ୪, ୟୁନିଟ୍-୧ ଅଞ୍ଚଳରୁ ୩ ଓ ବାକି ଅନ୍ୟକେତେକ ଅଞ୍ଚଳରୁ ଜଣେ ଦୁଇଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୪୭୨କୁ ବୃଦ୍ଧି ପାଇଛି। ସେହିଭଳି ଗୁରୁବାର ସହରରେ ଆଉ ୯୦ଜଣ ଆକ୍ରାନ୍ତ ଆରୋଗ୍ୟ ଲାଭ କରି ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ଇତିମଧ୍ୟରେ ମୋଟ ୨୧୫୧ଜଣ ସୁସ୍ଥ ହୋଇଥିବାବେଳେ ଏବେ ବି ୧୩୦୧ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲ, ଗୃହ ଏକାନ୍ତ ବାସ, କୋଭିଡ୍ ହୋମ୍ କେୟାର ସେଣ୍ଟର, କମ୍ୟୁନିଟି କୋଭିଡ କେୟାର ସେଣ୍ଟର ଆଦିରେ ରହି ଚିକିତ୍ସିତ ହେଉଥିବା ବିଏମ୍‌ସି ସୂଚନା ଦେଇଛି।

### ସାହେବଜାଦା ଅଞ୍ଚଳକୁ ବ୍ୟାପିଲା ସଂକ୍ରମଣ

**କଟକ ଅଫିସ,୬।୮:** କଟକ ଜିଲାରେ କରୋନା ସ୍ଥିତି ବିଗୁଡ଼ୁଛି। ଗୁରୁବାର ନୂଆ ୧୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ସହରରେ ୭୮ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୬୭ ଏବଂ ଜିଲାରେ ୨୮୦୯ ହୋଇଛି। ସହରରୁ ଚିହ୍ନଟ ୭୮ ଆକ୍ରାନ୍ତଙ୍କ ମଧ୍ୟରେ ବାଦାମବାଡ଼ି ଥାନାର ଜଣେ ପୁରୁଷ କନ୍‌ଷ୍ଟେବଲଙ୍କ ରିପୋର୍ଟ ପଜିଟିଭ ଆସିଛି। ସେ ଡ୍ୟୁଟି ସମୟରେ ସଂକ୍ରମିତ ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ସେ ନେଇ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି। ମାଲଗୋଦାମ ବେହେରାସାହି କଣ୍ଟେନମେଣ୍ଟ ଜୋନରୁ ସର୍ବାଧିକ ୪୬ଜଣ ଚିହ୍ନଟ ହୋଇଛନ୍ତି। ସାହେବଜାଦା ଅଞ୍ଚଳକୁ ପ୍ରଥମ ଥର ପାଇଁ କରୋନା ବ୍ୟାପିଛି। ପ୍ରଥମ ଦିନ ୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଯୋବ୍ରା, ଥୋରିଆ ସାହି, ଚାଉଳିଆଗଞ୍ଜ, ଭାଣପୁର ଆଦି ଅଞ୍ଚଳରେ ସଂଖ୍ୟାଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କର କୌଣସି ବିବରଣୀ ଦିଆଯାଇନାହିଁ। ଗ୍ରାମାଞ୍ଚଳରେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ତିଗିରିଆରୁ ସର୍ବାଧିକ ୧୯ଜଣ, ଆଠଗଡରୁ ୧୧, ବାରଙ୍ଗରୁ ୩, ବାଙ୍କୀ, ବଡମ୍ବା ଓ ମାହାଙ୍ଗା ଅଞ୍ଚଳରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ପୁରୀ: ହଜାରେ ଟପିଲା କରୋନା ପଜିଟିଭ୍

**ପୁରୀ ଅଫିସ, ୬।୮:** ହଜାରେ ଟପିଲା ପୁରୀ ଜିଲାର କରୋନା ପଜିଟିଭ ସଂଖ୍ୟା। ବୁଧବାର ସୁଦ୍ଧା ଜିଲାରୁ ୯୯୨ ଆକ୍ରାନ୍ତ ବାହାରିଥିଲେ। ଗୁରୁବାର ଆଉ ୬୭ ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାର ମୋଟ ପଜିଟିଭ ସଂଖ୍ୟା ୧,୦୫୯ ଛୁଇଁଛି। ଏମାନଙ୍କ ମଧ୍ୟରୁ ୬୫୧ ଜଣ ସୁସ୍ଥ ହୋଇଥିବା ବେଳେ ୪୦୨ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏପର୍ଯ୍ୟନ୍ତ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୋଟ ପଜିଟିଭଙ୍କ ମଧ୍ୟରୁ ପୁରୀ ମ୍ୟୁନିସିପାଲିଟିରୁ ସର୍ବାଧିକ ୨୯୫ ଜଣ, ବ୍ରହ୍ମଗିରିରୁ ୧୩୨, କଣାସରୁ ୯୭, କୃଷ୍ଣପ୍ରସାଦ ୭୬, ନିମାପଡ଼ା ୭୫, କାକଟପୁର ୭୪, ଡେଲାଙ୍ଗ ୬୭, ଗୋପ ୬୦, ପିପିଲି ୪୮, ସତ୍ୟବାଦୀ ୪୫, ଅସ୍ତରଙ୍ଗ ୪୨, ପୁରୀ ସଦର ୩୯ ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପୁରୀ ମ୍ୟୁନିସିପାଲିଟିରୁ ସର୍ବାଧିକ ୧୫୪ ଜଣ, ବ୍ରହ୍ମଗିରି ବ୍ଲକରୁ ୧୦୯, କଣାସ ୮୦, କାକଟପୁର ୫୬, ଗୋପ ୪୪, ଡେଲାଙ୍ଗ ୩୮, କୃଷ୍ଣପ୍ରସାଦ ୩୪, ପୁରୀ ସଦର ୩୧, ପିପିଲି ୨୮, ସତ୍ୟବାଦୀ ଓ ନିମାପଡ଼ା ୨୬, ଅସ୍ତରଙ୍ଗ ବ୍ଲକରୁ ୨୨ ଜଣ ସୁସ୍ଥ ହୋଇଛନ୍ତି। ସେହିପରି ପୁରୀ ମ୍ୟୁନିସିପାଲିଟିରୁ ସର୍ବାଧିକ ୧୪୧ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ନିମାପଡ଼ା ବ୍ଲକରୁ ୪୮, କୃଷ୍ଣପ୍ରସାଦ ୪୧, ଡେଲଙ୍ଗ ୨୯, ବ୍ରହ୍ମଗିରି ୨୨, ପିପିଲି ଓ ଅସ୍ତରଙ୍ଗରୁ ୨୦ ଲେଖାଏ, ସତ୍ୟବାଦୀ ୧୮, କଣାସ ୧୭, ଗୋପ ବ୍ଲକରୁ ୧୫ ଜଣ ଚିକିତ୍ସିତ ହେଉଛନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷେ ଏବେ ସୁଦ୍ଧା ଜିଲାରୁ ୨୮,୦୩୩ ଜଣଙ୍କ କରୋନା ଟେଷ୍ଟ ସରିଛି। ଏଥିମଧ୍ୟରୁ ୧୦୫୯ ଜଣଙ୍କଠାରେ ପଜିଟିଭ ଚିହ୍ନଟ ହୋଇଛି। ସୁସ୍ଥ ହାର ୬୧.୪୭ ପ୍ରତିଶତ। ଜିଲାରେ ୭୨ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ଥିବାବେଳେ ୭୨ଟି ବନ୍ଦ କରାଯାଇଛି। ବ୍ରହ୍ମଗିରି ବ୍ଲକରେ ସର୍ବାଧିକ ୨୧ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି।

# ବୟାନ ରଖିଲେ ଅଭିଯୋଗକାରୀ ସେବାୟତ

**ପୁରୀ ଅଫିସ, ୬।୮**

## ରତ୍ନସିଂହାସନରୁ ପଦ୍ମଖୋଦିତ ପଥର ଗାଏବ ପ୍ରସଙ୍ଗ

ଶ୍ରୀମନ୍ଦିର ରତ୍ନସିଂହାସନରୁ ପଦ୍ମଖୋଦିତ ପଥର ଗାଏବ ଘଟଣାରେ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗକାରୀ ସେବାୟତ ଇପ୍‌ସିତ ପ୍ରତିହାରୀ ବୟାନ ରଖିଛନ୍ତି। ଏହି ପ୍ରସଙ୍ଗରେ ବୟାନ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇପ୍‌ସିତଙ୍କୁ ନୋଟିସ୍ ଦିଆଯାଇଥିଲା। ତେଣୁ ନିର୍ଦ୍ଧାରିତ ସମୟରେ ଇପ୍‌ସିତ ଶ୍ରୀମନ୍ଦିର ରାଜସ୍ୱ ଉପପ୍ରଶାସକ ସୁବ୍ରତ କୁମାର ବେହେରାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କର ଲିଖିତ ବୟାନ ରଖିଛନ୍ତି।

ଇପ୍‌ସିତ ରାଜସ୍ୱ ଉପପ୍ରଶାସକଙ୍କୁ ଦେଇଥିବା ଲିଖିତ ବୟାନରେ ଦର୍ଶାଇଛନ୍ତି ଯେ, ଗତ ଜୁଲାଇ ୬ ତାରିଖରେ ତାଙ୍କର ମନ୍ଦିରରେ ପାଳି ଥିଲା। ସେହି ସମୟରେ ସେ ରତ୍ନସିଂହାସନରେ ପଦ୍ମଖୋଦିତ ପ୍ରାୟ ୨ଇଞ୍ଚର ପଥର ଭାଙ୍ଗିଯାଇଥିବା ଦେଖିଥିଲେ। ଏ ନେଇ ସେ ଅନ୍ୟ ସେବାୟତଙ୍କ ସହ ଆଲୋଚନା କରି ଏହା ପରଦିନ ପଦ୍ମଖୋଦିତ ପଥର ଗାଏବ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଥିଲେ। ଏହାପରେ ଗଣମାଧ୍ୟମ ସମ୍ମୁଖରେ ସେ ଏ ସମ୍ପର୍କରେ କହିଥିଲେ। ସେହି ସ୍ଥାନରେ ପ୍ରକୃତ ପଦ୍ମଖୋଦିତ ପଥର ବଦଳରେ ଅପ୍ରାକୃତିକ ଭାବେ ଯୋଡ଼ାଯାଇଥିବା ଏବଂ ଏକ ଗର୍ତ୍ତ ହୋଇଥିବା ଦେଖିଛନ୍ତି। ଏହି ପଥର କେବେ ଗାଏବ ହୋଇଛି ସେ ଜାଣିନାହାନ୍ତି। କିନ୍ତୁ ଅପ୍ରାକୃତିକ ଭାବେ ମରାମତି ହୋଇଥିବା ଜଣାପଡୁଛି। ରଥଯାତ୍ରା ଆରମ୍ଭରୁ ନୀଳାଦ୍ରି ବିଜେ ସମୟ ମଧ୍ୟରେ ଏଏସ୍‌ଆଇ ଦ୍ୱାରା ମରାମତି କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଏଏସ୍‌ଆଇକୁ ମରାମତି ଦାୟିତ୍ୱ ଦେବା ଏବଂ ମରାମତି ପରେ ଏଏସ୍‌ଆଇ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବାବେଳେ ଏହା କିପରି ଜଣାପଡ଼ିଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ବିଷୟରେ ଗତ ମାସ ୧୦ ତାରିଖରେ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଇଥିବା ସେ ଲିଖିତ ବୟାନରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୭ରେ ଇପ୍‌ସିତ ଗଣମାଧ୍ୟମରେ ଏହି ଅଭିଯୋଗ ରଖିଥିଲେ। ଏହାପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ପରିଚାଳନା କମିଟିର ୨ ସେବାୟତ ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ଏଏସ୍‌ଆଇ ଅଧିକାରୀ ପ୍ରମୁଖ ଏହାର ଅନୁଧ୍ୟାନ କରିଥିଲେ। ଏଏସ୍‌ଆଇଠାରୁ ରତ୍ନସିଂହାସନର ପୁରୁଣା ଫଟୋକପି ମଗାଯାଇଥିଲା। ଏଏସ୍‌ଆଇ ସମସ୍ତ ଫଟୋ ସହ ପରେ ରିପୋର୍ଟ ଦେଇଥିଲା।

100% Ayurvedic
Divisa
ଇମ୍ୟୁନିଟି ପାୱାର ବଢ଼ାନ୍ତୁ ଏବଂ ଶରୀରକୁ ରୋଗରୁ ରକ୍ଷା କରନ୍ତୁ
'ତୁଳସୀ ମନ୍ତ୍ରା' ତୁଳସୀ ଡ୍ରପ୍‌ସ ଆପଣାନ୍ତୁ
5 ବିଭିନ୍ନ ପ୍ରକାର ଦୁର୍ଲଭ ତୁଳସୀର ଅର୍କ
Dr. Juneja's ତୁଳସୀ ମନ୍ତ୍ରା
ବିଷ୍ଣୁ ତୁଳସୀ : ଆଳସ୍ୟ ଦୂରକରି ଶରୀରରେ ଇମ୍ୟୁନିଟି ବଢ଼ାଇବା ପାଇଁ ବର୍ଣ୍ଣିତ ।
ବଣ ତୁଳସୀ : ଶାରୀରିକ ଦୁର୍ବଳତା, ଶ୍ୱାସ ଦୁର୍ଗନ୍ଧ ଇତ୍ୟାଦି ପାଇଁ ବର୍ଣ୍ଣିତ ।
ରାମ ତୁଳସୀ : ଆଣ୍ଟି-ବ୍ୟାକ୍ଟେରିଆଲ ଅଟେ, ଫୁସ୍‌ଫୁସ୍ ରୋଗ, ଆଜ୍‌ମା ଇତ୍ୟାଦି ପାଇଁ ବର୍ଣ୍ଣିତ।
କୃଷ୍ଣ ତୁଳସୀ : ହୃଦୟ, ରକ୍ତଚାପ, ରକ୍ତ ସଫା ଓ ରୋଗ ପ୍ରତିରୋଧକ କ୍ଷମତା ପାଇଁ ବର୍ଣ୍ଣିତ।
ଶୁକ୍ଳ ତୁଳସୀ : ଇମ୍ୟୁନିଟି ବଢ଼ାଇବା, ସର୍ଦ୍ଦି-ଥଣ୍ଡା, ଶ୍ୱାସ ଓ ତ୍ୱଚା ଇତ୍ୟାଦି ପାଇଁ ବର୍ଣ୍ଣିତ।
ତୁଳସୀକୁ 'ଜଡ଼ି-ବୁଟିର ରାଣୀ' ଓ 'ଜୀବନ ପାଇଁ ଅମୃତ' ବିବେଚନା କରାଯାଏ । ଏହାକୁ ଧ୍ୟାନରେ ରଖି ଦିବିସା ହର୍ବାଲ କେୟାର ବଜାରକୁ ଆଣିଛନ୍ତି 'ତୁଳସୀ ମନ୍ତ୍ରା' ତୁଳସୀ ଡ୍ରପ୍‌ସ, ଯେଉଁଥିରେ 5 ପ୍ରକାର ତୁଳସୀ ଅର୍କର ମିଶ୍ରଣ ରହିଛି । 'ତୁଳସୀ ମନ୍ତ୍ରା' ତୁଳସୀ ଡ୍ରପ୍‌ସ ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ ଏବଂ ସର୍ଦ୍ଦି, ବ୍ଲଡ୍ ପ୍ରେସର, କୋଲେଷ୍ଟରଲ୍, ଥଣ୍ଡା, କାଶ, ଲିଭର ଓ ସଂକ୍ରମଣ ଭଳି ରୋଗ ଉପରେ ନିୟନ୍ତ୍ରଣ କରିବାରେ ସହାୟତା କରିଥାଏ।
ଜରୁରୀ ସୂଚନା ଏକା ସଦୃଶ ନାମ, ପ୍ୟାକିଂ, ବିଜ୍ଞାପନ ଇତ୍ୟାଦିରୁ ସାବଧାନ, ଭ୍ରମିତ ହୁଅନ୍ତୁ ନାହିଁ ଏବଂ ସର୍ବୋତ୍ତମ 'ତୁଳସୀ ମନ୍ତ୍ରା' ହିଁ କିଣନ୍ତୁ।


Orissa S.S. : Orissa Drug Distributor (Cuttack) : 2308926, 2308090, 6371713025, Angul : 232710, 231021, 233578, 9861121114, 9439138737, Aska : 9437424001, 272476, Balasore : 9040605196, 8984225824, 266871, 9437754792, 264594, 9437296785, 260025, 260611, 263459, Bamra : 229249, 9937581962, 229266, Barbil : 277283, Bargarh : 246906, 231319, 9437344300, 9777189794, 8093836557, 233089, 230244, Baripada : 9437320423, 9861138256, 9438250003, 9437188717, 257155, 9437320602, Begunia (Khurda) : 9437429268, Berhampur : 9437438256, 9438430070, 9437062015, 2250508, 2250732, 8093328828, 2250789, 9437114236, 9439643040, 2250815, 2250741, Bhadrak : 9437215761, 9040193860, 325007, Bhawanipatna : 233203, Bhubaneswar : 2530442, 9861289000, 9937070886, 2531215, 9437353502, 2530804, 9853451234, 2303977, 9437359374, 2536051, 9040057896, 9437307031, 2532184, 2507586, Bolangir : 9437093264, 233055, 9437210750, 235303, Boudh : 9437154867, Cuttack : 9437247237, 9861102904, 2526335, 6548643, 9583910000, 2308918, 2308627, 2518862, 9937541732, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, 9338620009, Jaraka : 273230, 9437073032, Jatni : 9437162097, Jeypore : 9437406230, 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437689233, 9437250042, 271023, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, 9437070921, Khandapada : 7873439046, 9438424230, Khelar : 9437884540, Khurda : 220419, 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 233156, 9937071720, 225819, Rayagada : 9437643418, 222791, 9937060531, 223356, Rourkela : 2522187, 2522975, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 2532553, 9937065848, 2511996, 9439027507, 2400281, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

କ'ଣ ଆପଣ ବି ଅଛନ୍ତି ଠିକ୍ ଆଇ ଡ୍ରପ୍ ସନ୍ଧାନରେ... ?
ଯେଉଁ
- ଆଖିର କ୍ଳାନ୍ତି
- ବ୍ୟଥା
- ଆଖି ଉପରେ ଚାପ
- ଆଖି ଫୁଲିବା
- ଆଖି ଧରିବା

ନିତିଦିନିଆ ଧାଁଦଉଡ଼ରେ ଆମ ଆଖିରେ କେତେ ଧୂଳିମଳି ପଡ଼ିଥାଏ, ଆମେ ଜାଣିପାରି ନ ଥାଉ। ଯେଉଁମାନେ କମ୍ପ୍ୟୁଟର ସ୍କ୍ରିନ୍ ସାମ୍ନାରେ ୫ ଘଣ୍ଟା କାମ କରନ୍ତି, ଅଧିକ ଟିଭି ଦେଖନ୍ତି କିମ୍ବା ଦିନସାରା ମୋବାଇଲରେ ବ୍ୟସ୍ତ ରହିଥାନ୍ତି, ସେମାନଙ୍କ ଆଖିର ଆର୍ଦ୍ରତା କମିଯାଇଥାଏ। କେବଳ ଏତିକି ନୁହେଁ ବଢ଼ିଚାଲିଥିବା ପ୍ରଦୂଷଣ, ଆଖିରେ ଜ୍ୱଳନ, କୁଣ୍ଡିଆ, ଆଖିର କ୍ଳାନ୍ତି ଓ ଆଖି ଉପରେ ପଡୁଥିବା ଚାପ ସାଧାରଣ କଥାରେ ପରିଣତ ହୋଇଯାଇଛି। ଆଖି ପାଇଁ ଆମେ ବିଭିନ୍ନ ପ୍ରକାର ଦେଶୀ-ବିଦେଶୀ ଉପାୟ ମଧ୍ୟ ପ୍ରୟୋଗ କରି ଦେଖିଥାଉ। କିନ୍ତୁ ଆୟୁର୍ବେଦରେ ଉପଲବ୍ଧ ଔଷଧୀ ବ୍ୟବହାର କରି ଆମେ ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ନିଜ ଆଖିକୁ ଉପରୋକ୍ତ ସମସ୍ୟାରୁ ରକ୍ଷା କରିପାରିବା ।
ଏଥିପାଇଁ ଦିବିସା ହର୍ବାଲ୍ କେୟାର୍ ଆପଣଙ୍କ ଲାଗି ଆଣିଛନ୍ତି ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସ। ଯାହା ପ୍ରସ୍ତୁତ ହୋଇଛି ଗୋଲାପ, ଦାରୁହଳଦୀ, ମହୁ, ଅଁଳା, ତୁଳସୀ ଓ ପୋଦିନା ଭଳି 12 ଆୟୁର୍ବେଦିକ ଔଷଧୀରୁ। ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନାହିଁ ।
ଦିଗ୍‌ନିର୍ଦ୍ଦେଶ: 2ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁଯାୟୀ ବ୍ୟବହାର କରନ୍ତୁ।
24x7 HELPLINE : 0171-3055299 • Available at all leading medical stores.
Dr. Juneja's EYE Mantra Ayurvedic EYE Drops






ଏବେ ପଲ୍‌ସର୍ 125 କୁ ଅପ୍‌ଗ୍ରେଡ୍ କରନ୍ତୁ କମ ଇଏମ୍‌ଆଇ ରେ*

| | ଅନ୍ୟ 100cc ବାଇକ୍ | ପଲ୍‌ସର୍ 125 |
|---|---|---|
| ଋଣ ରାଶି | ₹56 000/- | ₹72 000/- |
| ଇଏମ୍‌ଆଇ | ₹2901/- | ₹3045/- |
| ଅବଧି (ମାସ) | 24 | 30 |

Call 7219821111
visit www.bajajauto.com
Scan for a callback
Finance partners: BAJAJ FINANCE LTD - AF, HDFC BANK We understand your world, IndusInd Bank

*ସର୍ତ୍ତ ଓ ନିୟମାବଳୀ ଲାଗିବ । 31 ଅଗଷ୍ଟ 2020 ପର୍ଯ୍ୟନ୍ତ ଅଫର୍ ବୈଧ । ଅଗ୍ରୀମ ସୂଚନା ବିନା ଯେକୌଣସି ବା ସବୁ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । କ୍ରେଡିଟ୍ ପାରାମିଟର୍‌ସ ଉପରେ ନିର୍ଭର କରେ । ଋଣ ରାଶି ଓ ଇଏମ୍‌ଆଇ ରାଶି 100 cc ଓ 125 cc ବାଇକ୍ ସକାଶେ ସୂଚକ ଅଟେ, ଯାହା ଫାଇନାନ୍ସିଅର୍ ଓ ପ୍ରଦେଶ ଉପରେ ନିର୍ଭର କରି, ମଡେଲ ଅନୁସାରେ ଭିନ୍ନ ହୋଇପାରେ । ଇଏମ୍‌ଆଇ ଅଫର୍ ଜନିତ ବା ସମ୍ପୃକ୍ତ କୌଣସି ବିବାଦ ସକାଶେ ବଜାଜ ଅଟୋ ଦାୟୀ ଧରାଯିବ ନାହିଁ ।

Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9439008692 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 9937144926, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8917443937, Tangi 8984562569, Sakhigopal 9853942290, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Parajang 9178061624, 06768261573, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Mahidharpur 7978559852/9937183086 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ